# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୯/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, January 9/2026 | Page 14 | ₹ 7.00 | RAYAGADA

୫୨ଶ ଭାଗ ୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 47 | ମୂଲ୍ୟ ₹୭/-







## କୋର୍ଟ ଉଡ଼ାଇଦେବାକୁ ଧମକ

**ହାଇକୋର୍ଟ ସମେତ କଟକ, ସମ୍ବଲପୁର, ଦେବଗଡ଼ ଜିଲା କୋର୍ଟ କାର୍ଯ୍ୟ ବ୍ୟାହତ**

ରାଜ୍ୟର ବିଭିନ୍ନ ଅଦାଲତରେ ଗୁରୁବାର ସ୍ୱାଭାବିକ ଭାବରେ କୋର୍ଟ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ କଟକ, ସମ୍ବଲପୁର ଏବଂ ଦେବଗଡ଼ ଜିଲା କୋର୍ଟକୁ ବୋମା ବିସ୍ଫୋରଣରେ ଉଡ଼ାଇଦେବାକୁ ଇ-ମେଲ୍ ଯୋଗେ ଧମକ ମିଳିଥିଲା। ଏହା ଜଣାପଡ଼ିବା ପରେ ତୁରନ୍ତ ଅଦାଲତରେ ବିଚାରପତିମାନେ କୋର୍ଟ କାର୍ଯ୍ୟ ବନ୍ଦ କରିବା ସହ ଓକିଲମାନଙ୍କୁ କୋର୍ଟ ରୁମ୍‌ରୁ ବାହାରକୁ ଚାଲିଯିବାକୁ କହିଥିଲେ। ସଙ୍ଗେ ସଙ୍ଗେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଡଗ୍ ଏବଂ ଆଣ୍ଟି ବମ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଗୃହ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ଥିତିର ସମୀକ୍ଷା କରିବାକୁ କହିଥିଲେ। ଯାଞ୍ଚ ପରେ ଏହା ଗୁଜବ ବୋଲି ଜଣାପଡ଼ିଥିଲା। ପରେ ଅପରାହ୍ନ ସାଢ଼େ ୨ଟାରୁ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। କିଏ ଏବଂ କାହିଁକି ମିଥ୍ୟା ଇ-ମେଲ୍ ପଠାଇ ଏଭଳି ଆତଙ୍କ ସ୍ଥିତି ସୃଷ୍ଟି କଲେ ତାକୁ ନେଇ ଖୋଳତାଡ଼ ଚାଲିଛି।



ଗୁରୁବାର ବୋମା ଧମକ ପରେ ହାଇକୋର୍ଟ ପରିସରରେ କମାଣ୍ଡୋଙ୍କ ଦ୍ୱାରା ଯାଞ୍ଚ କରାଯାଉଛି।

**କଟକ/ସମ୍ବଲପୁର/ଦେବଗଡ଼,୮।୧ (କାର୍ତ୍ତିକ ସାହୁ/ପ୍ରମୋଦ ବହିଦାର/ଶଶାଙ୍କ ଶେଖର ଝାଙ୍କର)**

ଇ-ମେଲରେ କୋର୍ଟକୁ ବୋମା ଧମକ ଖବର ପ୍ରଚାରିତ ହେବା ପରେ ହାଇକୋର୍ଟ ସମେତ ଜିଲା କୋର୍ଟରେ ଭୟର ବାତାବରଣ ଖେଳିଯାଇଥିଲା। ଓକିଲ ଓ ମହକିଲମାନେ କୋର୍ଟ ରୁମ୍‌କୁ ଯିବା ବଦଳରେ ବାହାରକୁ ପଳାଇ ଆସିଥିଲେ। ବାହାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଲୋକମାନେ ଏଣେତେଣେ ଇତସ୍ତତଃ ହେବା ସହ ଅଜଣା ଭୟ ସମସ୍ତଙ୍କୁ ଘାରିଥିଲା। ଦୀର୍ଘ ୩ଘଣ୍ଟା ଧରି କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ତେବେ ଏ ସଂକ୍ରାନ୍ତରେ ଖବର ପାଇ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ପୋଲିସ ବାହିନୀ ସହ ☞ପୃଷ୍ଠା-୪

## ଭାରତ ଉପରେ ଲାଗିପାରେ ୫୦୦% ଟାରିଫ୍

### ବିଲ୍‌କୁ ଟ୍ରମ୍ପ୍‌ଙ୍କ ଅନୁମୋଦନ


**ଯେଉଁ ଦେଶଗୁଡ଼ିକ ରୁଷିଆରୁ ତୈଳ, ଗ୍ୟାସ୍ କିମ୍ବା ୟୁରାନିୟମ ଆମଦାନୀ ଜାରିରଖିବେ, ସେମାନଙ୍କ ଉପରେ ଆମେରିକା ୫୦୦% ଯାଏ ଟାରିଫ୍ (ଶୁଳ୍କ) ଲଗାଇବ। ଏ ସମ୍ପର୍କିତ ଏକ ବିଲ୍ 'ସାଙ୍କଶନିଂ ଅଫ୍ ରୁଷିଆ ଆକ୍ଟ ୨୦୨୫'କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସବୁଜ ସଙ୍କେତ ଦେଇଛନ୍ତି। ରୁଷିଆର ଅର୍ଥନୈତିକ ଶକ୍ତିକୁ ଦୁର୍ବଳ କରି ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ଏହାର ମୂଳ ଲକ୍ଷ୍ୟ। ଏହା ଭାରତ, ଚାଇନା ଏବଂ ବ୍ରାଜିଲ ଭଳି ଦେଶଗୁଡ଼ିକ ଉପରେ ଚାପ ପକାଇବା ପାଇଁ ଏକ ଅସ୍ତ୍ର ଭାବେ କାମ କରିବ ବୋଲି ରିପବ୍ଲିକାନ୍ ସିନେଟର ଲିଣ୍ଡସେ ଗ୍ରାହାମ୍ କହିଛନ୍ତି। ଉକ୍ତ ବିଲ୍ ଆସନ୍ତା ସପ୍ତାହରେ ଆମେରିକା ସିନେଟ୍‌ରେ ଭୋଟିଂ ପାଇଁ ଆସିପାରେ। ଏହା ପାସ୍ ହୋଇଗଲେ ଭାରତୀୟ ରପ୍ତାନିକାରୀମାନଙ୍କ ପାଇଁ ଆମେରିକା ବଜାରରେ ବ୍ୟବସାୟ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ। ପୂର୍ବରୁ ଆମେରିକା ଏହି ପ୍ରସଙ୍ଗରେ ଭାରତ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ୨୦୨୫ ଅଗଷ୍ଟରୁ ଟ୍ରମ୍ପ୍ ପ୍ରଶାସନ ଭାରତୀୟ ସାମଗ୍ରୀ ଉପରେ ୫୦% ଟାରିଫ୍ ଲଗାଇଛି। ଏହାର ପ୍ରଭାବ ଅନେକ ଭାରତୀୟ ସାମଗ୍ରୀର ରପ୍ତାନି ଉପରେ ଗୁରୁତର ଭାବେ ପଡ଼ିଥିବାବେଳେ ଟ୍ରମ୍ପ୍‌ଙ୍କ ସଦ୍ୟ ପଦକ୍ଷେପ ଯୋଗୁ ଗୁରୁବାର ଭାରତୀୟ ଶେୟାର ବଜାରରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ସେନ୍‌ସେକ୍ସ ୭୮୦ ପଏଣ୍ଟ ଖସିଯାଇଛି।**

**ନ୍ୟୁୟର୍କ/ୱାଶିଂଟନ,୮।୧(ପି.ଟି./ଏଜେନ୍ସି)**

ୟୁକ୍ରେନ୍ ଯୁଦ୍ଧରେ ରୁଷିଆ ପାଇଁ ଇନ୍ଧନ ସାଜିଥିବା ରୁଷୀୟ ତୈଳ କ୍ରେତାମାନଙ୍କୁ ଟାର୍ଗେଟକରି ଆଗତ ଏକ ଦ୍ୱିଦଳୀୟ ବିଲ୍‌କୁ ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଅନୁମୋଦନ କରିଛନ୍ତି। ରୁଷିଆ ସାଙ୍କଶନ୍ସ ବିଲ୍ ଶୀର୍ଷକ ଉକ୍ତ ବିଧେୟକ ଅନୁସାରେ ଭାରତ, ଚାଇନା ଓ ବ୍ରାଜିଲ ସମେତ ମସ୍କୋର ବାଣିଜ୍ୟିକ ସହଯୋଗୀଗୁଡ଼ିକ ଉପରେ ଆମେରିକା ପକ୍ଷରୁ ୫୦୦% ଆମଦାନୀ ଶୁଳ୍କ କଷାଯାଇପାରେ। ରୁଷିଆଠାରୁ ଶସ୍ତାରେ ତୈଳ ଓ ୟୁରାନିୟମ୍ ଆମଦାନୀକୁ ରୋକିବା ପାଇଁ ଏହି ବିଲ୍‌ରେ ଟ୍ରମ୍ପ୍‌ଙ୍କୁପର୍ଯ୍ୟାପ୍ତ କ୍ଷମତା ପ୍ରଦାନ କରାଯାଇଛି।

ରିପବ୍ଲିକାନ୍ ସିନେଟର ଲିଣ୍ଡ୍‌ସେ ଗ୍ରାହାମ୍ ବୁଧବାର ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ସାକ୍ଷାତ୍ ବେଳେ ଉଭୟଙ୍କ ମଧ୍ୟରେ ରୁଷିଆ ସାଙ୍କସନ୍ସ ବିଲ୍ ଉପରେ ଫଳପ୍ରଦ ଆଲୋଚନା ହୋଇଛି। ଟ୍ରମ୍ପ୍ ଉକ୍ତ ବିଧେୟକକୁ ସବୁଜ ସଙ୍କେତ ଦେଇଥିବା ଲିଣ୍ଡ୍‌ସେ ସାମାଜିକ ଗଣମାଧ୍ୟମ ମଞ୍ଚ Xରେ ସୂଚନା ଦେଇଛନ୍ତି। ଲିଣ୍ଡ୍‌ସେ କହିଛନ୍ତି, ୟୁକ୍ରେନ୍ ଶାନ୍ତି ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିରୀହମାନଙ୍କୁ ହତ୍ୟା କରିବାରେ ଲାଗିଛନ୍ତି। ଏଭଳି ସମୟରେ ରୁଷିଆଠାରୁ ଶସ୍ତାରେ ତୈଳ କିଣି ପୁଟିନ୍‌ଙ୍କ ଯୁଦ୍ଧ ମେଶିନ୍‌କୁ ଇନ୍ଧନ ଯୋଗାଉଥିବା ଦେଶଗୁଡ଼ିକୁ ଦଣ୍ଡିତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ କ୍ଷମତା ପ୍ରଦାନକାରୀ ବିଧେୟକ ଅଣାଯାଇଛି। ଉକ୍ତ ବିଲ୍ ଉପରେ ଅନେକ ମାସ ଧରି ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା। ଆସନ୍ତା ସପ୍ତାହରେ ଏହି ଶକ୍ତିଶାଳୀ ବିଲ୍ ଉପରେ ଭୋଟିଂ ହୋଇପାରେ। ଲିଣ୍ଡ୍‌ସେ ଏବଂ ଡେମୋକ୍ରାଟିକ୍ ସିନେଟର ରିଚାର୍ଡ ବ୍ଲୁମେଣ୍ଟାଲଙ୍କ ଦ୍ୱାରା ଆଗତ ଉକ୍ତ ବିଲ୍ ପାରିତ ହେଲେ ଚାଇନା, ଭାରତ ଓ ବ୍ରାଜିଲ ଭଳି ଦେଶ ବିରୋଧରେ ଟ୍ରମ୍ପ୍ ୫୦୦% ଟାରିଫ୍ କଷିବା ଭଳି କଠୋର କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଏହାଦ୍ୱାରା ମସ୍କୋର ଆର୍ଥିକ ମେରୁଦଣ୍ଡ ଏକପ୍ରକାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଟ୍ରମ୍ପ୍ ପ୍ରଶାସନରେ ଅସମାନତା

## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ କ୍ଲବ୍ ଅଫ୍ ଇଣ୍ଡିଆଠାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଫେସର ମିଳିନ୍ଦ ସୁଧାକର ମୁରାତେ ଏବଂ ଭାରତରେ କାତାର ରାଷ୍ଟ୍ରଦୂତ ଥିବା ମହମ୍ମଦ ହାସନ ଜବିର ଉପସ୍ଥିତ ଅଛନ୍ତି। (ଫଟୋ: ଚମନ ଗୌତମ)

# ୬୬ ଅନ୍ତର୍ଜାତୀୟ ସଂସ୍ଥାରୁ ଓହରିଲା ଆମେରିକା

ଜାତିସଂଘ/ୱାଶିଂଟନ୍,୮।୧(ରଏଟର୍ସ/ପି.ଟି.)

ଆମେରିକା ୬୬ଟି ଅନ୍ତର୍ଜାତୀୟ ସଂସ୍ଥାରୁ ଓହରିଯାଇଛି। ସେଥିରୁ ୩୧ ସଂସ୍ଥା ଜାତିସଂଘ ଅଧୀନରେ ଥିବାବେଳେ ୩୫ଟି ଅନ୍ୟ ବୈଶ୍ୱିକ ଅନୁଷ୍ଠାନ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଷ୍ପତ୍ତି କ୍ରମେ ଏହି ପଦକ୍ଷେପ ନିଆଯାଇଛି। ଭାରତ-ଫ୍ରାନ୍ସ ନେତୃତ୍ୱାଧୀନ ଅନ୍ତର୍ଜାତୀୟ ସୋଲାର ଆଲାଏନ୍ସ ସମେତ ଏହି ସଂସ୍ଥାଗୁଡ଼ିକୁ ଟ୍ରମ୍ପ 'ଅନାବଶ୍ୟକ' ଓ 'ଆମେରିକାର ସ୍ୱାର୍ଥ ପରିପନ୍ଥୀ' ବୋଲି ଅଭିହିତ କରିଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପ ବୁଧବାର 'ୱିଥ୍‌ଡ୍ରଇଂ ଦି ୟୁନାଇଟେଡ୍ ଷ୍ଟେଟ୍ସ ଫ୍ରମ୍ ଇଣ୍ଟରନ୍ୟାନାଶନାଲ କନ୍‌ଭେନ୍‌ଶନ୍ସ ଆଣ୍ଡ୍ ଟ୍ରିଟିଜ୍‌ଦ୍ୟାଟ୍‌ଆର୍‌କଣ୍ଟ୍ରାରି ଟୁ ଦି ଇଣ୍ଟରେଷ୍ଟସ ଅଫ୍ ଦି ୟୁନାଇଟେଡ୍ ଷ୍ଟେଟ୍ସ' ଶୀର୍ଷକ ଏକ ମେମୋରାଣ୍ଡମ୍‌ରେ ସ୍ୱାକ୍ଷର କରିଛନ୍ତି। ଏହା ପରେ ଟ୍ରମ୍ପ କହିଛନ୍ତି, ଆମେରିକାର ସ୍ୱାର୍ଥ ବିରୋଧୀ ୬୬ଟି ଜାତିସଂଘ ଓ ଅଣଜାତିସଂଘ ସଂସ୍ଥାକୁ ୱାଶିଂଟନ ଆଉ ସମର୍ଥନ ଦେବନାହିଁ କି ସେଗୁଡ଼ିକରେ ସଦସ୍ୟ ରହିବ ନାହିଁ। ଏହି ସଂସ୍ଥାଗୁଡ଼ିକ ଆମେରିକାର ଜାତୀୟ ସ୍ୱାର୍ଥ, ନିରାପତ୍ତା, ଅର୍ଥନୈତିକ ସମୃଦ୍ଧି ଓ ସାର୍ବଭୌମତ୍ୱ ବିରୋଧରେ କାର୍ଯ୍ୟ କରୁଥିବା ହ୍ୱାଇଟ୍ ହାଉସ୍ ସୂତ୍ରରୁ କୁହାଯାଇଛି। ତଦନୁସାରେ ଟ୍ରମ୍ପ ସମସ୍ତ କାର୍ଯ୍ୟନିର୍ବାହୀ ବିଭାଗ ଓ ଏଜେନ୍ସିଗୁଡ଼ିକୁ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତିସଂଘ ସଂସ୍ଥାଗୁଡ଼ିକରୁ ଆମେରିକା ଓହରିଯିବାର ତାତ୍ପର୍ଯ୍ୟ ହେଉଛି ସେଗୁଡ଼ିକୁ ୱାଶିଂଟନ୍ ଆଉ କୌଣସି ପାଣ୍ଠି ଯୋଗାଇବ ନାହିଁ।

ଉକ୍ତ ସଂସ୍ଥାଗୁଡ଼ିକ ମଧ୍ୟରେ ରହିଛି ଇଣ୍ଟରନ୍ୟାଶନାଲ ସୋଲାର ଆଲାଏନ୍ସ (ଆଇଏସ୍ଏ), ଯାହାକି ଭାରତ ଓ ଫ୍ରାନ୍ସ ସମନ୍ୱୟରେ ଗଠିତ। ସୌର ଶକ୍ତି ସମାଧାନକୁ କାର୍ଯ୍ୟକାରୀ କରି ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ମିଳିତ ଉଦ୍ୟମ ଚଳାଇବା ହେଉଛି ଏହାର ଉଦ୍ଦେଶ୍ୟ। ଭାରତରେ ମୁଖ୍ୟାଳୟ ଥିବା ଆଇଏସ୍ଏର ଆରମ୍ଭ ୨୦୧୫ରେ ପ୍ୟାରିସ୍ ଜଳବାୟୁ ସମ୍ମିଳନୀ (କୋପ୍୨୧) ବେଳେ କରାଯାଇଥିଲା। ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ଏଥିରେ ଅନ୍ତର୍ଭୁକ୍ତ। ବର୍ତ୍ତମାନ ଆଇଏସ୍‌ରେ ଶତାଧିକ ଦେଶ ଥିବାବେଳେ ୯୦ରୁ ଅଧିକ ରାଷ୍ଟ୍ର ପୂର୍ଣ୍ଣ ସଦସ୍ୟତା ପାଇଁ ଆବେଦନ କରିଛନ୍ତି। ୨୦୩୦ ସୁଦ୍ଧା ଟେକ୍ନୋଲୋଜି ଓ ବ୍ୟୟ ହ୍ରାସ ଜରିଆରେ ୧ ଟ୍ରିଲିୟନ୍ ଅମେରିକୀୟ ଡଲାର ସୌର ନିବେଶ କରିବା ପାଇଁ ଏହି ମିଶନରେ ଲକ୍ଷ୍ୟ ରଖାଯାଇଛି। ଏଥିରୁ ଆମେରିକା ଓହରିଯିବା ଭାରତ ଓ ଫ୍ରାନ୍ସ ସମେତ ସ୍ୱାକ୍ଷରକାରୀ ରାଷ୍ଟ୍ରଗୁଡ଼ିକ ପାଇଁ ଏକ ବଡ଼ ଝଟକା ବୋଲି ମନେକରାଯାଉଛି।

ଆମେରିକା ୟୁଏନ୍ ଓମେନ୍, ୟୁଏନ୍ ପପୁଲେଶନ୍ ଫଣ୍ଡ (ୟୁଏନ୍‌ଏଫ୍‌ପିଏ)ରୁ ମଧ୍ୟ ଓହରିଛି। ଜାତିସଂଘର ଜଣେ ମୁଖପାତ୍ର କହିଛନ୍ତି, ଟ୍ରମ୍ପ ପ୍ରଶାସନ ଓହରିଯାଇଥିବା ସଂସ୍ଥାଗୁଡ଼ିକର ସମ୍ପୂର୍ଣ୍ଣ ତାଲିକାକୁ ଅନୁଧ୍ୟାନ କରିବା ପରେ ଏହା ଉପରେ ପ୍ରତିକ୍ରିୟା ଦିଆଯିବ।

## ସ୍ତ୍ରୀ, ୨ ଝିଅଙ୍କୁ ହତ୍ୟାକରି ବ୍ୟବସାୟୀଙ୍କ ଆତ୍ମହତ୍ୟା

ଚଣ୍ଡିଗଡ଼,୮।୧

ପଞ୍ଜାବର ଫିରୋଜପୁରରେ ଗୋଟିଏ ପରିବାରର ୪ ଜଣଙ୍କ ମୃତଦେହ ସେମାନଙ୍କ ଘରୁ ମିଳିଛି। ପରିବାରର ମୁଖ୍ୟ ଅମନଦୀପ୍ ସିଂ ଜଣେ ବ୍ୟବସାୟୀ। ସେ ଏକ ଲାଇସେନ୍ସପ୍ରାପ୍ତ ରିଭଲଭରରେ ତାଙ୍କ ସ୍ତ୍ରୀ ଓ ୨ ନାବାଳିକା ଝିଅଙ୍କୁ ଗୁଳିକରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ମୃତକ ହେଲେ ଅମନଦୀପ, ସ୍ତ୍ରୀ ଯଶବୀର କୌର, ଝିଅ ମନବୀର କୌର(୧୦) ଏବଂ ପରମିତ୍ କୌର(୬)। ସେମାନେ ଫିରୋଜପୁରର ହର୍‌ମାନ ନଗର ଅଞ୍ଚଳରେ ରହୁଥିଲେ। ଅମନଦୀପ ଜମିଜମା ବ୍ୟବସାୟ ଏବଂ ନିର୍ମାଣ ବ୍ୟବସାୟରେ ସମ୍ପୃକ୍ତ ଥିବାବେଳେ ତାଙ୍କ ସ୍ତ୍ରୀ ଏକ ବିଉଟିପାର୍ଲର ଚଳାଉଥିଲେ।

## ସିପିଏମ୍ ନେତାଙ୍କୁ ହତ୍ୟା ମାମଲା ଆର୍‌ଏସ୍‌ଏସ୍-ଭାଜପାର ୭ କର୍ମୀଙ୍କୁ ଆଜୀବନ ଜେଲ

କନ୍ନୁର(କେରଳ),୮।୧

କେରଳର ଜଣେ ସ୍ଥାନୀୟ ସିପିଆଇ(ଏମ୍) ନେତାଙ୍କୁ ହତ୍ୟା ମାମଲାରେ ଥାଲାସେରିର ଏକ ଅଦାଲତ ଆର୍‌ଏସ୍‌ଏସ୍-ଭାଜପାର ୭ ଜଣ କର୍ମୀଙ୍କୁ ଗୁରୁବାର ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସୁମିଥ ଓରଫ କୁଟ୍ଟନ, କେ.କେ. ପ୍ରଜେଶ ବାବୁ, ବି.ନିଧିନ, କେ ସାନାଲ, ସ୍ମିଜୋଶ, ସାଜିଶ ଏବଂ ଭି. ଜୟେଶଙ୍କୁ ଅତିରିକ୍ତ ଜିଲା ଓ ସେସନ୍ସ କୋର୍ଟ ବିଚାରପତି ବିମଲ ଜେ. ଦୋଷୀସାବ୍ୟସ୍ତ କରିଥିଲେ। ଅନ୍ୟ ୪ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷ ଦର୍ଶାଇଛନ୍ତି। ବିଚାର ପ୍ରକ୍ରିୟା ଚାଲିଥିବା ସମୟରେ ଅଷ୍ଟମ ଅଭିଯୁକ୍ତ କେ. ଆଜିଥଙ୍କର ମୃତ୍ୟୁ ଘଟିଥିଲା। ରାଜନୈତିକ ଶତ୍ରୁତାରୁ ୨୦୦୮ ଡିସେମ୍ବର ୩୧ରେ ସିପିଆଇ(ଏମ୍)ର ସ୍ଥାନୀୟ ନେତା ଲାଥିଶଙ୍କୁ ଥାଲାସେରିର ଥାଲାୟୀ ଅଞ୍ଚଳରେ ହତ୍ୟା କରାଯାଇଥିଲା ଓ ଆକ୍ରମଣରେ ତାଙ୍କ ବନ୍ଧୁ ଆହତ ହୋଇଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ଦଙ୍ଗା, ବେଆଇନ ଭାବେ ନିୟନ୍ତ୍ରଣ କରିବା, ଧମକ ଦେବା, ଷଡ଼ଯନ୍ତ୍ର ଏବଂ ହତ୍ୟା ଓ ହତ୍ୟା ଉଦ୍ୟମ ଆଦି ଆଇପିସିର ବିଭିନ୍ନ ଧାରା ଏବଂ ବିସ୍ଫୋରକ ସାମଗ୍ରୀ ଆଇନରେ ମାମଲା ରୁଜୁ ହୋଇଥିଲା। ୨୦୨୦ ଜାନୁଆରୀ ୭ରୁ ବିଚାର ଆରମ୍ଭ ହୋଇଥିଲା।

## କୋଇଲା ଦୁର୍ନୀତିରେ ଆଇ-ପିଏସି

# ଚଢ଼ାଉ ବେଳେ ଇଡି-ମମତା ମୁହାଁମୁହିଁ

- ତଦନ୍ତ ନାଁରେ ଟିଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି: ମମତା
- ମମତାଙ୍କ ବିରୋଧରେ ହାଇକୋର୍ଟ ଗଲା ଇଡି, ଶୁଣାଣି ଆଜି

କୋଲକାତା,୮।୧

ବେଆଇନ କୋଇଲା ଖଣି ଖନନ ସମ୍ପର୍କିତ ମନି ଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗୁରୁବାର ପଶ୍ଚିମବଙ୍ଗ ଓ ଦିଲ୍ଲୀରେ ଚଢ଼ାଉ ବେଳେ ହାଇଡ୍ରାମା ଦେଖିବାକୁ ମିଳିଛି। କୋଲକାତାସ୍ଥିତ ଇଣ୍ଡିଆନ୍ ପଲିଟିକାଲ ଆକ୍ସନ କମିଟି (ଆଇ-ପିଏସି) ଅଫିସ ଏବଂ ଉକ୍ତ ସଂସ୍ଥାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ବାସଭବନରେ ଚଢ଼ାଉ ଚାଲିଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପହଞ୍ଚି ଏହାର ଦୃଢ଼ ବିରୋଧ କରିଛନ୍ତି। ଆଇ-ପିଏସି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନିର୍ବାଚନ ପରିଚାଳନା କରୁଥିବାରୁ ଦଳର ରଣନୀତି ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ସମ୍ବଳିତ ହାର୍ଡ ଡିସ୍କ ଏବଂ ଆଭ୍ୟନ୍ତରୀଣ ଦସ୍ତାବିଜଗୁଡ଼ିକୁ ଜବତ କରିବା ପାଇଁ କେନ୍ଦ୍ରୀୟ ଏଜେନ୍ସି ଉଦ୍ୟମ ଚଳାଇଥିବା ମମତା ଅଭିଯୋଗ ଆଣିଛନ୍ତି।

ବେଆଇନ କୋଇଲା ଖଣି ଖନନ ପ୍ରସଙ୍ଗରେ ୨୦୨୦ରେ ଏଫ୍‌ଆଇଆର୍ ହୋଇଥିଲା। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍ଏ) ବଳରେ ଏହାର ତଦନ୍ତ ପାଇଁ ଇଡି ଅଧିକାରୀମାନେ ଗୁରୁବାର ପଶ୍ଚିମବଙ୍ଗର ୬ ଓ ଦିଲ୍ଲୀର ୪ ସ୍ଥାନରେ ସକାଳ ୬ଟାରେ ଚଢ଼ାଉ କରିଥିଲେ। ଏହି ତଲାସି ଅଭିଯାନ ୯ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ଏଥିରେ ଆଇ-ପିଏସି ମୁଖ୍ୟ ପ୍ରତୀକ ଜୈନଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ଇଡି ତାଙ୍କ ଅଫିସରେ ଚଢ଼ାଉ କରିବାବେଳେ ଟିଏମ୍‌ସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପହଞ୍ଚି ତଦନ୍ତରେ ବାଧା ଦେଇଥିବା ଏଜେନ୍ସି ପକ୍ଷରୁ ଅଭିଯୋଗ ହୋଇଛି। ମମତା କହିଛନ୍ତି, ତାଙ୍କ ଆଇଟି ସେଲ୍ ଦାୟିତ୍ୱରେ ଥିବା ପ୍ରତୀକଙ୍କ ଘର ଓ ଅଫିସରେ ଚଢ଼ାଉ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଅସାମ୍ବିଧାନିକ। ଅପରାହ୍ନରେ କୋଲକାତା ପୋଲିସ କମିଶନର ମନୋଜ ବର୍ମା ପ୍ରତୀକଙ୍କ ବାସଭବନରେ ପହଞ୍ଚିବାର କିଛି ମିନିଟ୍ ପରେ ମମତା ମଧ୍ୟ ସେଠାକୁ ଯାଇଥିଲେ। ମମତା ସେଠାରେ ୨୦-୨୫ ମିନିଟ୍ ରହିବା ପରେ ସେଠାରୁ ଏକ ଗ୍ରୀନ୍ ଫୋଲ୍ଡର ଧରି ବାହାରିଥିଲେ। ଟିଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ ରଣନୈତିକ ତଥ୍ୟ ରହିଥିବା ଦସ୍ତାବିଜ ଓ ହାର୍ଡ ଡିସ୍କଗୁଡ଼ିକୁ ଇଡି ଅଧିକାରୀମାନେ ଜବତ କରିଛନ୍ତି। ସେଥିରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଟିଏମ୍‌ସିର ଦଳୀୟ ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ବିବରଣୀ ରହିଛି। ସେଗୁଡ଼ିକୁ ଫେରସ୍ତ କରାଯାଉ ବୋଲି ଗଣମାଧ୍ୟମ ସମ୍ମୁଖରେ ମମତା କହିଛନ୍ତି। ରାଜନୈତିକ ଦଳର ଡାଟା ସଂଗ୍ରହ କରିବା ଇଡିର କର୍ତ୍ତବ୍ୟ କି ବୋଲି ମମତା ପ୍ରଶ୍ନ କରିଛନ୍ତି। ଆଇପିଏସି ଟିଏମ୍‌ସିକୁ ରାଜନୈତିକ କନ୍‌ସଲ୍ଟାନ୍ସି ପ୍ରଦାନ ସହ ଦଳର ଆଇଟି ଏବଂ ମିଡିଆ ଅପରେଶନ୍ ମଧ୍ୟ ପରିଚାଳନା କରିଥାଏ। ତେଣୁ ଚଳିତବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଯାଞ୍ଚ ଭାଜପାର ରଜନୈତିକ ପ୍ରତିଶୋଧ ବୋଲି ମମତା କହିଛନ୍ତି। ଟିଏମ୍‌ସି ସୁପ୍ରିମୋ ଆହୁରି ଅଭିଯୋଗ ଆଣିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବିରୋଧୀ ଦଳଗୁଡ଼ିକୁ ଭୟଭୀତ କରାଇବା ପାଇଁ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଛନ୍ତି। ଦେଶକୁ ସୁରକ୍ଷା ଦେଇପାରୁ ନ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ବାଚନ ପୂର୍ବରୁ ଏଜେନ୍ସିଗୁଡ଼ିକୁ ପଠାଉଛନ୍ତି। ସେ ଜିରୋରେ ପରିଣତ ହୋଇଯିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ନିୟନ୍ତ୍ରଣରେ ରଖିବା ଜରୁରୀ ବୋଲି ମମତା କହିଛନ୍ତି। ସକାଳ ୬ଟାରେ ସଲ୍ଟ ଲେକ୍‌ସ୍ଥିତ ସେକ୍ଟର-ଭି'ର ଆଇ-ପିଏସି ଅଫିସରେ କେହି ନ ଥିବାବେଳେ ଇଡି ସେଠାରେ ତଲାସି କରିବା ଦୁର୍ଭାଗ୍ୟଜନକ। ଏହା ଏକ ଅପରାଧ ବୋଲି ମମତା ଅଭିଯୋଗ ଆଣିଛନ୍ତି।



ସୂତ୍ରରୁ ଜଣାପଡ଼ିଛି ଯେ, ମମତା ପ୍ରତୀକଙ୍କ ଘରେ ଥିବାବେଳେ ତଲାସି ସମୟରେ ଆଇ-ପିଏସି ଅଫିସରୁ ଅନେକ ଫାଇଲକୁ ସେଠାରୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଗାଡ଼ିରେ ରଖାଯାଇଥିଲା। ଅପରାହ୍ନ ୧ଟାରେ ମମତା ସେକ୍ଟର-ଭି ଅଫିସରେ ପହଞ୍ଚିଥିଲେ। ସେତେବେଳେ ବିଧାନନଗର ପୋଲିସ କମିଶନରେଟ୍‌ର ବରିଷ୍ଠ ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ରହିଥିଲେ। ଏପରି କି ଟିଏମ୍‌ସିର କେତେଜଣ ନେତା ଓ ମନ୍ତ୍ରୀ ସେଠାରେ ଉପସ୍ଥିତ ଥିଲେ। ବିଧାନନଗର ମେୟର କ୍ରିଷ୍ଣା ଚକ୍ରବର୍ତ୍ତୀ ଓ ମନ୍ତ୍ରୀ ସୁଜିତ ବୋଷ ମଧ୍ୟ ଡିଜିପି ରାଜୀବ କୁମାରଙ୍କ ସହ ସେଠାରେ ରହିଥିଲେ। କେନ୍ଦ୍ରୀୟ ବଳ ବହୁତଳ ବିଶିଷ୍ଟ ଆଇ-ପିଏସି ଅଫିସର ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରିଦେଇଛି। ତେବେ ମମତା ଜଣେ ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ତଦନ୍ତରେ ବାଧା ଦେଉଥିବା ଇଡି ପକ୍ଷରୁ ଅଭିଯୋଗ କରାଯାଇଛି। କୋଇଲା ଚାଲାଣ ଓ ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ମମତା ସୁରକ୍ଷା ଦେଉଥିବା ଅଭିଯୋଗ ଆଣି ଇଡି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ବିନା ବାଧାରେ ତଦନ୍ତ କରିବାକୁ ଦିଆଯିବା ଲାଗି ହାଇକୋର୍ଟ ହସ୍ତକ୍ଷେପ କରନ୍ତୁ ବୋଲି ଇଡି ନିଜ ପିଟିଶନରେ ନିବେଦନ କରିଛି। ହାଇକୋର୍ଟ ଶୁକ୍ରବାର ଏହା ଉପରେ ଶୁଣାଣି କରିପାରନ୍ତି। ଇତିମଧ୍ୟରେ ଇଡି ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। କୌଣସି ପାର୍ଟି ଅଫିସରେ ତଲାସି କରାଯାଇନାହିଁ। ଏହା କୌଣସି ନିର୍ବାଚନ ସହ ସମ୍ପୃକ୍ତ ନୁହେଁ, ବରଂ ମନି ଲଣ୍ଡରିଂ ବିରୋଧରେ ଚାଲିଥିବା ତଦନ୍ତର ଅଂଶବିଶେଷ। ଆଇନ ଅନୁସାରେ ଏହା କରାଯାଇଛି ବୋଲି ଇଡି ଉକ୍ତ ବିବୃତିରେ ସଫେଇ ଦେଇଛି। ସେପଟେ ପ୍ରତୀକଙ୍କ ପରିବାର ପକ୍ଷରୁ ମଧ୍ୟ ଇଡି ବିରୋଧରେ ଥାନାରେ ଏତଲା ଦିଆଯାଇଛି। ଚଢ଼ାଉ ବେଳେ ଇଡି ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି କରିନେଇଥିବା ଏଥିରେ ଅଭିଯୋଗ କରାଯାଇଛି।

## ହିନ୍ଦୁ କର୍ମୀ ଦୀପୁ ଦାସ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ଢାକା,୮।୧

ବାଂଲାଦେଶରେ ହିନ୍ଦୁ କର୍ମୀ ଦୀପୁ ଦାସଙ୍କୁ ପିଟି ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ମଦ୍ରାସାର ପୂର୍ବତନ ଶିକ୍ଷକ ୟାସିନ ଆରାଫତ୍‌ଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୨୧ ଜଣଙ୍କୁ ଗିରଫ କରାଗଲାଣି ବୋଲି ବାଂଲାଦେଶ ପୋଲିସ କହିଛି। ଗତ ମାସ ୧୮ ତାରିଖରେ ମିମେନ୍‌ସିଂ ଜିଲାର ସ୍କୋୟାର ମାଷ୍ଟରବାରି ଅଞ୍ଚଳରେ ହିନ୍ଦୁ ଯୁବକ ଦୀପୁଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ହତ୍ୟା କରିବା ପରେ ଗଛରେ ଝୁଲାଇ ଜାଳିଦେଇଥିଲେ। ୨୫ ବର୍ଷୀୟ ୟାସିନ୍ ଏହି ଭିଡ଼ ହିଂସାର ନେତୃତ୍ୱ ନେଇଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମ କହିଛି। ସେ ଶେଖବାରି ମସ୍‌ଜିଦର ଇମାମ ରହିବା ସହ ୧୮ ମାସ ହେଲା ଏକ ମଦ୍ରାସାରେ ପାଠ ପଢ଼ାଉଥିଲେ।

## ଗୋରୁ ଚୋରି ଅଭିଯୋଗରେ ମୁସଲମାନ ଯୁବକଙ୍କୁ ପିଟି ହତ୍ୟା

ରାଞ୍ଚି,୮।୧

ଝାଡ଼ଖଣ୍ଡର ଗୋଡା ଜିଲାରେ ଗୋରୁ ଚୋରି ସନ୍ଦେହରେ ଜଣେ ୪୫ ବର୍ଷୀୟ ମୁସଲମାନ ଯୁବକଙ୍କୁ ପିଟି ହତ୍ୟା କରାଯାଇଛି। ପୋରାୟାହାଟ ଥାନା ଅନ୍ତର୍ଗତ ମାତିହାନି ଗ୍ରାମରେ ବୁଧବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ମୃତକ ରାନିପୁର ଗ୍ରାମର ପପ୍ପୁ ଅନ୍‌ସାରୀ ବୋଲି ଜଣାପଡିଛି। ଆକ୍ରମଣକାରୀମାନେ ପପ୍ପୁଙ୍କ ବିରୋଧରେ ଗୋରୁ ଚୋରି ଅଭିଯୋଗ ଆଣିଥିଲେ।

# ନିଯୁକ୍ତି ଦୁର୍ନୀତି, ଦେଶବ୍ୟାପୀ ଇଡି ଚଢ଼ାଉ

ନୂଆଦିଲ୍ଲୀ,୮।୧

### ୪୦ରୁ ଊର୍ଦ୍ଧ୍ୱ ବିଭାଗ ନାଁରେ ଦିଆଯାଉଥିଲା ଜାଲ୍ ନିଯୁକ୍ତି

ସରକାରୀ ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦେଶବ୍ୟାପୀ ଚଢ଼ାଉ କରିଛି। ଏକ ସଂଗଠିତ ଗ୍ୟାଙ୍ଗ୍ ଜାଲ୍ ନିଯୁକ୍ତି ପ୍ରଦାନକରି ଆଶାୟୀଙ୍କୁ ଠକୁଥିଲେ। ରେଲୱେରେ ଏଭଳି ଦୁର୍ନୀତି ଚାଲିଥିବା ପ୍ରଥମେ ଜଣାପଡ଼ିଥିବାବେଳେ ପରେ ୪୦ରୁ ଊର୍ଦ୍ଧ୍ୱ ସରକାରୀ ସଂସ୍ଥା ଏବଂ ବିଭାଗରେ ଏହି ନେଟ୍‌ୱର୍କ ଚାଲିଥିବା ଜଣାପଡ଼ିଛି। ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ରହିଛି ବନ ବିଭାଗ, ରେଲୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ, ଇଣ୍ଡିଆନ୍ ପୋଷ୍ଟ, ଆୟକର ବିଭାଗ, ହାଇକୋର୍ଟ, ପିଡବ୍ଲ୍ୟୁଡି, ବିହାର ସରକାର, ଡିଡିଏ ଏବଂ ରାଜସ୍ଥାନ ସଚିବାଳୟ। ଗ୍ୟାଙ୍ଗ୍ ସଦସ୍ୟମାନେ ସରକାରୀ ଅଫିସରଙ୍କ ପରିଚୟ ଥିବା ଜାଲ୍ ଇମେଲ୍ ଆକାଉଣ୍ଟ ବ୍ୟବହାର କରୁଥିଲେ। ଚାକିରି ଆଶାୟୀଙ୍କ ବିଶ୍ୱାସ ଜିତିବା ପାଇଁ କେତେକ ଗ୍ୟାଙ୍ଗ୍ ସେମାନଙ୍କୁ ଆରପିଏଫ୍ କର୍ମଚାରୀ, ଟିଟିଇ ଏବଂ ରେଲୱେର ଟେକ୍ନିସିଆନ ଭାବେ ନିଯୁକ୍ତି ଦେଇ ୨ରୁ ୩ ମାସ ବେତନ ମଧ୍ୟ ପୈଠ କରୁଥିଲେ।

ଏହାର ତଦନ୍ତର ଅଂଶବିଶେଷ ସ୍ୱରୂପ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦେଶର ୧୫ଟି ସ୍ଥାନରେ ଚଢ଼ାଉ କରିଛି। ମୁଜାଫରପୁରର ଗୋଟିଏ ସ୍ଥାନ, ବିହାର ମୋତିହାରିର ୨ଟି, କୋଲକାତାର ୨ଟି, କେରଳର ୪ଟି, ଚେନ୍ନାଇର ଗୋଟିଏ, ରାଜକୋଟର ଗୋଟିଏ, ଉତ୍ତରପ୍ରଦେଶର ୪ଟି ସ୍ଥାନରେ ଏହି ଚଢ଼ାଉ ହୋଇଛି।

## ଭାରତର ଆର୍ଥିକ ନିଅଣ୍ଟ ଧାର୍ଯ୍ୟସୀମା ଟପିବ

ଚେନ୍ନାଇ,୮।୧

ଖର୍ଚ୍ଚକାଟ କରି ବଜେଟ ନିଅଣ୍ଟ କମାଇବା ଏବଂ ସରକାରୀ ଋଣରେ ସ୍ଥିରତା ଆଣିବା ପାଇଁ ସରକାରଙ୍କ ଉଦ୍ୟମ ପରବର୍ତ୍ତୀ ଆର୍ଥିକ ବର୍ଷ ଉପରେ ଚାପ ପକାଇପାରେ। ୨୦୨୬-୨୭ ବଜେଟରେ ସରକାର ଆର୍ଥିକ ନିଅଣ୍ଟ ପରିମାଣ ୪.୩ ପ୍ରତିଶତ ଘୋଷଣା କରିପାରନ୍ତି। ତେବେ ଏହା ଆର୍ଥିକ ନିଅଣ୍ଟ ପରିମାଣ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୬%କୁ ବଢ଼ିପାରେ ଏକ ରିପୋର୍ଟରେ କୁହାଯାଇଛି। ଫିଚ୍ ସଲ୍ୟୁଶନର ଶାଖା ବିଏମ୍‌ଆଇ ପକ୍ଷରୁ ଗୁରୁବାର ଉକ୍ତ ରିପୋର୍ଟ ପ୍ରକାଶ ପାଇଛି।

## ଭାରତୀୟ ଏଆଇ ଷ୍ଟାର୍ଟଅପ୍ ବୈଶ୍ୱିକ ନେତୃତ୍ୱ ଦିଗରେ କାମ କରନ୍ତୁ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୮।୧(ପି.ଟି.)

ଭାରତ ଉପରେ ବିଶ୍ୱର ବିଶ୍ୱାସ ହେଉଛି ଏହାର ସବୁଠୁ ବଡ଼ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ଭାରତୀୟ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମଡେଲଗୁଡ଼ିକ ଯେପରି ନୈତିକ, ନିରପେକ୍ଷ, ସ୍ୱଚ୍ଛ ଏବଂ ଡାଟା ପ୍ରିଭେସି ସିଦ୍ଧାନ୍ତ ଆଧାରିତ ହେବ ତାହା ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏଠାରୁ ଷ୍ଟାର୍ଟଅପ୍‌ଗୁଡ଼ିକ ବୈଶ୍ୱିକ ନେତୃତ୍ୱ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ଭାରତ ସାରା ବିଶ୍ୱରେ ଶସ୍ତା ଏବଂ ଇନ୍‌କ୍ଲୁସିଭ୍ ଏଆଇ ଏବଂ ମିତବ୍ୟୟୀ ନବପ୍ରବର୍ତ୍ତନର ପ୍ରସାର କରିପାରିବ। ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟି, ୨୦୨୬ ପୂର୍ବରୁ ଭାରତୀୟ ଆଇଟି ଷ୍ଟାର୍ଟଅପ୍‌ମାନଙ୍କ ଏକ ବୈଠକରେ ପ୍ରଧାନମନ୍ତ୍ରୀ ଏଭଳି ପରାମର୍ଶ ଦେଇଛନ୍ତି। ଭାରତୀୟ ଏଆଇ ମଡେଲ ସ୍ୱତନ୍ତ୍ର ହେବା ସହ ସ୍ଥାନୀୟ ଏବଂ ସ୍ୱଦେଶୀ କଣ୍ଟେଣ୍ଟ ଏବଂ ଆଞ୍ଚଳିକ ଭାଷାର ପ୍ରୋତ୍ସାହନ କରୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଫୁରସତ୍

# ବାମନଙ୍କ ଗାଁ

ଏଭଳି ଏକ ଗାଁ, ଯାହାକୁ ପଡ଼ୋଶୀ ଗାଁଗୁଡ଼ିକର ଲୋକେ 'ଅଭିଶପ୍ତ ଗାଁ'ର ଅଖ୍ୟା ଦେଇଥାନ୍ତି। କାରଣ ଏହି ଗାଁର ପ୍ରାୟ ଅଧା ଲୋକଙ୍କ ଉଚ୍ଚତା ୪ଫୁଟ୍‌ରୁ କମ୍ ହୋଇଥାଏ। ଏପରିକି ଏହି ଗାଁକୁ ମଧ୍ୟ ବାମନଙ୍କ ଗାଁ କୁହାଯାଇଥାଏ। 'ୟାଙ୍ଗ୍‌ସି' ନାମରେ ପରିଚିତ ଉକ୍ତ ଗ୍ରାମଟି ଚାଇନାର ସିଚୁଆନ ପ୍ରଦେଶରେ ଅବସ୍ଥିତ। ଏହି ଗାଁର ୫୦ ପ୍ରତିଶତ ଲୋକ ବାମନ। ଏଠାରେ ଜନ୍ମିତ ପିଲାମାନଙ୍କ ଉଚ୍ଚତା ୫ରୁ ୭ବର୍ଷ ବୟସ ପର୍ଯ୍ୟନ୍ତ ବଢ଼ିଥାଏ। ସାତ ବର୍ଷ ବୟସ ପରେ ଏହା ବନ୍ଦ ହୋଇଯାଏ। ତେବେ ଏଠାରେ ଯୁବକମାନଙ୍କ ଉଚ୍ଚତା କେବଳ ୨ ଫୁଟ୍‌ରୁ ୩ ଫୁଟ୍ ୧୦ ଇଞ୍ଚ ମଧ୍ୟରେ ରହିଥାଏ। ତଥାପି କିଛି ପିଲାଙ୍କ ଉଚ୍ଚତା ୧୦ ବର୍ଷ ବୟସ ପର୍ଯ୍ୟନ୍ତ ବଢୁଥିବା ଏବେ ଦେଖାଯାଉଛି। ପଡ଼ୋଶୀ ଗାଁଗୁଡ଼ିକର ଲୋକେ ବିଶ୍ୱାସ କରନ୍ତି ଯେ, ୟାଙ୍ଗ୍‌ସି ଗାଁକୁ ଏକ ଦୁଷ୍ଟ ଆତ୍ମା ଗ୍ରାସ କରିଛି। ଏହି କାରଣରୁ ଏଠାକାର ଲୋକଙ୍କ ଉଚ୍ଚତା ଅଧିକ ବଢି ପାରୁନାହିଁ। ଅନ୍ୟ ଏକ ବିଶ୍ୱାସ ରହିଛି ଯେ, ଏହି ଗାଁ ପ୍ରାଚୀନ କାଳରୁ ଅଭିଶାପପ୍ରାପ୍ତ, ଯାହାର ପ୍ରଭାବ ଲୋକଙ୍କ ଉଚ୍ଚତା ଉପରେ ପଡ଼େ। ତେବେ ଏହାର ପ୍ରକୃତ କାରଣ ଜାଣିବାରେ ବୈଜ୍ଞାନିକମାନେ ମଧ୍ୟ ସକ୍ଷମ ହୋଇନାହାନ୍ତି।



ରିପୋର୍ଟ ଅନୁଯାୟୀ, ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କୁହନ୍ତି, ଦଶନ୍ଧି ପୂର୍ବରୁ ଗାଁରେ ଏକ ବିପଜ୍ଜନକ ରୋଗ ବ୍ୟାପିଥିଲା। ଏହି କାରଣରୁ ଗାଁର ପିଲାମାନଙ୍କ ଉଚ୍ଚତା ଏକ ନିର୍ଦ୍ଦିଷ୍ଟ ସମୟ ପରେ ଆଉ ବୃଦ୍ଧି ପାଉନାହିଁ। ସୂଚନାଯୋଗ୍ୟ, ଏହି ଗାଁରେ ୬୦ ବର୍ଷରୁ ଅଧିକ ଦିନ ହେଲା ଲୋକଙ୍କ ଉଚ୍ଚତା ଅଧିକ ହେଉନାହିଁ। ଏହି ଗାଁ ସମ୍ପର୍କରେ ବିଭିନ୍ନ ଗବେଷଣା ମଧ୍ୟ କରାଯାଇଛି। ତା'ସତ୍ତ୍ୱେ ବୈଜ୍ଞାନିକମାନେ ଏହାର ପ୍ରକୃତ କାରଣ ଖୋଜିପାଇପାରି ନାହାନ୍ତି। ତେବେ କେତେଜଣ ବୈଜ୍ଞାନିକ ଗାଁର ପ୍ରାକୃତିକ ସମ୍ପଦ ସମ୍ପର୍କରେ ଗବେଷଣା କରିବା ପରେ କହିଛନ୍ତି, ଏଠାକାର ମାଟିରେ ପାରଦର ଉଚ୍ଚ ସ୍ତର ରହିଛି। ଏହା ଏକ କାରଣ ହୋଇପାରେ ବୋଲି ସେମାନେ ଅନୁମାନ କରିଛନ୍ତି। ଅପରପକ୍ଷେ, କିଛି ବର୍ଷ ପୂର୍ବରୁ ଜାପାନ ଚାଇନାରେ ବିଷାକ୍ତ ଗ୍ୟାସ୍ ଛାଡ଼ିଥିଲା। ଏହି ଗ୍ୟାସ୍‌ହିଁ ଉକ୍ତ ଗାଁରେ ବାମନ ହେବାର କାରଣ ବୋଲି କେତେକ ବିଶ୍ୱାସ କରିନ୍ତି। ତଥାପି ଏହି ଗାଁରେ ବାମନ ରହସ୍ୟ ଅସମାହିତ ହୋଇରହିଛି।

# ଚର୍ଚ୍ଚାରେ ମୋନାଲିସାଙ୍କ ରୋମାନ୍ସ



ମୋନାଲିସା ଭୌଁସଲେ

**ମୁମ୍ବାଇ:** ମହାକୁମ୍ଭ ମେଳାର ଭାଇରାଲ ଗର୍ଲ 'ମୋନାଲିସା' କାହାକୁ ବା ଅଜଣା। ନିଜର ରୂପକୁ ନେଇ ସେ ରାତାରାତି ଷ୍ଟାର ପାଲଟି ଯାଇଥିଲେ। ଏବେ ତାଙ୍କ ନିକଟରେ ଗୋଟିଏରୁ ବଳି ଗୋଟିଏ ପ୍ରୋଜେକ୍ଟ। ସେ ମ୍ୟୁଜିକ୍ ଭିଡିଓ ହେଉ ଅବା ଫିଲ୍ମ, ସବୁକିଛିର ଅଫର୍ ତାଙ୍କ ହାତରେ। କେତେକର ଶୁଟିଂ ମଧ୍ୟ ଶେଷ ହେଲାଣି। ଏଇ ଯେମିତି ଏକ ପଞ୍ଜାବୀ ମ୍ୟୁଜିକ୍ ଭିଡିଓ 'ଦିଲ ଜାନିୟା', ଯାହାକୁ ଲାଇସେଲ ରାୟ ଗାଇଛନ୍ତି। ନିକଟରେ ମ୍ୟୁଜିକ୍ ଭିଡିଓଟି ରିଲିଜ ହେବା ପରେ ବେଶ୍ ଚର୍ଚ୍ଚାରେ ରହିଛି। କାରଣ ଏଥିରେ ତାଙ୍କ ସହ ନଜର ଆସିଛନ୍ତି ଅଭିନେତା ସମର୍ଥ ମେହେଟ୍ଟା। ଉଭୟଙ୍କ ମଧ୍ୟରେ ଅନେକ ରୋମାଣ୍ଟିକ ଦୃଶ୍ୟ ଦେଖିବାକୁ ମିଳୁଛି। ବେଳାଭୂମିରେ ରୋମାନ୍ସଠାରୁ ବିବାହ ଯାଏ, ସବୁକିଛିକୁ ଦର୍ଶକେ ପସନ୍ଦ କରୁଛନ୍ତି।

ସୂଚନାଯୋଗ୍ୟ, ମହାକୁମ୍ଭରେ ମାଳା ବିକ୍ରୟ କରି ମୋନାଲିସା ଭୌଁସଲେ ଭାଇରାଲ ହୋଇଥିଲେ। ବିଶେଷକରି ତାଙ୍କ ମନମୋହକ ଆଖିକୁ ପ୍ରଶଂସା କରାଯାଇଥିଲା। ଏହାପରେ ତାଙ୍କ ଭାଗ୍ୟ ବଦଳିଗଲା। ଫିଲ୍ମ ଅଫର ମିଳିବା ଆରମ୍ଭ ହେଲା। ଅନେକ ବଡ଼ ଫଟୋଶୁଟ୍ ପରେ ଏବେ ସେ ତାଙ୍କର ଆଗାମୀ ଫିଲ୍ମ 'ଦ ଡାଏରୀ ଅଫ୍ ମଣିପୁର' ପାଇଁ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ସେ ଅଭିଷେକ ତ୍ରିପାଠୀଙ୍କ ସହ ନଜର ଆସିବେ। ଏସବୁ ମଧ୍ୟରେ ତାଙ୍କର ନୂଆ ଭିଡିଓ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରିଥିବା ଅନେକେ ମତ ରଖୁଛନ୍ତି।




# ଭୂତଙ୍କୁ ଦିଆଯାଇଛି ଛାତ୍ରବୃତ୍ତି

ଭୁବନେଶ୍ୱର,୮।୧
(ରବିନାରାୟଣ ଜେନା)

ରାଜ୍ୟରେ ଛାତ୍ରବୃତ୍ତି ନାଁରେ ଜାଲିଆତି କରି ବହୁ ଶିକ୍ଷାନୁଷ୍ଠାନ କୋଟି କୋଟି ଟଙ୍କା ଆତ୍ମସାତ୍ କରିଛନ୍ତି। କେଉଁଠି ଛାତ୍ରୀଛାତ୍ରଙ୍କ ଜାତିଗତ ପ୍ରମାଣପତ୍ର ଜାଲିଆତି କରାଯାଇଛି ତ ଆଉ କେଉଁଠି ଆୟ ପ୍ରମାଣପତ୍ର। କଥା କେବଳ ଏତିକିରେ ସୀମିତ ରହିନାହିଁ, ଭୂତ ଛାତ୍ରୀଛାତ୍ରଙ୍କ ନାଁରେ ମଧ୍ୟ ବିପୁଳ ଅର୍ଥ ସରକାରୀ ବାବୁ ଓ ବିଭିନ୍ନ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷ ଛାତ୍ରବୃତ୍ତି ନାଁରେ ଲୁଟି ନେଇଛନ୍ତି। ଏଭଳି ସାଙ୍ଘାତିକ ଘଟଣା ଭାରତର ମହାଲେଖା ନିୟନ୍ତ୍ରକ(ସିଏଜି) ସମୀକ୍ଷା ସମୟରେ ଧରିଛନ୍ତି। ଏହାକୁ ନେଇ ମଙ୍ଗଳବାର ଅନୁଷ୍ଠିତ ପବ୍ଲିକ ଆକାଉଣ୍ଟ୍ସ କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନ, ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଦକ୍ଷତା ବିକାଶ ବିଭାଗ ସଚିବ ଭୂପେନ୍ଦ୍ରସିଂ ପୁନିଆଙ୍କୁ ତ୍ୱରିତ୍ ପଦକ୍ଷେପ ନେବାପାଇଁ କୁହାଯାଇଛି ବୋଲି କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି।

କାଡାମ କହିଛନ୍ତି, ବିଜେଡି ସଦସ୍ୟ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପିଏସି ବୈଠକରେ

## ପିଏସି ବୈଠକରେ ଉଦ୍‌ବେଗ

ପୂର୍ବ ସରକାରରେ କିଭଳି ଜଙ୍ଗଲ ରାଜ୍ ଚାଲିଥିଲା ତା'ର ଗୁମର ଖୋଲିଛି। ପୂର୍ବ ସରକାର ଏହାକୁ ଘଣ୍ଟ ଘୋଡ଼ାଇ ରଖିଥିବାବେଳେ ଏବେକାର ସରକାର ମଧ୍ୟ ଏପର୍ଯ୍ୟନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। କେବଳ କାଗଜପତ୍ରରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। କାଡାମ ସିଏଜିଙ୍କ ତଥ୍ୟକୁ ଆଧାର କରି କହିଛନ୍ତି, ରାଜ୍ୟ ବାହାର ସଂସ୍ଥା ଏବଂ ବିଭିନ୍ନ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷଙ୍କ ସହିତ ରାଜ୍ୟ ସରକାରଙ୍କ ବଡ଼ବାବୁମାନେ ମିଳିମିଶି ରାଜକୋଷକୁ ଲୁଟିଛନ୍ତି। ସିଏଜିଙ୍କ ତଥ୍ୟ ଅନୁଯାୟୀ, 'ପ୍ରେରଣା' ପୋର୍ଟାଲରେ ସହିତ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିବା ଛାତ୍ରୀଛାତ୍ରଙ୍କ ତାଳମେଳ ନାହିଁ କି ତାଙ୍କର ନାଁ ମଧ୍ୟ ନାହିଁ; ଯେଉଁଥିପାଇଁ ୧.୩୮କୋଟି ଟଙ୍କା କେବଳ ଜାଲ୍ ଜାତିଗତ ଓ ଆୟ ପ୍ରମାଣପତ୍ର ଦାଖଲ କରିଥିବା ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ସିଏଜିଙ୍କ ପକ୍ଷରୁ ରିପୋର୍ଟ ନମ୍ବର-୩ରେ ଜାଲ୍ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ରାଜକୋଷକୁ ଉକ୍ତ ଟଙ୍କା ଫେରାଇ ଆଣିବାକୁ କୁହାଯାଇଥିଲେ ହେଁ ଏପର୍ଯ୍ୟନ୍ତ ତାହା ସମ୍ଭବ ହୋଇନାହିଁ। ସେହିପରି ୭କୋଟି ୪୦ଲକ୍ଷ ଟଙ୍କା ବେଆଇନ ବ୍ୟାଙ୍କ ଖାତାରେ ବିନା ଡକ୍ୟୁମେଣ୍ଟ ଯାଞ୍ଚରେ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ୨୦୧୭-୧୮ରୁ ୨୦୧୯-୨୦ବର୍ଷ ମଧ୍ୟରେ ସିଏଜିଙ୍କ ପକ୍ଷରୁ ହୋଇଥିବା ସମୀକ୍ଷା ବେଳେ ଏହିଭଳି ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି। ସେହିପରି ରାଜଧାନୀସ୍ଥିତ ୪ଟି ଇଞ୍ଜିନିୟରିଂ କଲେଜ ବିନା ଛାତ୍ରୀଛାତ୍ରରେ ଭୂତ ଛାତ୍ରୀଛାତ୍ରଙ୍କ ନାଁରେ ଛାତ୍ରବୃତ୍ତି ଅର୍ଥ ଚଳୁ କରିଛନ୍ତି।

ସେହିପରି ୩.୧୫ କୋଟି ଟଙ୍କା ବେଆଇନ ଭାବେ ଡିପ୍ଲୋମା ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ନାଁରେ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୭୪.୭୬ଲକ୍ଷ ଟଙ୍କା କେବଳ ଛାତ୍ରୀଛାତ୍ରଙ୍କୁ ଡବଲ ପେମେଣ୍ଟ(ଦୁଇଥର ଦେୟ) କରାଯାଇଛି। ଏହାକୁ ନେଇ ସମ୍ପୃକ୍ତ ଜିଲା ପ୍ରଶାସନକୁ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଏହାସହିତ କେତେକ କ୍ଷେତ୍ରରେ ଥାନାରେ ମାମଲା ରୁଜୁ କରାଯିବା ସହିତ ରିକଭରି(ଟଙ୍କା ଫେରସ୍ତ) ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ସେସବୁ ଧର୍ମକୁ ଆଖିଠାର ଭଳି ଚାଲିଛି ବୋଲି କାଡାମ କହିଛନ୍ତି। ତେବେ ପିଏସି ବୈଠକରେ ବିଜେଡି ସଦସ୍ୟ ଗଣେଶ୍ୱର ବେହେରା ଏବଂ ଭାଜପା ସଦସ୍ୟ ସାରଦା ପ୍ରଧାନ ଉପସ୍ଥିତ ଥିଲେ।

# କେନ୍ଦ୍ର ସରକାରଙ୍କ ହାତୀ ଷ୍ଟିଅରିଂ କମିଟିରେ ସୁଶାନ୍ତ ନନ୍ଦ ସଦସ୍ୟ

ଭୁବନେଶ୍ୱର,୮।୧
(ରବିନାରାୟଣ ଜେନା)



ଜଙ୍ଗଲ,ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ପକ୍ଷରୁ ହାତୀମାନଙ୍କ ସୁରକ୍ଷା ଲାଗି ଗଠନ ହୋଇଥିବା ଷ୍ଟିଅରିଂ କମିଟିରେ ଓଡ଼ିଶାର ପୂର୍ବତନ ପିସିସିଏଫ୍ ତଥା ବରିଷ୍ଠ ଆଇଏଫ୍‌ଏସ୍ ସୁଶାନ୍ତ ନନ୍ଦ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଏସଂକ୍ରାନ୍ତରେ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ଏହି ହାତୀ ପ୍ରକଳ୍ପ ଷ୍ଟିଅରିଂ କମିଟିରେ କେନ୍ଦ୍ର ଜଙ୍ଗଲ, ପରିବେଶ ମନ୍ତ୍ରୀ ଅଧ୍ୟକ୍ଷ ରହିଥିବାବେଳେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଉପାଧ୍ୟକ୍ଷ ଏବଂ ଏହି ପ୍ରକଳ୍ପକମିଟିରେ ନିର୍ଦ୍ଦେଶକ ସଦସ୍ୟ ସଚିବ ରହିଛନ୍ତି। ଏହାସହିତ କମିଟିରେ ୧୩ଜଣ ସଦସ୍ୟ ରହିଥିବାବେଳେ ଓଡ଼ିଶାରୁ ସୁଶାନ୍ତ ନନ୍ଦ ରହିଛନ୍ତି।

ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁଯାୟୀ, ଏହି ପ୍ରୋଜେକ୍ଟ ଏଲିଫ୍ୟାଣ୍ଟରେ ନିଯୋଜିତ ସଦସ୍ୟମାନଙ୍କ ଅବଧି ୩ବର୍ଷ ରହିବ। ସମୟକ୍ରମେ ଉକ୍ତ କମିଟି ହାତୀଙ୍କ ସୁରକ୍ଷା ଦିଗରେ ସ୍ୱତନ୍ତ୍ର ଗାଇଡାନ୍ସ ଦେଇପାରିବେ। ସୂଚନାଯୋଗ୍ୟ ଯେ, ସୁଶାନ୍ତ ନନ୍ଦ ରାଜ୍ୟ ସରକାରରେ ପୂର୍ବରୁ ପିସିସିଏଫ୍(ନୋଡାଲ) ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହାସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ହାତୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାଯ୍ରକ୍ରମରେ ପରାମର୍ଶଦାତା ଭାବେ କାର୍ଯ୍ୟ କରି ତୁଲାଇଛନ୍ତି।

# ଟେଣ୍ଡର ପ୍ରକ୍ରିୟା ସମୟସୀମାରେ ଶେଷକର: ଶୁଭା ଶର୍ମା

ଭୁବନେଶ୍ୱର, ୮।୧(ସୁନିତ୍ ମିଶ୍ର)

ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଗୁରୁବାର ବରିଷ୍ଠ ଅଧିକାରୀଙ୍କ ବୈଠକରେ ଜଳ ସମ୍ପଦ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ ରାଜ୍ୟରେ ଜଳସେଚନ ବୃଦ୍ଧି ପାଇଁ ପାଣିର ଉପଯୋଗ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବିଚାରାଧୀନ ପ୍ରକଳ୍ପଗୁଡ଼ିକର ଶୀଘ୍ର ଅନୁମୋଦନ ପାଇଁ ସେ ତ୍ୱରିତ ପଦକ୍ଷେପ ନେବା, ଟେଣ୍ଡର ପ୍ରକ୍ରିୟାକୁ ସମୟସୀମା ଭିତରେ ସାରିବା ଏବଂ ଚାଲୁଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ସମସ୍ତ ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତଥ୍ୟ ସଂଗ୍ରହ, ଅନ୍‌ଲାଇନ ତଥ୍ୟ ମନିଟରିଂ ସିଷ୍ଟମ, କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନାର ପ୍ରଭାବ ସମ୍ପର୍କିତ ମୂଲ୍ୟାଙ୍କନ ଏବଂ ସ୍କାଡା ପ୍ରଯୁକ୍ତିବିଦ୍ୟାର ପ୍ରଭାବ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି।

# ବଢ଼ିଲା ଗ୍ରାମସଭାର ଗୁରୁତ୍ୱ

## ଜାରି ହେଲା ପଞ୍ଚାୟତିରାଜ ବିଭାଗର ବିଜିବିଓ ସଂକଳ୍ପ

ଭୁବନେଶ୍ୱର,୮।୧
(ରବିନାରାୟଣ ଜେନା)

ଏଣିକି ପଞ୍ଚାୟତରେ ଯେଉଁ ଉନ୍ନତିମୂଳକ କାର୍ଯ୍ୟ ହେବ ତାହାକୁ ଗ୍ରାମସଭା ନିଷ୍ପତ୍ତି ନେବ ବୋଲି ବିକଶିତ ଗାଁ ବିକଶିତ ଓଡ଼ିଶା(ବିଜିବିଓ) ଯୋଜନାର ସଂକଳ୍ପରେ କୁହାଯାଇଛି। ବୁଧବାର ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ସଂକଳ୍ପରେ ବିଜିବିଓ ଯୋଜନା ଅଧୀନରେ ଏବଂ ପ୍ରକଳ୍ପ ଚୟନରେ ସ୍ୱଚ୍ଛତା ଅବଲମ୍ବନ କରିବା ତଥା ଗୋଷ୍ଠୀ ଭାଗୀଦାରିତାକୁ ସୁଦୃଢ଼ କରିବା ଲାଗି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ସଂକଳ୍ପରେ କୁହାଯାଇଛି, ଗ୍ରାମସଭାରେ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ନିର୍ଦ୍ଧାରଣ ବେଳେ ବ୍ଲକ୍ କ୍ଷେତ୍ରୀୟ ଅଧିକାରୀ ଉପସ୍ଥିତ ରହିବେ। ଏହାପରେ ଉକ୍ତ ପ୍ରସ୍ତାବକୁ ଜିଲାପାଳଙ୍କୁ ନିକଟକୁ ପଠାଯିବ। ଜିଲାସ୍ତରୀୟ କମିଟି ଉକ୍ତ ପ୍ରସ୍ତାବକୁ ଯାଞ୍ଚ କରିବେ ଏବଂ ଜିଲାପାଳ ଅନୁମୋଦନ କରିବେ। ତେବେ ପ୍ରକଳ୍ପ କାର୍ଯ୍ୟ ଯେପରି ସୁନିଶ୍ଚିତ ହେବ ସେଥିପାଇଁ ୧୦ ଲକ୍ଷ ଟଙ୍କାରୁ ଅଧିକ ସମସ୍ତ ପ୍ରକଳ୍ପ ପାଇଁ ଶେଷ ତାରିଖରୁ ୩ବର୍ଷର ଏକ ବାଧ୍ୟତାମୂଳକ ତ୍ରୁଟି ଦାୟିତ୍ୱ ଅବଧି କାର୍ଯ୍ୟକାରୀ କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ବିଜିବିଓକୁ ଅଧିକ ସଶକ୍ତ କରିବା ଲାଗି ନିକଟରେ କ୍ୟାବିନେଟ୍‌ରେ ସଂଶୋଧନ ଅଣାଯାଇଥିଲା। ସେଥିରେ ପଞ୍ଚାୟତରେ ଆବଶ୍ୟକତା ଭିତ୍ତିକ ପ୍ରକଳ୍ପର ପ୍ରସ୍ତାବଗୁଡ଼ିକ ଜିଲାପାଳ, ଜିଲା ପରିଷଦ, ବ୍ଲକ୍, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ସୂଚନା ଫଳକ ଓ ଜିଲା ୱେବ୍‌ପୋର୍ଟାଲରେ ଏକ ବିଜ୍ଞପ୍ତି ପ୍ରକାଶ କରାଯିବ। ଏହା ମାଧ୍ୟମରେ ପିଆର୍‌ଆଇ ସଭ୍ୟ / ନିର୍ବାଚିତ ପ୍ରତିନିଧି/ନାଗରିକ ସମାଜ ସଦସ୍ୟଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯିବ। ଏହି ପ୍ରସ୍ତାବଗୁଡ଼ିକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲା ସ୍ତରୀୟ କମିଟି ଦ୍ୱାରା ସମୀକ୍ଷା କରାଯିବା ପରେ ଚୂଡ଼ାନ୍ତ ଅନୁମୋଦନ ପ୍ରଦାନ କରାଯିବ।

# ଶ୍ରୀମନ୍ଦିର ଭକ୍ତନିବାସ ପାର୍କିଂ ଫି' ୫୦୦ ଟଙ୍କା

ପୁରୀ,୮।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ୪ଟି ଭକ୍ତନିବାସର ପାର୍କିଂ ଫି ବୃଦ୍ଧି କରାଯାଇଛି। ଏଣିକି ଯେଉଁ ଯାତ୍ରୀମାନେ ଭକ୍ତନିବାସରେ ରହିବା ପାଇଁ ଆସୁଛନ୍ତି ଓ ଚାରିଚକିଆ ଯାନ ଆଣୁଛନ୍ତି, ସେମାନଙ୍କୁ ଗାଡ଼ି ପାର୍କିଂ ଫି ଦେବାକୁ ପଡ଼ିବ। ପ୍ରଶାସନ ପକ୍ଷରୁ ପାର୍କିଂ ଫି ୫୦୦ ଟଙ୍କା କରାଯାଇଛି। ୨୪ ଘଣ୍ଟା ପାଇଁ ୧୮ ପ୍ରତିଶତ ଜିଏସ୍‌ଟି ସହ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଜାନୁଆରୀ ୭ରୁ ସମସ୍ତ ୪ଟି ଭକ୍ତନିବାସରେ ଏହା ଆଦାୟ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତନିବାସ ନୋଟିସ ବୋର୍ଡରେ ଲଗାଯାଇଥିବା ନୋଟିସରେ ଉଲ୍ଲେଖ ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶ୍ରୀମନ୍ଦିର ପରିଚାଳନା କମିଟିରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇ ନ ଥିବା କୁହାଯାଉଛି। ଉକ୍ତ ଫି ବୃଦ୍ଧିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିରୋଧ କରାଯାଇଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ

## ସାଧାରଣରେ ଅସନ୍ତୋଷ ଓ ବିରୋଧ

ଅଧୀନରେ ନୀଳାଦ୍ରି ଭକ୍ତନିବାସ, ନୀଳାଚଳ ଭକ୍ତନିବାସ, ପୁରୁଷୋତ୍ତମ ଭକ୍ତନିବାସ ଏବଂ ଶ୍ରୀଗୁଣ୍ଡିଚା ଭକ୍ତନିବାସ ରହିଛି। ଏହି ୪ଟି ଭକ୍ତନିବାସକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ଏବେ ସେମାନଙ୍କ ଗାଡ଼ି ପାର୍କିଂ ପାଇଁ ଫି ବାବଦ ଅଧିକ ଟଙ୍କା ଦେବାକୁ ପଡ଼ିବ। ଏହି ଫି ୨୪ ଘଣ୍ଟା ପାଇଁ ୫୦୦ ଟଙ୍କା ରହିଛି। ତେବେ ପ୍ରଶାସନର ଏପରି ନିଷ୍ପତ୍ତିକୁ ନେଇ ଭକ୍ତ ଓ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ରୁମ୍ ଭଡ଼ା ପାଇଁ ଟଙ୍କା ଦେଉଥିବା ବେଳେ ପାର୍କିଂ ଫି କାହିଁକି ଦେବେ ବୋଲି ପ୍ରଶ୍ନ କରିଛନ୍ତି। ଏନେଇ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଏଭଳି ନିଷ୍ପତ୍ତି ନିଶ୍ଚିତ ଭକ୍ତଙ୍କୁ ବାଧିବ। ଅଧିକାଂଶ ଭକ୍ତ ପୁରୀ ବୁଲିବାକୁ ଆସିଲେ ଦୁଇ ତିନିଦିନ ରହିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଦିନକୁ ଯଦି ୧୭ଶହରୁ ୧୮ଶହ ଟଙ୍କା ରୁମ୍ ଭଡ଼ାକୁ ଛାଡ଼ି ପୁଣି ଗାଡ଼ି ପାର୍କିଂ ବାବଦ ୫୦୦ ଟଙ୍କା ଦେବେ, ତେବେ ତାହା ଭକ୍ତଙ୍କ ଅସନ୍ତୋଷର କାରଣ ପାଲଟିବ। ଏପରି କର ଲଗାଇବା ଉଚିତ ନୁହେଁ। ଏନେଇ ମଧ୍ୟ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇନାହିଁ। ନିଷ୍ପତ୍ତିର ପୁନର୍ବିଚାର ପାଇଁ ମୁଖ୍ୟ ପ୍ରଶାସକଙ୍କୁ ଅନୁରୋଧ କରାଯିବ। ତେବେ ଭକ୍ତ ଓ ପର୍ଯ୍ୟଟକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରାଯିବା ଉଚିତ। ସେହିପରି ପର୍ଯ୍ୟଟକ ରମାବଲ୍ଲଭ କାନୁନ୍‌ଗୋ କହିଛନ୍ତି, ଏପରି ନିୟମ ଫଳରେ ବହୁତ ବାଧୁଛି। ଅନ୍ୟ କେଉଁଠାରେ ଏପରି ନିୟମ ନାହିଁ। ନିଷ୍ପତ୍ତି ପ୍ରତ୍ୟାହାର କରାଯିବାକୁ କାନୁନ୍‌ଗୋ ଦାବି କରିଛନ୍ତି। ପୁରୀ ବିଧାୟକ ସୁନୀଲ ମହାନ୍ତି କହିଛନ୍ତି, ଯଦି କିଏ ହୋଟେଲରେ ରହିବେ, ତେବେ ସେ କ'ଣ ତାଙ୍କ ଗାଡ଼ି ଅନ୍ୟ କେଉଁଠି ରଖିବେ। ହେବ, ତାହା କରାଯିବ। ଅନ୍ୟପକ୍ଷରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ନିଷ୍ପତ୍ତି ଉପରେ ଆଉଥରେ ବିଚାର ବିମର୍ଶ କରାଯିବ। ତାହା ପରେ ଯାହା ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ, ସେ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ।









## ଯୁକ୍ତ ୨ ଗୃହ ବିଜ୍ଞାନ ପରୀକ୍ଷା ତାରିଖ ବଦଳିଲା

ଭୁବନେଶ୍ୱର,୮।୧(ସୁଚିସ୍ମିତା ସାହୁ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ୨ ବାର୍ଷିକ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ମାର୍ଚ୍ଚ ୧୩ରେ ହେବାକୁ ଥିବା ଗୃହ ବିଜ୍ଞାନ ପରୀକ୍ଷା ୨୮ ତାରିଖରେ ହେବ। ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀମାନେ ଉକ୍ତଦିନ ସକାଳ ୧୦ରୁ ଅପରାହ୍ନ ୧ ପର୍ଯ୍ୟନ୍ତ ପରୀକ୍ଷା ଦେବେ। ଅନ୍ୟ ସମସ୍ତ ପରୀକ୍ଷା ସୂଚୀ ଅପରିବର୍ତ୍ତିତ ରହିଛି ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବାର୍ଷିକ ପୁଷ୍ପ ପ୍ରଦର୍ଶନୀ, ସ୍ଥାନ: ବୋଟାନିକାଲ ଗାର୍ଡେନ୍, ସମୟ: ସକାଳ ୮ଟା ୩୦।
- ଏସ୍ଓଏ୍ଆଇଆର୍ଟିଏସ୍ ପକ୍ଷରୁ ଇଣ୍ଟର୍ନ୍ୟାସନାଲ ମାନୁଫାକ୍ଚରିଂ କନ୍‌ଫରେନ୍ସ, ସ୍ଥାନ: ମେନ୍ ଅଡିଟୋରିୟମ୍, ଏମ୍ସ, ସମୟ: ସକାଳ ୯ଟା ୩୦।
- ନାଷନାଲ ବାୟୋ କନ୍‌କ୍ଲେଭ, ସ୍ଥାନ: କ୍ରିଷ୍ଟାଲ କ୍ରାଉନ୍, ପଟିଆ, ସମୟ: ସକାଳ ୯ଟା ୩୦।
- ଓଡ଼ିଶା ସାମ୍ବାଦିକ ୟୁନିଅନ୍(ଓୟୁଜେ) ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ସାହିତ୍ୟ ମହୋତ୍ସବ, ସ୍ଥାନ: ମେ ଫେୟାର, ସମୟ: ଅପରାହ୍ନ ୪ଟା ୩୦।
- ଗୀତ ଗାଉିକା ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ବିଂଶତମ ବାର୍ଷିକ ସାମୂହିକ ୧୦୮ ଶ୍ରୀହନୁମାନ ଚାଳିଶା ପାଠ ମହାଯଜ୍ଞ, ସ୍ଥାନ: ରାମେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**କଟକ**
- ମୁଆପାଖଣା ପ୍ରାଥମିକ କୃଷି ସେବା ସମବାୟ ସମିତି ତରଫରୁ ଧାନମଣ୍ଡି ଉଦ୍ଘାଟନ, ସ୍ଥାନ: କଳାପାଟ ମାର୍କେଟ କମ୍ପ୍ଲେକ୍ସ, ମୁଆପାଖଣା, ସମୟ: ସକାଳ ୯ଟା।
- ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ହାତୀପୋଖରୀ ଛକସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।
- ପ୍ରଜ୍ଞାନ ମିଶନର ପକ୍ଷରୁ ଜିନେଭିଆ ଗୀତାଞ୍ଜଳୀ ଯଜ୍ଞର ଉଦ୍ଯାପନୀ, ସ୍ଥାନ: ଆନନ୍ଦଭବନ ସମ୍ମୁଖ ଖେଳପଡ଼ିଆ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୫ଟା ୩୦।
- ଭୁଲେଇପଡ଼ା ରାଧାକୃଷ୍ଣ ମନ୍ଦିର ପରିଚାଳନା ସମିତି ପକ୍ଷରୁ ସ୍ୱାମୀ ମୁକ୍ତାନନ୍ଦଙ୍କ ପ୍ରବଚନର ଉଦ୍ଘାଟନୀ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ଅଗ୍ରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, ହଳଦୀପଦା, ବାଲେଶ୍ୱର, ସମୟ: ସକାଳ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି (ଡିପିଏଲ୍), ସ୍ଥାନ: ଦରଖୋଲି ଖେଳ ପଡ଼ିଆ, ଗୁଡ଼ସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା-୨୦୨୬ ଉଦ୍ଯାପନୀ ଦିବସ, ସ୍ଥାନ: ସିଲା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଯାପନୀ ଦିବସ, ସ୍ଥାନ: ନୀଳଗିରି ମହାବିଦ୍ୟାଳୟ, ଗୁଡ଼ସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଈଶ୍ୱରଚନ୍ଦ୍ର ମନ୍ଦିର ପରିସର, ବସ୍ତା, ସମୟ: ଅପରାହ୍ନ ୩ଟା।
- ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଚାନ୍ଦିପୁର ବେଳାଭୂମି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ଧାନ ମଣ୍ଡି ଉଦ୍ଘାଟନ, ସ୍ଥାନ: ସାବରଙ୍ଗ ସେବା ସମବାୟ ସମିତି, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡି ଉଦ୍ଘାଟନ, ବାଲିମେଦ ସେବା ସମବାୟ ସମିତି, ସ୍ଥାନ: ବାସୁଦେବପୁର, ସମୟ: ସକାଳ ୧୦ଟା।
- ଜୟ ଜଗନ୍ନାଥ ମହିଳା ଗୋଷ୍ଠୀର ଧାନମଣ୍ଡି ଉଦ୍ଘାଟନ, ସ୍ଥାନ: ପାଳିଆଖିଆ, ହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଭିଜେଜି ରାମ୍ଜୀ ଜନଜାଗରଣ ଅଭିଯାନ ବୈଠକ, ସ୍ଥାନ: ଭାଜପା ଜିଲ୍ଲା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ପଲ୍ଲୀ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲ୍ଲା ଭାଜପା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ଭଦ୍ରକ ସାଂସ୍କୃତିକ ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**ମୟୂରଭଞ୍ଜ**
- ଷ୍ଟେଶନ ଆଥ୍ଲେଟିକ ଆସୋସିଏଶନ ପକ୍ଷରୁ ରୟାଲ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ର ମହୋତ୍ସବ, ସ୍ଥାନ: ଆର୍ଟ ଆଣ୍ଡ୍ କ୍ରାଫ୍ଟ ସ୍କୁଲ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- କ୍ରୀଡ଼ା ସମାରୋହ, ସ୍ଥାନ: କେ.ସି.ହାଇସ୍କୁଲ ଖେଳପଡ଼ିଆ, ସମୟ: ସକାଳ ୯ଟା।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ଅପରାହ୍ନ ୨ଟା।
- ବ୍ରହ୍ମପୁର ମହାନଗର ମହୋତ୍ସବ, ସ୍ଥାନ: ଚର୍ଚ୍ଚ ପଡ଼ିଆ, ସମୟ: ଅପରାହ୍ନ ୨.୩୦।
- ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବର ତୃତୀୟ ରଜନୀ, ସ୍ଥାନ: ଗୋପାଳକୃଷ୍ଣ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି, ସମୟ: ସନ୍ଧ୍ୟା ୬ଟା।
- ବରିଷ୍ଠ କଳାକାର ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୭ଟା।

**ଗଞ୍ଜାମ**
- ବେଟି ବଚାଓ-ବେଟି ପଢାଓ କର୍ମଶାଳା, ସ୍ଥାନ: ଆସିକା ବ୍ଲକ କନ୍‌ଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ପଞ୍ଚାୟତ ରାଜ ଉଚ୍ଚବିଦ୍ୟାଳୟ , କାନପୁରା ବାର୍ଷିକ ଉତ୍ସବ'ସଂକଳ୍ପ', ସ୍ଥାନ: ବିଦ୍ୟାଳୟ ଅଡିଟୋରିୟମ୍, ସମୟ: ଅପରାହ୍ନ ୫ ଟା।
- ଆଗ୍ନେୟ-୨୦୨୬ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ଆର୍‌ଆଇ ଏବଂ ୱୁଏଲ୍‌ବି ନିର୍ବାଚନ ସଂକ୍ରାନ୍ତୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ମହାକାଳପଡ଼ା ଓ ମାର୍ଶାଘାଇ ବ୍ରାହ୍ମଣ ସମାଜର ବୈଠକ, ସ୍ଥାନ: ଯଜ୍ଞମଠ ପରିସର, ମାର୍ଶାଘାଇ, ସମୟ: ଅପରାହ୍ନ ୨ଟା।
- ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ପୁସ୍ତକ ମେଳା ପରିସର, ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ବଡ଼ଚଣା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବଲିଉଡ୍ ଗାୟିକା ପଲକ ମୁଚ୍ଛଲ ଓ ଗାୟକ ପଲାସଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ବଡ଼ଚଣା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩ୟ ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ:ନୂଆଗାଁ କଲେଜ ସମ୍ମୁଖ ହାଇସ୍କୁଲ ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: କର୍ଣ୍ଣିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଖଲିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଦିବସରେ ଖୋର୍ଦ୍ଧା ୧୧ ବନାମ ନିହାର କଟକ, ସ୍ଥାନ: ଖଣ୍ଡପଡା ବ୍ଲକ ଖଲିସାହି ବଡ଼ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ୩ୟ ଦିବସରେ ସାଇ ହାଲ ସୁନାବେଡା ବନାମ ଜେବି ୟୁନାଇଟେଡ ଫେସି ଦିଲ୍ଲୀ, ସ୍ଥାନ: ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୩ଟା।
- ଉତ୍କର୍ଷ ଭାପୁର ଓ ପଲ୍ଲିଶ୍ରୀ ମେଳାର ୨ୟ ଦିବସ, ସ୍ଥାନ: ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ଖେଳପଡିଆ, ସମୟ:ଅପରାହ୍ନ ୩ଟା।
- ରଣପୁର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା ସ୍ଥାନ: ରଣପୁର ବାଘ ସାମନ୍ତ ପଡିଆ, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ବନ୍ଦେ ମାତରମ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ମଧ୍ୟାହ୍ନ ୧ଟା।

**ନବରଙ୍ଗପୁର**
- ଠିକାଦାର ସଂଘ ବୈଠକ, ସ୍ଥାନ: ଉମରକୋଟ ହାଟପଦା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ସାଧାରଣ ବୈଠକ, ସ୍ଥାନ: ଉମରକୋଟ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦିଲ୍ଲୀ ପବ୍ଲିକ ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପନୀ, ସ୍ଥାନ: ସ୍କୁଲ ପରିସର, ଜାନୀଗୁଡ଼ା, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜମି ଅଧିଗ୍ରହଣ ସମସ୍ୟା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ : ଅପରାହ୍ନ ୫ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ତୁରେକେଲା ବ୍ଲକସ୍ତରୀୟ ଲୋକ ମହୋତ୍ସବ, ସ୍ଥାନ: ତୁରେକେଲା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଲୋଇସିଂହା ବ୍ଲକ୍ କଳାକାର ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋଇସିଂହା ଷ୍ଟାଡିୟମ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଫ୍ରେଣ୍ଡସ୍ କ୍ଲବ୍‌ର ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।
- କଣ୍ଟାବାଞ୍ଜି ମାଟିର ମହୋତ୍ସବ,ସ୍ଥାନ: କଣ୍ଟାବାଞ୍ଜି ରେଲୱେ ଫୁଟ୍‌ବଲ ଗ୍ରାଉଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

**ରାଉରକେଲା**
- ଦିଲ୍ଲୀପ ରାୟଙ୍କ ୭୩ତମ ଜନ୍ମଦିବସ ପାଳନ ସମାରୋହ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ଲୋକନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା ନାଟକ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ଆଉ ସାଢ଼େ ୪ଲକ୍ଷ ମହିଳାଙ୍କୁ ମିଳିବ ସୁଭଦ୍ରା ଟଙ୍କା

**ମାର୍ଚ୍ଚ ୮ରେ ୪ର୍ଥ କିସ୍ତି**

ଭୁବନେଶ୍ୱର,୮।୧(ସୁଚିସ୍ମିତା ସାହୁ)

ଚଳିତ ମାସରେ ଆଉ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କୁ ମିଳିବ 'ସୁଭଦ୍ରା' ଟଙ୍କା। ଏମାନଙ୍କ ମଧ୍ୟରେ ନୂଆ ହିତାଧିକାରୀଙ୍କ ସମେତ ପୂର୍ବରୁ କୌଣସି କାରଣବଶତଃ ବାଦ୍ ପଡ଼ିଥିବା ମହିଳାମାନେ ସାମିଲ ହୋଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଗୁରୁବାର ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁଭଦ୍ରା ସମୀକ୍ଷା ହୋଇଥିଲା। ପୂର୍ବରୁ ବାଦ୍ ପଡ଼ିଥିବା ୨,୫୫,୨୬୫ଜଣଙ୍କୁ ଯାଞ୍ଚପରେ ପୁଣିଥରେ ସାମିଲ କରାଯାଇଛି। ସେହିପରି ଗତ ନଭେମ୍ବର ମାସରେ ନୂଆ ହିତାଧିକାରୀଙ୍କ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଯୋଜନାରେ ନୂଆ କରି ୧,୭୮,୩୯୮ ହିତାଧିକାରୀଙ୍କୁ ପ୍ରଥମଥର ପାଇଁ ସୁଭଦ୍ରା ଟଙ୍କା ଦିଆଯିବ। ନୂଆ ହିତାଧିକାରୀଙ୍କୁ ୫୦୦୦ ଲେଖାଏ ଟଙ୍କା ଦିଆଯିବ। ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ତେଣୁ ୪,୫୭,୬୮୧ ହିତାଧିକାରୀଙ୍କ ଖାତାକୁ ୨୫୦ କୋଟି ଟଙ୍କାର ସହାୟତା ରାଶି ଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଆସନ୍ତା ଅନ୍ତର୍ଜାତୀୟ ମହିଳା ଦିବସ ମାର୍ଚ୍ଚ ୮ରେ ପ୍ରଦାନ କରିବାକୁ ଥିବା ୪ର୍ଥ କିସ୍ତି ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା।

## ଭୁବନେଶ୍ୱର ତାପମାତ୍ରା ୧୦ ଡିଗ୍ରୀ ତଳେ

**■ ପ୍ରବଳ ଥଣ୍ଡା ନେଇ ୧୧ଜିଲାକୁ ୟେଲୋ ୱାର୍ନିଂ**

ଭୁବନେଶ୍ୱର,୮।୧(ବନ୍ଦନା ସେଠୀ)

ରାଜ୍ୟରେ ଶୀତର ପ୍ରକୋପ ବଢ଼ିଚାଲିଛି। ପୂର୍ବାହ୍ନ ୧୦ ଯାଏ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଗୁରୁବାର ରାଜଧାନୀ ଭୁବନେଶ୍ୱରରେ ସ୍ୱାଭାବିକ ସର୍ବନିମ୍ନ ତାପମାତ୍ରାରୁ ୫.୬ ଡିଗ୍ରୀ ସେଲ୍‌ସିଅସ୍ କମ୍ ରହିଥିବାରୁ ପ୍ରବଳ ଶୀତ ଅନୁଭୂତ ହୋଇଥିଲା। ଏଠାରେ ସର୍ବନିମ୍ନ ତାପମାତ୍ରା ୯.୪ ଡିଗ୍ରୀ ରହିଥିବା ସହ ୧୯୫୨ ମସିହାର ରାତି ତାପମାତ୍ରାକୁ ଦୋହରାଇ ଥିଲା। ୧୯୫୨ ଜାନୁଆରୀ ୩ରେ ଭୁବନେଶ୍ୱରର ରାତି ତାପମାତ୍ରା ୯.୪ ଡିଗ୍ରୀ ସେଲ୍‌ସିଅସ୍ ରହିଥିବାବେଳେ ୧୯୯୨ ଜାନୁଆରୀ ୫ରେ ୮.୬ ଡିଗ୍ରୀ, ୨୦୦୩ ଜାନୁଆରୀ ୧୭ରେ ୯ ଡିଗ୍ରୀ ଏବଂ ୨୦୧୨ ଜାନୁଆରୀ ୧୫ରେ ୯.୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା। ଜାନୁଆରୀକୁ ବାଦ୍ ଦେଲେ, ୨୦୧୮ ଡିସେମ୍ବର ୩୦ରେ ଭୁବନେଶ୍ୱରର ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା।

କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ଅନ୍ୟ ସହରଗୁଡ଼ିକରେ ମଧ୍ୟ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ପାଣିପାଗ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ୨୪ଘଣ୍ଟାରେ ୨୨ ସହରର ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ତଳେ ରହିଥିଲା। ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରହିଥିଲା। ସେହିପରି ସେମିଳିଗୁଡାରେ ୩.୨ ଡିଗ୍ରୀ, ଫୁଲବାଣୀରେ ୫ ଡିଗ୍ରୀ, ରାଉରକେଲାରେ ୫.୪ ଡିଗ୍ରୀ, ଝାରସୁଗୁଡାରେ ୫.୮ ଡିଗ୍ରୀ, ଦାରିଙ୍ଗିବାଡ଼ିରେ ୬ ଡିଗ୍ରୀ, ଭବାନୀପାଟଣାରେ ୭ ଡିଗ୍ରୀ, ନବରଙ୍ଗପୁରରେ ୭ ଡିଗ୍ରୀ, କିରେଇରେ ୭.୨ ଡିଗ୍ରୀ, ଚିପିଲିମାରେ ୭.୫ ଡିଗ୍ରୀ, ଅନୁଗୋଳରେ ୭.୮ ଡିଗ୍ରୀ, କେନ୍ଦୁଝରରେ ୮ ଡିଗ୍ରୀ, ସୁନ୍ଦରଗଡ଼ରେ ୮ ଡିଗ୍ରୀ, ରାଣୀତାଲରେ ୮.୬ ଡିଗ୍ରୀ, ଢେଙ୍କାନାଳରେ ୮.୯ ଡିଗ୍ରୀ, ବଲାଙ୍ଗୀରରେ ୯ ଡିଗ୍ରୀ, ଭୁବନେଶ୍ୱରରେ ୯.୪ଡିଗ୍ରୀ, ବାଲେଶ୍ୱରରେ ୯.୫ ଡିଗ୍ରୀ, କୋରାପୁଟରେ ୯.୬ ଡିଗ୍ରୀ, ରାୟଗଡାରେ ୯.୬ ଡିଗ୍ରୀ, କଟକରେ ୯.୬ ଡିଗ୍ରୀ, ସୋନପୁର ୯.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ୨ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ନାହିଁ। ତେବେ ଏହାପରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧିପାଇବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଶୁକ୍ରବାର ଓ ଶନିବାର ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଭାରତ ଉପରେ...

ପ୍ରଥମ ପୃଷ୍ଠାରୁ...

ଦୋହଲିଯିବ। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠୁ ଚାଲିଥିବା ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପ ପ୍ରଶାସନର ଶାନ୍ତି ଉଦ୍ୟମରେ ଏହା ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି। ଏହି ଘଟଣାକ୍ରମର ସତ୍ୟତା ଉପରେ ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ ମଧ୍ୟ ସ୍ପଷ୍ଟ କରିଛନ୍ତି। ୨୦୨୫ ଅଗଷ୍ଟରେ ଟ୍ରମ୍ପ ଭାରତ ଉପରେ ୨୫% ଆମଦାନୀ ଶୁଳ୍କ କଷିଥିଲେ। ଏଥିସହ ରୁଷିଆଠାରୁ ଭାରତ ଶସ୍ତାରେ ତୈଳ କ୍ରୟ କରୁଥିବାରୁ ଅତିରିକ୍ତ ଭାବେ ୨୫% ଦଣ୍ଡାତ୍ମକ ଶୁଳ୍କ ଲଗାଇଥିଲେ। ଫଳରେ ଆମେରିକାକୁ ଭାରତୀୟ ସାମଗ୍ରୀ ରପ୍ତାନି ବହୁଳ ଭାବେ ପ୍ରଭାବିତ ହୋଇଛି, ଯାହାର ନକାରାତ୍ମକ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିଛି। ଅତିରିକ୍ତ ଟାରିଫ୍ କଷିବା ପାଇଁ ଉଦ୍ଦିଷ୍ଟ ସାଙ୍କଶନିଂ ରୁଷିଆ ଆକ୍ଟ, ୨୦୨୫ ଅନୁସାରେ କୌଣସି ଦେଶ ରୁଷିଆଠାରୁ ତୈଳ ଆମଦାନୀ କରି ପୁନଃ ବିକ୍ରୟ ଜାରି ରଖିଲେ ସମ୍ପୃକ୍ତ ରାଷ୍ଟ୍ରର ସାମଗ୍ରୀଗୁଡ଼ିକ ଉପରେ ଆମେରିକା ପକ୍ଷରୁ ୫୦୦% ଟାରିଫ୍ ଲଗାଯାଇପାରିବ। ଏପରି ହେଲେ ଭାରତର ଅର୍ଥନୀତି ଉପରେ ଆହୁରି ଖରାପ ପ୍ରଭାବ ପଡ଼ିବ। କାରଣ ଭାରତୀୟ ସାମଗ୍ରୀଗୁଡ଼ିକୁ ଆମେରିକାକୁ ରପ୍ତାନି କରିବା ଅସମ୍ଭବ ହୋଇପଡ଼ିବ। ହ୍ୱାଇଟ୍‌ହାଉସ୍ ପକ୍ଷରୁ ପୂର୍ବରୁ ଉକ୍ତ ବିଲ୍ ଉପରେ ସମୀକ୍ଷା କରାଯାଇଛି। ତେବେ ଏଥିରେ କୌଣସି ପ୍ରକାର ପରିବର୍ତ୍ତନ ଅଣାଯାଇଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ।

ପ୍ରକାଶ ଯେ, ଭାରତ ୮୮% କ୍ରୁଡ୍ ଅଏଲ୍ ଅନ୍ୟ ଦେଶରୁ ଆମଦାନୀ କରିଥାଏ। ଏହାକୁ ପେଟ୍ରୋଲ ଓ ଡିଜେଲ ଭଳି ଇନ୍ଧନରେ ପରିବର୍ତ୍ତିତକରି ପୁଣି ଅନ୍ୟ ଦେଶକୁ ରପ୍ତାନି କରିଥାଏ। ବିଶ୍ୱର ତୃତୀୟ ତୈଳ ଆମଦାନୀକାରୀ ଦେଶ ଭାରତ ୨୦୨୧ ପର୍ଯ୍ୟନ୍ତ ରୁଷିଆଠାରୁ ମାତ୍ର ୦.୨% କ୍ରୁଡ୍ ଆମଦାନୀ କରିଆସୁଥିଲା। କିନ୍ତୁ ୨୦୨୨ ଫେବୃଆରୀରେ ମସ୍କୋର ୟୁକ୍ରେନ୍ ଆକ୍ରମଣ ପରେ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷୀୟ ତୈଳ କ୍ରୟ ଉପରେ କଟକଣା ଲଗାଇବା ପରେ ଭାରତର ତୈଳ ଆମଦାନୀ ବହୁଗୁଣିତ ହୋଇଛି। ୨୦୨୫ ଡିସେମ୍ବରରେ ରୁଷିଆ ଭାରତର ସର୍ବୋଚ୍ଚ ତୈଳ ଯୋଗାଣକାରୀ ରାଷ୍ଟ୍ର ଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆକାଶ କଇଆଁ ଚିଲିକା ମାଛ**
**କେତେ କରୁଅଛ ଅପାଞ୍ଚ ପାଞ୍ଚ।**

କଇଁଆର ସ୍ୱାଦ ଖଟା। ମାଛ ତରକାରିରେ ଖଟା ପଡ଼ିଲେ ତରକାରି ଭଲ ଲାଗେ। ଚିଲିକା ହ୍ରଦରେ ମାଛ ବହୁତ। ଗଛରୁ କଇଁଆ ତୋଳା ହେବ, ଚିଲିକାରୁ ମାଛ ଆସିବ ତା'ପରେ ତରକାରି ହେବ। କାହିଁ କେତେଦୂରର କଥା। ଅସମ୍ଭବ ଦ୍ରବ୍ୟ ପ୍ରାପ୍ତ ହେବା ପାଇଁ କରାଯାଉଥିବା ଅପର୍ଯ୍ୟାପ୍ତ ପରିକଳ୍ପନା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଇଁଷି ପତର ପୁଞ୍ଜିପୁଞ୍ଜିକା**
**ଲାଉ ଶାଗ ତୋଳିବାକୁ**
**ବାପ ଦେଇଛନ୍ତି ବୁଢ଼ା ବରକୁ**
**ଚାଳ ଧରି କାନ୍ଦିବାକୁ।**

ସ୍ୱାମୀସ୍ତ୍ରୀଙ୍କ ବୟସ ମଧ୍ୟରେ ପ୍ରଭେଦ ଯେତିକି କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ମଧୁମୟ, ସୁଖମୟ ହୁଏ। ବୟସର ତାରତମ୍ୟ ଅଧିକ ହେଲେ ବୁଝାମଣା ଠିକ୍ ଢଙ୍ଗରେ ହୋଇ ନ ପାରିବା କାରଣରୁ ନାନା ଅଶାନ୍ତି ତଥା କଳହର ବାତାବରଣ ସୃଷ୍ଟି ହୁଏ। ଏପରିସ୍ଥଳେ ବୟସ୍କ ବରକୁ ବିବାହ କରିଥିବା ଝିଅର ଦୁଃଖ ଦୁର୍ଦ୍ଦଶା ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## କୋର୍ଟ ଉଡ଼ାଇଦେବାକୁ...

ହାଇକୋର୍ଟରେ ପହଞ୍ଚିଥିଲେ। ଡଗ୍ ସ୍କ୍ୱାଡ୍ ଓ ବମ୍ ସ୍କ୍ୱାଡ୍ ଦ୍ୱାରା ତନ୍ନତନ୍ନ କରି ହାଇକୋର୍ଟ ପରିସରକୁ ଯାଞ୍ଚ କରାଯାଇଥିଲା। ପୋଲିସ କୋର୍ଟ ପରିସରରେ କୌଣସି ବୋମା ଆତଙ୍କ ନ ଥିବା ଓ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଘୋଷଣା କରିବା ପରେ ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ସମେତ ଅନ୍ୟ ୩ଜଣ ବିଚାରପତି ସେମାନଙ୍କ କୋର୍ଟରେ ମାମଲାଗୁଡ଼ିକର ଶୁଣାଣି ଆରମ୍ଭ କରିଥିଲେ। ଅପରପକ୍ଷରେ, ପୋଲିସ ଡିଜି ୱାଇ. ବି. ଖୁରାନିଆ ବୋମା ଆତଙ୍କ ବାବଦରେ ଲୋକମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇଛି। ଏଥିସହ ଏପରି ଆତଙ୍କର ଇ-ମେଲକୁ ଭଲ ଭାବେ ତଦନ୍ତ କରାଯାଉଛି। ପୋଲିସ ପରିସ୍ଥିତିକୁ ଅତ୍ୟନ୍ତ ନିକଟରୁ ପର୍ଯ୍ୟବେକ୍ଷଣ କରୁଛି। ସମ୍ପୃକ୍ତ ଅଞ୍ଚଳରେ ପୋଲିସର ତନଖି ଓ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ତେଣୁ ଲୋକମାନେ ଏଥିରେ ଭୟଭୀତ ନ ହେବାକୁ ଡିଜିପି କହିଥିଲେ। ଏଥିସହ ପୋଲିସକୁ ଲୋକମାନେ ତଦନ୍ତରେ ସହଯୋଗ କରିବା ସହ ସୁରକ୍ଷା ବଳବତ୍ତର ରଖିବାରେ ସହାୟକ ହେବାକୁ ମଧ୍ୟ ଡିଜିପି ଖୁରାନିଆ ଅନୁରୋଧ କରିଥିଲେ।

ସେହିପରି ସମ୍ବଲପୁର ଜିଲା ଜଜ୍ କୋର୍ଟରେ ଗୁରୁବାର ବୋମା ଆତଙ୍କକୁ ନେଇ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ଜିଲା କୋର୍ଟରେ ଶୁଣାଣି କାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ଜିଲାଜଜ୍ ପ୍ରଜ୍ଞା ପାଣିଗ୍ରାହୀଙ୍କ ନିକଟକୁ ଏକ ଇ-ମେଲ ବାର୍ତ୍ତା ଆସିଥିଲା। ଏଥିରେ ସମ୍ବଲପୁର ଜିଲାଜଜଙ୍କ କୋର୍ଟକୁ ବିସ୍ଫୋରଣରେ ଉଡ଼ାଇ ଦେବାକୁ କୋର୍ଟ ପରିସରରେ ବୋମା ଖଞ୍ଜା ଯାଇଛି ବୋଲି ଧମକପୂର୍ଣ୍ଣ ସୂଚନା ରହିଥିଲା। ତୁରନ୍ତ ପାଲିସ ସୁରକ୍ଷା କର୍ମୀଙ୍କ ସହ ବୋମା ସ୍କ୍ୱାଡ ଓ ସନ୍ଧାନୀ କୁକୁର ସେଠାରେ ପହଞ୍ଚି ସମଗ୍ର ଜିଲାଜଜ୍‌ଙ୍କ କୋର୍ଟ ପରିସର, ପୋକ୍‌ସୋ, ଭିଜିଲାନ୍ସ ଆଦି ବିଭିନ୍ନ କୋର୍ଟ ସହିତ ଏସ୍‌ଡିଜେଏମ୍ କୋର୍ଟ ପରିସର ଓ ଆଖପାଖ ଅଞ୍ଚଳକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ସମସ୍ତ କୋର୍ଟର ମାଜିଷ୍ଟ୍ରେଟଙ୍କଠାରୁ ଆରମ୍ଭ କରି ଓକିଲ, କର୍ମଚାରୀ ଓ ଆସିଥିବା ସମସ୍ତ ମୁଦାଲାଙ୍କୁ ବାହାରକୁ ଯିବାକୁ କହି ସମଗ୍ର କୋର୍ଟ ପରିସରରୁ ଖାଲି କରି ଦେଇଥିଲା। ସମସ୍ତେ କୋର୍ଟ ସମ୍ମୁଖ ରାସ୍ତାରେ ରୁଣ୍ଡ ହୋଇଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରୁ ସମସ୍ତ କୋର୍ଟରେ ଅଦାଲତୀ କାର୍ଯ୍ୟ ବନ୍ଦ ରହିଥିଲା। ବମ୍ ସ୍କ୍ୱାଡ ଡିଏସ୍‌ଏମ୍‌ଡି, ଏନ୍‌ଏଲ୍‌ଜେଡି, ଓଏଫ୍‌ଏସ୍ ଅପ୍ଟିକାଲ ଫାଇବର, ଇଏସ୍‌ଟି ଟାଇମ୍ ଡିଭାଇସ୍, ପିଏସ୍‌ଏମ୍, ସର୍ଚ୍ଚ ମିରର ଆଦି ଅତ୍ୟାଧୁନିକ ଯାଞ୍ଚ ଉପକରଣ ଜରିଆରେ ସମଗ୍ର ଅଞ୍ଚଳକୁ ଯାଞ୍ଚ କରାଯାଇଥିଲା। ଏପରିକି ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ବ୍ୟବସ୍ଥା ସ୍ୱରୂପ ଯାଞ୍ଚକାରୀ ଦଳର ସହାୟତା ପାଇଁ ଅଗ୍ନିଶମ ବାହିନୀ ମଧ୍ୟ ଦମକଳ ସହିତ ଯାଞ୍ଚରେ ନିୟୋଜିତ ହୋଇଥିବା ଦେଖିବାକୁ ମିଳିଥିଲା।

ଦେବଗଡ଼ ଜିଲା କୋର୍ଟକୁ ମଧ୍ୟ ବୋମା ବିସ୍ଫୋରଣ ଦ୍ୱାରା ଉଡାଇଦେବା ପାଇଁ ବିଚାର ବିଭାଗୀୟ ମେଲ୍‌କୁ ଅଜଣା ଇ-ମେଲ୍ ଆଇଡିରୁ ମେସେଜ ଆସିଥିଲା। ଏହା ଜଣାପଡ଼ିବା ପରେ କୋର୍ଟ ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏହି ମେସେଜ୍ ପାଇବା ପରେ ବିଚାରପତି ଓ ବିଚାର ବିଭାଗୀୟ କର୍ମଚାରୀ ଏବଂ ଆଇନଜୀବୀ ଭୟଭୀତ ହୋଇ କୋର୍ଟ କୋଠରି ଭିତରୁ ବାହାରକୁ ଆସିଥିଲେ। ସେହିପରି ମହକିଲମାନେ ମଧ୍ୟ ଭୟଭୀତ ହୋଇପଡିବା ସହ ଅଦାଲତ ପରିସର ଛାଡି ଇତସ୍ତତଃ ଦୌଡ଼ି ପଳାଉଥିବା ଦେଖିବାକୁ ମିଳିଥିଲା। ତେବେ ସୁରକ୍ଷା ଦୃଷ୍ଟିକୋଣରୁ ପୋଲିସ ପକ୍ଷରୁ ବୋମା ନିଷ୍କ୍ରିୟକାରୀ ଟିମ୍ ସନ୍ଧାନୀ କୁକୁର ସହାୟତାରେ ସମସ୍ତ ବିଚାରବିଭାଗୀୟ ଅଦାଲତ କୋଠା ସମେତ ସମଗ୍ର ଅଦାଲତ ପରିସର ଯାଞ୍ଚ କରାଯାଇଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ଏସ୍‌ଡିପିଓ ରମେଶ ଚନ୍ଦ୍ର ମାହାନା ଓ ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଅଦାଲତ ପରିସରରେ ଯାଞ୍ଚ କାର୍ଯ୍ୟ ତଦାରଖ କରିଥିଲେ। କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଅଦାଲତ ପରିସରରେ ଅଗ୍ନିଶମ ବାହିନୀ ଦମକଳ ଗାଡି ସହିତ ପ୍ରସ୍ତୁତ ହୋଇ ରହିଥିଲେ। ତେବେ ଯାଞ୍ଚ ସମୟରେ କୌଣସି ପ୍ରକାର ଆର୍ଡିଏକ୍ସ କିମ୍ବା ବିସ୍ଫୋରକ ସାମଗ୍ରୀ ମିଳି ନ ଥିଲା। ଅନ୍ୟପକ୍ଷରେ ମିଳିଥିବା ମେସେଜ୍‌ରେ ବିସ୍ଫୋରଣର ସମୟ ୨ଟା ୩୫ ମିନିଟ୍ ବୋଲି ଘୋଷଣା ହୋଇଥିବାବେଳେ ଏହି ସମୟ ଅତିକ୍ରାନ୍ତ ହେବାରୁ ବିଚାରପତି, ବିଭାଗୀୟ କର୍ମଚାରୀ, ଆଇନଜୀବୀ ଓ ପୋଲିସ ଅଧିକାରୀ ସାମାନ୍ୟ ଆଶ୍ୱସ୍ତି ପ୍ରକାଶ କରିଥିଲେ।

## ବୋମା ଧମକ ମିଥ୍ୟା: ଆଇନମନ୍ତ୍ରୀ

ଭୁବନେଶ୍ୱର,୮।୧(ସୁନିତ୍ ମିଶ୍ର)

କଟକ, ସମ୍ବଲପୁର ଓ ଦେବଗଡ଼ର ଜିଲା କୋର୍ଟକୁ ଇ-ମେଲ୍ ଯୋଗେ ବୋମା ଧମକ ଘଟଣାକୁ ନେଇ ରାଜନୈତିକ ବୟାନବାଜି ମଧ୍ୟ ଆରମ୍ଭ ହୋଇଛି। ଏନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କୋର୍ଟକୁ ଆସିଥିବା ମେଲ୍ ମିଥ୍ୟା। ଏହାକୁ ନେଇ ଆତଙ୍କିତ ହେବାର କାରଣ ନାହିଁ। ମୁଖ୍ୟମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେଇ ସାରିଛନ୍ତି, ଚିହ୍ନଟ କରାଯିବ। ଡିଜିପି ଏବଂ ଅନ୍ୟାନ୍ୟ ସ୍କ୍ୱାଡ୍ ଯାଞ୍ଚ କରିବା ପରେ କୋର୍ଟରେ କାର୍ଯ୍ୟ ଆରମ୍ଭ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ବାଧକାଧିପଙ୍କ ଦୃଷ୍ଟିରେ ରହିଥିବାରୁ ପାରିବାରିକ ଶାନ୍ତି ଭଗ୍ନ ହୋଇପାରେ। ପାପଗ୍ରହ ଦୃଷ୍ଟ ଚତୁର୍ଥାଧିପତି ହେତୁ ଯାନବାହନ, ହୋଟେଲ ଶିଳ୍ପ, ଛୋଟ ଦୋକାନରୁ ଲାଭ ମିଳି ନ ପାରେ। ଆର୍ଥିକ ଅନଟନ ସୁଧାରିବା ଲାଗି ବନ୍ଧୁ ସହଯୋଗର ପ୍ରତିଶ୍ରୁତି ଦେବେ। ସାହିତ୍ୟ ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**ବୃଷ** ଚନ୍ଦ୍ର କେନ୍ଦ୍ରରେ ବୃହସ୍ପତି ଗଜକେଶରୀ ଯୋଗରୁ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ। ବନ୍ଧୁଙ୍କ ଆଦର, ଲୋକପ୍ରିୟତା ବୃଦ୍ଧି ସାଙ୍ଗକୁ ଆର୍ଥିକ ଅଭିବୃଦ୍ଧିରୁ ଖୁସି ରହିବେ। ଆତ୍ମୀୟଙ୍କ ସହଯୋଗରୁ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସହକର୍ମୀଙ୍କ ଜରିଆରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମିଥୁନ** ବନ୍ଧୁବର୍ଗଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କରଜକରି ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବାକୁ ବାଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ ଉପରିସ୍ଥଙ୍କ କଟୁ ସମାଲୋଚନା ଶୁଣିବାକୁ ପଡିବ। ବ୍ୟବସାୟରେ ନୂତନ ପଦକ୍ଷେପ ଗ୍ରହଣ କରିବା ସକାଶେ ମନ ବଳାଇବେ।

**କର୍କଟ** ରବିଙ୍କ ପ୍ରଭାବରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ସମ୍ପର୍କୀୟଙ୍କ ସହଯୋଗ ଲାଭକରି ଅଟକିଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରନ୍ତି। ମାଲିମକଦ୍ଦମାରେ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ କୌଣସି ସମସ୍ୟା ଉପୁଜିପାରେ। ପ୍ରକାଶନ, ଚୁକ୍ତିପତ୍ର, ପ୍ରଶାସନ, ଶିଳ୍ପ, ଏଜେନ୍ସିପ୍, ବାଣିଜ୍ୟ, ପରିବହନ, କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ସିଂହ** ଚତୁର୍ଥାଧିପତି କୋଣ ସ୍ଥାନରେ ଥିବାରୁ ଲୋକସମ୍ପର୍କ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଅସମର୍ଥିତ ସୂତ୍ରରୁ କୌଣସି ଖବର ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ସହ ମନାନ୍ତର ସୃଷ୍ଟି ହୋଇପାରେ। ମିତ୍ର କେହି ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଛଳନା କରି ଦୂରେଇ ଯାଇ ପାରନ୍ତି।

**କନ୍ୟା** ବୃହସ୍ପତିଙ୍କ ପ୍ରଭାବରେ କେଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଚୁକ୍ତିପତ୍ର, ସଭାସମିତି ତଥା ଆଲୋଚନା କ୍ଷେତ୍ରରେ ସଫଳତା ପାଇବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖିବା ପାଇଁ ଚେଷ୍ଟା କଦାପି ନିଷ୍ଫଳ ହେବନି। ପରିଜନଙ୍କ ସହିତ କୌଣସି ଦର୍ଶନୀୟ ସ୍ଥାନକୁ ଯାଇପାରନ୍ତି।

**ତୁଳା** ଭାଗ୍ୟସ୍ଥାନକୁ ଏକାଧିକ ଗ୍ରହ ଦେଖୁଥିବାରୁ ଯାହାକୁ ଯାହା କହିବେ ତାହା ନିଷ୍ଫଳ ହେବନାହିଁ। କିନ୍ତୁ ତୃତୀୟସ୍ଥ ପାପଗ୍ରହଜନିତ କୌଣସି କାମରେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସାମ୍ବାଦିକତା ତଥା ସାଂସ୍କୃତିକ କାର୍ଯ୍ୟକ୍ରମରୁ ସମ୍ବର୍ଦ୍ଧିତ ହେବେ। ଅଫିସ କାମରୁ ଅର୍ଥ ସମ୍ପର୍କିତ ଅଭିଯୋଗ ଆସିପାରେ।

**ବିଛା** ବୃହସ୍ପତିଙ୍କ ଶୁଭଦୃଷ୍ଟି ଧନସ୍ଥାନ ପ୍ରତି ରହିଥିବାରୁ ଅର୍ଥଲାଭ ସହ ବାକ୍ ବିଳାସୀ ହେବେ। ଭିତରେ ଭିତରେ ଈର୍ଷାକରୁଥିବା କୌଣସି ନିଜ ପରିସରର ବ୍ୟକ୍ତିଙ୍କ ସହ ସମ୍ପର୍କ ହ୍ରାସ ହେବ। ଆପଣ ସାଧାରଣ ପ୍ରଶଂସାରେ ଯେତିକି ଉତ୍‌ଫୁଲ୍ଲିତ ହେବେ ଠିକ୍ ସେ ମାତ୍ର ସମାଲୋଚନାରେ ତଦନୁପାତରେ ବ୍ୟସ୍ତବିବ୍ରତ ହୋଇପାରନ୍ତି।

**ଧନୁ** ପାପଗ୍ରହମାନେ ରାଶିରେ ଅବସ୍ଥାନ କରି ବିବାଦୀୟ ଚିନ୍ତାଧାରା ଉତ୍ପନ୍ନ କରିପାରନ୍ତି। ତୃତୀୟସ୍ଥ ରାହୁଙ୍କ ପ୍ରଭାବରେ ବନ୍ଧୁମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କିନ୍ତୁ ପ୍ରତିବେଶୀଙ୍କ ସହ ମଧୁର ସମ୍ପର୍କରୁ ଆପଣଙ୍କ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବ।

**ମକର** ରାଶ୍ୟାଧିପତିଙ୍କ ନୀଚାରୋହଣ ହେତୁ ପ୍ରତ୍ୟେକ କାର୍ଯ୍ୟ ଓ ଚିନ୍ତାଧାରା ଶିଥିଳ ରହିବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ନିନ୍ଦା ଶୁଣିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ପ୍ରଶାସନ, ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ।

**କୁମ୍ଭ** କୌଣସି ଦାୟିତ୍ୱପୂର୍ଣ୍ଣ କାମଟି ଧିମେଇ ଯିବାରୁ ମାନସିକ ସ୍ତରରେ ଚିନ୍ତିତ ରହିପାରନ୍ତି। ଅଷ୍ଟମସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ଋଣ ପରିଶୋଧଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରା,ବାଣିଜ୍ୟ ଏବଂ ପରିବହନରେ ପ୍ରତିବନ୍ଧକ ଆସିପାରେ। ଆରୋଗ୍ୟ ଲାଭ, ବନ୍ଧୁଙ୍କ ସହାନୁଭୂତି, ଆନୁଷ୍ଠାନିକ କାର୍ଯ୍ୟରେ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିବେ।

**ମୀନ** ଚତୁର୍ଥ କେନ୍ଦ୍ରରେ ବୃହସ୍ପତି ପାରିବାରିକ ଏବଂ କର୍ମକ୍ଷେତ୍ରକୁ ଋଦ୍ଧିମନ୍ତ କରିବେ। ଧର୍ମକାର୍ଯ୍ୟ, ସନ୍ତାନଙ୍କ ଉଚ୍ଚଶିକ୍ଷା, କର୍ମାରମ୍ଭ ଓ ଯୋଜନା ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ମକଦ୍ଦମା, ରାଜନୀତି, ପ୍ରଶାସନିକ କ୍ଷେତ୍ରରେ ଅସ୍ଥିରତା ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇ ଉଲ୍ଲସିତ ହୋଇପାରନ୍ତି।

ଆଜି ଜାନୁଆରୀ ୯ ତାରିଖ, ପ୍ରବାସୀ ଭାରତୀୟ ଦିବସ, ମାଘ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ଶୁକ୍ରବାର। ରାଶିନକ୍ଷତ୍ର-ଉତ୍ତରାଫାଲଗୁନୀ/କନ୍ୟା, ଦିବା ଘ. ୦୧.୪୧ ଗତେ ହସ୍ତା ନକ୍ଷତ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୭ ଗତେ ଘ.୦୭.୧୦ ମଧ୍ୟେ, ଘ.୦୭.୫୪ ଗତେ ଘ.୦୯.୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୨ ଗତେ ଘ.୧୧.୫୩ ମଧ୍ୟେ ରାହୁ କାଳ।

# ପ୍ରଦୂଷଣ ପାଇଁ ଆଦିବାସୀ ମହିଳା ବିଧବା

## ଏସ୍‌ପିସିବିର ତାଗିଦ୍ ମାନୁନି ସୁକିନ୍ଦା ରୋଡ୍ ରେଲ୍‌ୱେ ସାଇଡିଂ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା

**ଯାଜପୁର/କଳିଙ୍ଗନଗର (ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ), ୮।୧**



ଦାନଗଦି ବ୍ଲକ ଧୂଳିଗଡ଼ ପଞ୍ଚାୟତର ସୁଆଁଲୋ ଗ୍ରାମ।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅତ୍ୟଧିକ ବାୟୁ ପ୍ରଦୂଷଣ ପାଇଁ ଗୋଟିଏ ଗାଁ ପୁରୁଷ ଶୂନ୍ୟ ହେବାକୁ ବସିଛି। ସ୍ୱାମୀଙ୍କୁ ହରାଇ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଅପ୍ରାପ୍ତ ବୟସରେ ବିଧବା ସାଜି ପିଲାଛୁଆଙ୍କୁ ଧରି ଅଭାବ ଅନାଟନରେ କାଳାତିପାତ କରୁଛନ୍ତି। ଏମିତି ଏକ ଅଭିଶପ୍ତ ଗାଁ ହେଉଛି କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ବ୍ଲକ ଧୂଳିଗଡ଼ ପଞ୍ଚାୟତ ଅଧୀନ ସୁଆଁଲୋ। ମାନଗୋବିନ୍ଦପୁର ସୁକିନ୍ଦା ରୋଡ ରେଲ୍‌ୱେ ସାଇଡିଂ ଏବଂ ଜେଏସଡବ୍ଲ୍ୟୁ ସିମେଣ୍ଟ ଲିଃ କାରଖାନାରୁ ଉତ୍କଟ ବାୟୁ ପ୍ରଦୂଷଣ ସୃଷ୍ଟି କାରଣରୁ ସୁଆଁଲୋ ଗ୍ରାମର ମୁଣ୍ଡାସାହି, ସହରସାହି ଓ ନାୟକସାହିର ପ୍ରାୟ ୧୫୦ ଲୋକ ଗତ ୫ ବର୍ଷରେ ବିଭିନ୍ନ ବାୟୁଜନିତ ରୋଗ କାରଣରୁ ମୃତ୍ୟୁମୁଖରେ ପଡ଼ିଥିବା ସୂଚନା ମିଳିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ଜେଏସ୍‌ଡବ୍ଲ୍ୟୁ ଓ ସୁକିନ୍ଦା ରୋଡ ରେଲ୍‌ୱେ ସାଇଡିଂ କର୍ତ୍ତୃପକ୍ଷଙ୍କୁ ବାୟୁ ପ୍ରଦୂଷଣ ପାଇଁ ନିକଟରେ କାରଣଦର୍ଶାଅ ନୋଟିସ ଜାରି କରିଥିଲେ ହେଁ କିଛି ଫଳପ୍ରଦ ହୋଇ ନ ଥିବା ସୂଚନା ମିଳିଛି।

ସୁକିନ୍ଦା ରୋଡ୍ ରେଲ୍‌ୱେ ସାଇଡିଂ ଏବଂ ଏଠାରୁ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ ପରିବହନ ହେଉଥିବା ବିଷାକ୍ତ କଞ୍ଚାମାଲର ପ୍ରଭାବ ଆଗରେ ଏସ୍‌ପିସିବିର ଦମ୍ଭ ଭାଙ୍ଗି ପଡ଼ିଛି। ରାଜ୍ୟ ସରକାର ଦ୍ରୁତ ଶିଳ୍ପାୟନ ସହ ପରିବେଶ ସୁରକ୍ଷା ଉପରେ ବହୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଦାନଗଦି ବ୍ଲକ ଅନ୍ତର୍ଗତ ସୁଆଁଲୋ, ପାତ୍ର ସାହି, ଦେହୁରୀ ସାହି, ମାଝି ସାହି, ବ୍ରାହ୍ମଣ ସାହି, ମାନଗୋବିନ୍ଦପୁର, ଯଖପୁରା, କୁଡୁମୀସାହି, ବରପାଳ, ଦଶମାଣିଆ, ଟାଙ୍ଗରସାହି ଆଦି ଗ୍ରାମବାସୀଙ୍କୁ ସରକାରଙ୍କ ବିଭିନ୍ନ ପଦକ୍ଷେପ କୌଣସି କାର୍ଯ୍ୟରେ ଲାଗୁନାହିଁ। ଶତାଧିକ ଲୋକ ଯକ୍ଷ୍ମା ଓ କାମଳ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପରିବେଶ ବିଷାକ୍ତ ଯୋଗୁ ଅନେକ ଅଜଣା ରୋଗ ଦେଖାଦେଉଛି। ଫଳରେ କେବଳ ସୁଆଁଲ ଗ୍ରାମର ଶ୍ରୀମତୀ ନାଏକ, ଜାନକୀ ନାଏକ, କମଳା ନାଏକ, ଦମୟନ୍ତୀ ନାଏକ, ମିନି ନାଏକ, ଟୁରୀ ନାଏକ, ପାଦ ନାଏକ, ପିଙ୍କି ନାଏକ, ବୁତି ନାଏକ, ଟୁନି ନାଏକ, ଝୁମୁରି ନାଏକ, ପ୍ରମିଳା ନାଏକ, କୁନି ନାଏକ, ଦ୍ରୌପଦୀ ନାଏକ, ଲତା ନାଏକ, ଟିକିଲି ନାଏକ, ବାଲମା ମୁଣ୍ଡା, ଟିକିରି ମୁଣ୍ଡା ପ୍ରମୁଖ ୪୦ ବର୍ଷରୁ କମ ବୟସରେ ବିଧବା ହୋଇଛନ୍ତି। ସେମାନଙ୍କ ସ୍ୱାମୀମାନେ ବିଷାକ୍ତ ଧୂଳିଧୂଆଁରେ କାମ କରି ଉପଯୁକ୍ତ ଚିକିତ୍ସା ନ ପାଇ ଅକାଳରେ ମୃତ୍ୟୁବରଣ କରିଥିବା ଏହି ମହିଳାମାନେ ଦୁଃଖଭରା କଣ୍ଠରେ ପ୍ରକାଶ କରିଛନ୍ତି। ଏବେବି ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅସୁସ୍ଥ ଥିବା ଜଣାପଡ଼ିଛି। ଗ୍ରାମ ପାଖରେ ଥିବା ରେଲୱେ ସାଇଡିଂ ଏବଂ ଜେଏସ୍‌ଡବ୍ଲ୍ୟୁକୁ ପରିବହନ ହେଉଥିବା ବିଷାକ୍ତ କଞ୍ଚାମାଲରୁ ନିର୍ଗତ ଧୂଳିଧୂଆଁ ବ୍ୟବହାର ଉପଯୋଗୀ ପାଣିକୁ ଦୂଷିତ କରୁଛି। ସ୍ୱଚ୍ଛ ପାନୀୟ ଜଳର ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଣି, ପବନ ସବୁ କିଛି ସେଠାରେ ବିଷାକ୍ତ ହୋଇପଡ଼ିଛି। ୩ ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ୩୦୦ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ସେମାନଙ୍କ ମଧ୍ୟରୁ ୭୫ ପ୍ରତିଶତ ଆଦିବାସୀ ଶ୍ରେଣୀର ହୋଇଥିବାବେଳେ ୨୦ ପ୍ରତିଶତ ଦଳିତ ଓ ବାକି ୫ ପ୍ରତିଶତ ଅନ୍ୟାନ୍ୟ ଶ୍ରେଣୀର ଲୋକ ବାସ କରୁଛନ୍ତି। ଗ୍ରାମକୁ ଲାଗି ରହିଥିବା ସୁକିନ୍ଦା ରେଲୱେ ସାଇଡିଂକୁ ଅଷ୍ଟ୍ରେଲିଆରୁ କୋଇଲା ଆମଦାନି କରାଯାଇ ଏହି ପ୍ଲଟରୁ କଳିଙ୍ଗନଗର ବିଭିନ୍ନ କାରଖାନାକୁ ପରିବହନ ହେଉଛି। ଏହି ପ୍ଲଟକୁ ହାରାହାରି ଦିନକୁ ୩୦୦ରୁ ଊର୍ଦ୍ଧ୍ୱ ଟ୍ରକ ଚଳାଚଳ କରୁଛି। ତେବେ ଏହା ଉପଯୁକ୍ତ ଭାବେ ଏସ୍‌ପିସିବିର ନୀତି ନିୟମକୁ ମାନୁ ନ ଥିବାରୁ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଲୋକେ ନର୍କଯନ୍ତ୍ରଣା ଭୋଗୁଛନ୍ତି। ଆବଶ୍ୟକ ସୁଉଚ୍ଚ ପାଚେରି, ଚାରାରୋପଣ କରି ସବୁଜବଳୟ ସୃଷ୍ଟି କରାଯାଉ ନ ଥିବାରୁ ଅଞ୍ଚଳ ପ୍ରଦୂଷଣରେ ବୁଡି ରହୁଛି। ରେଲ୍‌ୱେ ସହ ସଲାସୁତୁରା କରି କମ୍ପାନୀ, ଖଣିମାଲିକ, ଟ୍ରାନ୍ସପୋର୍ଟର, ଲୋଡିଂ ଏଜେନ୍ସିମାନେ ଅଧିକ ଲାଭ ଆଶାରେ ପ୍ରଦୂଷଣ ଆଇନକୁ ଖିଲାପ କରି ପରିବହନ କରୁଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ପ୍ରଦୂଷଣ ନିୟନ୍ତ୍ରଣ ଆଇନ(ଜଳ) ୧୯୭୪ ଓ (ବାୟୁ) ୧୯୮୧କୁ ଖିଲାପ କରୁଥିବା ପ୍ଲଟକୁ ତୁରନ୍ତ ସ୍ଥାନାନ୍ତରଣ କରି ଲୋକଙ୍କୁ ବଞ୍ଚିବାର ଅଧିକାର ଦେବାକୁ ପୂର୍ବରୁ ଏନଜିଟିରେ ମାମଲା ରୁଜୁ ହୋଇଥିଲେ ହେଁ କଳେବଳେ ତାକୁ ଦବେଇ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରଦୂଷଣ ସୃଷ୍ଟି କରୁଥିବା ରେଲ୍‌ୱେ ସାଇଡିଂ ଏବଂ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ କାରଣଦର୍ଶାଅ ନୋଟିସ ହୋଇଛି। ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଶିଳ୍ପ କାରଖାନା ଓ ରେଲ୍‌ୱେ ସାଇଡିଂ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଧର୍ମାନ୍ତର ବିବାଦକୁ ନେଇ ହୋଇପାରୁନି ଶବ ସତ୍କାର

**ଜଳେଶ୍ୱର, ୮।୧(ନବୀନ ସାହୁ)**



ଗ୍ରାମବାସୀଙ୍କ ବିରୋଧ।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା କାଳିକ ପଞ୍ଚାୟତ ୪ନମ୍ବର ୱାର୍ଡ ରଙ୍ଗମାଟିଆ ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଦୁଇ ପୁଅଙ୍କ ମଧ୍ୟରେ ଧର୍ମାନ୍ତର ବିବାଦକୁ ନେଇ ବୃଦ୍ଧ ବାପାଙ୍କ ଶବ ସତ୍କାର ହୋଇପାରୁନି। ବଡ଼ପୁଅ ହିନ୍ଦୁ ରୀତିନୀତି ଅନୁସାରେ ବାପାଙ୍କ ଶବ ସତ୍କାର କରିବେ ବୋଲି କହୁଥିବା ବେଳେ ସାନପୁଅ ଖ୍ରୀଷ୍ଟଧର୍ମ ଅନୁଯାୟୀ ଅନ୍ତ୍ୟେଷ୍ଟିକ୍ରିୟା କରିବେ ବୋଲି ଜିଦ୍ ଧରିଛନ୍ତି। ଏହାକୁ ନେଇ ବିବାଦ ଦେଖାଦେଇଛି।

ଛୁଟା ହାଁସଦା(୯୫)ଙ୍କ ବାର୍ଦ୍ଧକ୍ୟଜନିତ କାରଣରୁ ବୁଧବାର ରାତିରେ ମୃତ୍ୟୁ ହୋଇଥିଲା। ମାତ୍ର ସାନ ପୁଅ ଭୀମ ହାଁସଦାଙ୍କ ପରିବାର ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଛନ୍ତି। ସେ ନିଜ ବାପାଙ୍କୁ ବାଡ଼ିରେ କବର ଦେବା ଓ ଖ୍ରୀଷ୍ଟଧର୍ମ ଅନୁଯାୟୀ ଅନ୍ତ୍ୟେଷ୍ଟିକ୍ରିୟା କରିବେ ବୋଲି ଜିଦ୍ ଧରିଛନ୍ତି। ବଡ଼ପୁଅ ଭରତ ଘଟଣା ସମ୍ପର୍କରେ ଗ୍ରାମରେ ଜଣାଇଥିଲେ। ଗ୍ରାମସଭା ସଭାପତି ମାସାଂଗ ହାଁସଦା, ସାମରାୟ ହାଁସଦା, ମୋହନ ମାରାଣ୍ଡି, ବିରାମ ସୋରେନ, ରଳିଆ ମୁର୍ମୁ, ନାଇକେ ବାବା, ମଙ୍ଗଲ ମାଝୀଙ୍କ ସହ ବହୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏ ନେଇ ଭୀମ ରାଇବଣିଆ ଥାନାର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଥାନାରୁ ଫେରି ନିଜ ବାଡ଼ିରେ କବର ଦେବାର ପ୍ରଶାସନଠୁ ଅନୁମତି ପାଇଁ ଘରବାଡ଼ି ପ୍ରମାଣପତ୍ର ନକଲ ରାଜସ୍ୱ ଅଧିକାରୀ ଓଲମରାକୁ ମଧ୍ୟ ପଠାଇଥିଲେ। ମାତ୍ର ଖବର ଲେଖା ଶେଷ ହେବା ପର୍ଯ୍ୟନ୍ତ ସୁଦ୍ଧା ଶବ ସତ୍କାର ହୋଇପାରି ନ ଥିବାବେଳେ ପ୍ରଶାସନ ମଧ୍ୟ ପହଞ୍ଚି ନ ଥିବାର ଜଣାପଡ଼ିଛି।







ଆମ ନାକ ଆଗରେ ଯାହା ଯେତିକି ଘଟୁଛି–ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ– ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। **–ଶ୍ରୀଅରବିନ୍ଦ**



# ଟ୍ରମ୍ପ ପ୍ରଶାସନରେ ଅସମାନତା



ବ୍ରହ୍ମ ଚେଲାନି

ଗତବର୍ଷ ଜୁନ୍‌ରେ କେତେକ ଦେଶର ନାଗରିକଙ୍କ ଆମେରିକା ପ୍ରବେଶ ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଟକଣା ଲଗାଇଥିଲେ। ପୁନର୍ବାର ଗତମାସରେ ସେ ଆଉ ୨୦ଟି ଦେଶର ନାଗରିକଙ୍କ ଆମେରିକା ପ୍ରବେଶକୁ ବନ୍ଦ କରିଥିଲେ । ତେବେ ଜାତୀୟ ଏବଂ ଜନସାଧାରଣଙ୍କ ସୁରକ୍ଷା ପ୍ରତି ଥିବା ବିପଦ ଦୂର କରିବାପାଇଁ ସେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ଟ୍ରମ୍ପଙ୍କ କଟକଣାର ଶିକାର ହୋଇଥିବା ଦେଶଗୁଡ଼ିକର ତାଲିକାରୁ ସ୍ପଷ୍ଟ ଯେ, ତାଙ୍କ ପଦକ୍ଷେପ ହେଉଛି କେବଳ ଜାତୀୟ ରାଷ୍ଟ୍ରବାଦ ରାଜନୀତି, ଯାହାକୁ ଆତଙ୍କବାଦ ବିରୋଧୀ ପଦକ୍ଷେପ ଭାବେ ପ୍ରସ୍ତୁତ କରାଯାଇଛି। ୨୦୨୫ରେ ଆଙ୍ଗୋଲା, ଆଣ୍ଟିଗୁଆ ଓ ବାରବୁଡ଼ା, ଡୋମିନିକା, ହାଇତି, ଲାଓସ, ମାଲାୱି, ସେନେଗାଲ, ସିରିଆ ଲିଓନ, ଟୋଙ୍ଗା, ଜାମ୍ବିଆ ଏବଂ ଜିମ୍ବାୱେ ସମେତ ଅନେକ ଦେଶ ଉପରେ ଆମେରିକା ପ୍ରବେଶକୁ ନେଇ ଟ୍ରମ୍ପ କଟକଣା ଲଗାଇଥିଲେ। ଦେଖିବାକୁ ଗଲେ ବାସ୍ତବରେ ଏହି ଦେଶଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ସନ୍ତ୍ରାସବାଦରେ ଲିପ୍ତ ଥିବାର କୌଣସି ଇତିହାସ ନାହିଁ। କିନ୍ତୁ ଗତମାସରେ କଟକଣା ଘୋଷଣା କରାଯାଇଥିବା ୨୦ଟି ଦେଶ ମଧ୍ୟରୁ ୧୬ଟି ଦେଶ ଏବଂ ୨୦୨୫ରେ କଟକଣାର ଶିକାର ହୋଇଥିବା ୩୯ଟି ଦେଶ ମଧ୍ୟରୁ ୨୬ଟି ଦେଶ ହେଉଛନ୍ତି ଆଫ୍ରିକାର। ଟ୍ରମ୍ପଙ୍କ ବ୍ୟାପକ କାର୍ଯ୍ୟସୂଚୀରୁ ଜଣାପଡୁଛି ଯେ, ବର୍ଣ୍ଣ ବୈଷମ୍ୟ ଆମେରିକା ନୀତିକୁ ପ୍ରଭାବିତ କରୁଛି। ଏହା ହେଉଛି ୨୦୧୭ରେ ଟ୍ରମ୍ପଙ୍କ ପ୍ରଥମ ପ୍ରଶାସନରେ ଧର୍ମୀୟ ଭେଦଭାବ ଭଳି ଘଟଣା, ଯେଉଁଥିରେ ସେ ୭ଟି ମୁସଲମାନ ବହୁଳ ଦେଶର ନାଗରିକଙ୍କ ଆମେରିକା ପ୍ରବେଶ ତଥା ପୁନର୍ବାସ ଉପରେ କଟକଣା ଲଗାଇଥିଲେ।

ଆମେରିକାର ଅଧିକାରୀମାନେ କହନ୍ତି, ସେମାନଙ୍କ ନିଷ୍ପତ୍ତି ବା ଯୋଜନାରେ ସ୍କ୍ରିନିଂ, ଯାଞ୍ଚ ଓ ତଥ୍ୟ ଶେୟାରିଂରେ ଅଭାବ ପରିଲକ୍ଷିତ ହେଉଛି। ଏହାସହ କୌଣସି ଦେଶର ନାଗରିକ ଆଇନଗତ ଭାବେ ସାମୟିକ ଭିଜା ବଳରେ ଆମେରିକାକୁ ଆସି ଅନ୍ୟାୟ ଭାବେ ରହିଯାଉଛନ୍ତି । କିନ୍ତୁ ସାବଧାନ ପୂର୍ବକ ତ୍ରୁଟିଶୂନ୍ୟ ଭାବେ ଏହାକୁ ସମାଧାନ କରିବା ପରିବର୍ତ୍ତେ କେତେକ ଅଜବ ଯୁକ୍ତି ଉପସ୍ଥାପନ କରାଯାଉଛି। ଉଦାହରଣ ସ୍ୱରୂପ, ଆମେରିକୀୟ ପ୍ରବାସନ ପରିଷଦ ଯୁକ୍ତି ଦର୍ଶାଉଛି, ଅଣ–ଅପ୍ରବାସୀ ଭିଜା (ଯେଉଁମାନେ ଅସ୍ଥାୟୀ ଭିଜାରେ ଆସି ତାହା ପୂରଣ ହେବା ପରେ ରହିଯାଆନ୍ତି) ପ୍ରତିଶତକୁ ଦର୍ଶାଇ ପ୍ରବାସନ ଭିଜା ଉପରେ ଟ୍ରମ୍ପ ପ୍ରଶାସନ ପ୍ରତିବନ୍ଧକ ଲଗାଇଛି। ତେବେ ଟ୍ରମ୍ପଙ୍କ ଟାରିଫ ଭଳି ଏହିସବୁ ମାନଦଣ୍ଡକୁ ବିଶେଷକରି ବାଛି ବାଛି କେତେକ ଦେଶ ଉପରେ ଲାଗୁ କରାଯାଇଛି। ଏହାସହ କେତେକ ଦେଶ ଯଥା ଇଜିପ୍ଟ ଓ କୁଏତ୍‌ର ଲୋକେ ଅଧିକ ସଂଖ୍ୟାରେ ଭିଜା ଅବଧି ପୂରଣ ହେବା ପରେ ଆମେରିକାରେ ରହୁଥିଲେ ମଧ୍ୟ ସେମାନେ କୌଣସି କଟକଣାର ସମ୍ମୁଖୀନ ହେଉନାହାନ୍ତି। ଏପରି କି ଦୀର୍ଘ ସମୟ ଧରି ବିଶ୍ୱସ୍ତରରେ ଜିହାଦବାଦ ସହ ଜଡ଼ିତ ଥିବା ପାକିସ୍ତାନ ଓ କତାର ଭଳି ଦେଶକୁ କଟକଣାମୁକ୍ତ ରଖାଯାଇଛି। ଅନ୍ୟପକ୍ଷରେ ସାଉଦି ଆରବ ମଧ୍ୟ ଏଯାବତ୍ ଏହା ଟ୍ରମ୍ପଙ୍କ ଆକ୍ରୋଶର ଶିକାର ହୋଇନାହିଁ।

ଏଭଳି ସୁବିଧା ପାଉଥିବା ଦେଶଗୁଡ଼ିକ ନିର୍ଦ୍ଦିଷ୍ଟ ଭାବେ ବିପଜ୍ଜନକ। କିନ୍ତୁ ସେମାନେ ଆମେରିକା ପାଇଁ ଉପଯୋଗୀ ହୋଇଛନ୍ତି। ଇଜିପ୍ଟ ଓ ଇରାକ ଭଳି ଦେଶଗୁଡ଼ିକୁ ରଣନୀତିକ ଦୃଷ୍ଟିରୁ ଅପରିହାର୍ଯ୍ୟ ବୋଲି ବିଚାର କରାଯାଉଛି। ସାଉଦି ଆରବ କେବଳ ଆମେରିକାର ପ୍ରତିରକ୍ଷା ଅଂଶୀଦାର ନୁହେଁ, ବରଂ ଏହା କତାର ଭଳି ଆମେରିକାରେ ଏକ ପ୍ରମୁଖ ନିବେଶକ ହୋଇଛି ଏବଂ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ କୁଶନରଙ୍କ ଫାର୍ମରେ ନିବେଶ କରିଛି। ପାକିସ୍ତାନ ୱାର୍ଲ୍ଡ ଲିବରିଟି ଫାଇନାନ୍ସିଆଲ ସହ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛି। ଏହା ହେଉଛି ଏକ କ୍ରିପ୍ଟୋକରେନ୍ସି କମ୍ପାନୀ, ଯେଉଁଥିରେ ଟ୍ରମ୍ପଙ୍କ ପରିବାରର ପ୍ରମୁଖ ଅଂଶଧନ ରହିଛି। ଟ୍ରମ୍ପ ପ୍ରଶାସନ ଅନେକ ଦେଶ ଉପରେ କଟକଣାକୁ କଠୋର କରିଥିବାବେଳେ ତୁର୍କମେନିସ୍ତାନ ଉପରେ ପୂର୍ବରୁ ଥିବା ଅଣ–ଅପ୍ରବାସୀ ଭିଜା କଟକଣା ଉଠାଇ ନେଇଥିଲା। ଏହା ସ୍ପଷ୍ଟ ଯେ, ଏହି ଦେଶ ଆମେରିକା ସହ ଶକ୍ତି ଓ ଗୁରୁତ୍ୱପୂର୍ଣ୍ଣ ଖଣିଜଦ୍ରବ୍ୟ ଉପରେ ସହଯୋଗ କରିବାକୁ ଏବଂ ଆମେରିକୀୟ କମ୍ପାନୀଗୁଡ଼ିକୁ ଅଧିକ ସୁଯୋଗ ଦେବାକୁ ରାଜି ହେବା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ଏଥିରୁ ସ୍ପଷ୍ଟ ଶିକ୍ଷା ମିଳେ ଯେ, ଟ୍ରମ୍ପ ପ୍ରଶାସନର ଯେଉଁ ଦେଶଗୁଡ଼ିକ ସହିତ ଘନିଷ୍ଠତା ରହିଛି କିମ୍ବା ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ସହ ଲାଭଜନକ ବ୍ୟବସାୟିକ ସମ୍ପର୍କ ଅଛି, ସେମାନଙ୍କୁ ଶୁଭ ଦୃଷ୍ଟିରେ ଦେଖାଯାଉଛି। ଆମେରିକାର ସରକାରୀ କାର୍ଯ୍ୟାଳୟ ଏବଂ ବ୍ୟକ୍ତିଗତ ସ୍ୱାର୍ଥ ମଧ୍ୟରେ କୌଣସି ସୀମା ନାହିଁ, ଯେଉଁଥିପାଇଁ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି।

ଆମେରିକାର ସୁରକ୍ଷା ପ୍ରତି ବିପଦର କୌଣସି ଇତିହାସ ନ ଥିବା ଦେଶ ବୁର୍କିନାଫାସୋର ଜଣେ ନାଗରିକଙ୍କୁ ଆମେରିକାରେ ପ୍ରବେଶ ପାଇଁ ବାରଣ କରାଯାଇଛି। କିନ୍ତୁ ଇସ୍‌ଲାମିକ ହିଂସା ଓ ଆମେରିକା ବିରୋଧୀ ଉଗ୍ରବାଦ ଆକ୍ରାନ୍ତ ଜଣେ ବାଂଲାଦେଶୀ ନାଗରିକ ପ୍ରତି ଏଭଳି କଟକଣା ନାହିଁ। ଏହି ପ୍ରକାର ଅସଙ୍ଗତି ବା ଅସମାନତା ଆମେରିକାର କୂଟନୀତି ଓ ଆତଙ୍କବାଦ ବିରୋଧୀ ପଦକ୍ଷେପର ଗୁରୁତ୍ୱକୁ ହ୍ରାସ କରୁଛି। ଯଦି ଟ୍ରମ୍ପ ପ୍ରକୃତରେ ଆମେରିକାକୁ ରକ୍ଷା କରିବାକୁ ଚାହୁଁଥିଲେ ସେ ଗୁରୁତ୍ୱପୂର୍ଣ୍ଣ ଗୋଇନ୍ଦା ଓ ସୁସଙ୍ଗତ ମାନଦଣ୍ଡ ବା ନିୟମକୁ ଆଧାର କରି ଏକ ରଣନୀତି ପ୍ରସ୍ତୁତ କରିପାରି ଥାଆନ୍ତେ। ଏହା ସହ ସେ ଆମେରିକାର ସହଯୋଗୀ ଓ ଶତ୍ରୁମାନଙ୍କୁ ସମାନ ଭାବେ ସାମ୍ନା କରିବା ପାଇଁ ତତ୍ପରତା ପ୍ରଦର୍ଶନ କରିଥାଆନ୍ତେ। ଦୁର୍ଭାଗ୍ୟବଶତଃ ଟ୍ରମ୍ପଙ୍କ ସୁରକ୍ଷା ସମ୍ପର୍କିତ କଥା ପଛରେ ତାଙ୍କର ନିଜସ୍ୱ ସ୍ୱାର୍ଥ ନିହିତ ଥିବା ପ୍ରମାଣ କରିଛନ୍ତି। ତେବେ ଜାତୀୟ ସୁରକ୍ଷା କଥା କିଭଳି ଆକ୍ରମଣାତ୍ମକ କୂଟନୀତି ଓ ବ୍ୟକ୍ତିଗତ ଲାଭ ପାଇଁ ଉପଯୋଗ କରାଯାଇପାରେ ତାହାର ଏକ ଉଦାହରଣ ହେଉଛି ଏବକାର ଯାତ୍ରା ସମ୍ବନ୍ଧିତ କଟକଣା। ବାସ୍ତବରେ 'ଆମେରିକା ପ୍ରଥମ' ବିଚାରଧାରାରୁ ଏହା ସ୍ୱାଭାବିକ ଭାବେ ସୃଷ୍ଟି ହୋଇଥିଲା। ସବୁବେଳେ ଏହି ଧାରଣାର ଉଦ୍ଦେଶ୍ୟ ଥିଲା ଅନ୍ତଃରାଷ୍ଟ୍ରୀୟ କାର୍ଯ୍ୟରେ ଏକ ନେଣଦେଣ ଦୃଷ୍ଟିକୋଣକୁ ଯୁକ୍ତିଯୁକ୍ତ ସାବ୍ୟସ୍ତ କରିବା। କିନ୍ତୁ ଟ୍ରମ୍ପଙ୍କ ଦ୍ୱିତୀୟ ରାଷ୍ଟ୍ରପତିତ୍ୱ ସମୟରେ ଏହା ନିରାଶବାଦର ଉଚ୍ଚସ୍ତରରେ ପହଞ୍ଚିଯାଇଛି। ଆମେରିକାର ସୁରକ୍ଷା ସ୍ଥିତି ଯାହା ବି ହେଉ, ଏବେ ଯେଉଁମାନେ ଟ୍ରମ୍ପଙ୍କୁ ପର୍ଯ୍ୟାପ୍ତ ଲାଭ ଦେବାରେ ବିଫଳ ହେଉଛନ୍ତି ସେମାନେ ଦଣ୍ଡିତ ହେଉଛନ୍ତି ଏବଂ ଯେଉଁମାନେ ତାଙ୍କ ପାଇଁ ଉପକାରୀ ପ୍ରମାଣିତ ହେଉଛନ୍ତି ସେମାନେ ଦଣ୍ଡରୁ ମୁକ୍ତ ହେଉଛନ୍ତି।

**ପ୍ରାଧ୍ୟାପକ, ଏମରିଟସ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ୍,**
**ସେଣ୍ଟର୍ ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**

# ଗରିବ କଲ୍ୟାଣ ପାଇଁ ମୋଦୀଜୀଙ୍କ ଭିବି ଜି–ରାମ୍–ଜି



**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ନିକଟ ଅତୀତରେ ଆମ ସଂସଦରେ ବିକଶିତ ଭାରତ–ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ଭିବି ଜି–ରାମ୍–ଜି ଆଇନ ପାରିତ ହୋଇଛି। ଦେଶରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହି ଆଇନର ବିରୋଧ କରିବା ସହ ରୋଜଗାରର ଗ୍ୟାରେଣ୍ଟି ଶେଷ ହୋଇଯିବା, ଗାନ୍ଧୀଜୀଙ୍କ ଅପମାନ ପରି ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢ଼ା ଅଭିଯୋଗ ଆଣି ଜନମତ ଭ୍ରମିତ କରିବାର ଅପଚେଷ୍ଟା କରୁଛି। ଆମ୍ ଆଦ୍‌ମୀ ପାର୍ଟି ଶାସିତ ପଞ୍ଜାବ ବିଧାନସଭାରେ ଏହି ଆଇନ ବିରୁଦ୍ଧରେ ପ୍ରସ୍ତାବ ମଧ୍ୟ ପାରିତ ହୋଇଛି। ଗଣତନ୍ତ୍ରରେ ଦ୍ୱିମତ ହେବା କିଛି ଖରାପ କଥା ନୁହେଁ। ମତ ଓ ଭିନ୍ନ ଭିନ୍ନ ମତ ଓ ମତ ମତାନ୍ତର ଗଣତନ୍ତ୍ରକୁ ସୁଦୃଢ଼ କରେ। ଏହା ଆମେ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତ୍ତା ପୃଷ୍ଠଭୂମିରୁ ସରକାରକୁ ଆସିଥିବା ବ୍ୟକ୍ତିମାନଙ୍କର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଅଖଣ୍ଡ ବିଶ୍ୱାସ। ମାତ୍ର ଗଣତାନ୍ତ୍ରିକ ବିତର୍କର ଗୋଟିଏ ବଡ଼ ସର୍ତ୍ତ ରହିଛି। ଏହି ମତାନ୍ତରର ଆଧାର ସତ୍ୟ ଓ ତଥ୍ୟ ଆଧାରିତ ହେବା ଉଚିତ। ବିତର୍କର ନିର୍ଯ୍ୟାସ ଯେତେବେଳେ ସାମ୍ନାକୁ ଆସିବ କିଏ ଠିକ୍ କିଏ ଭୁଲ୍ ସେତେବେଳେ ତା'ର ଆନୁଷ୍ଠାନିକ ଘୋଷଣାର ଆବଶ୍ୟକତା ନାହିଁ। ଭାରତ ଓ ଓଡ଼ିଶାର ସମୃଦ୍ଧ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକମାନେ ସେମାନଙ୍କର ମନ ବନେଇ ନେବେ।

ଭିବି ଜି–ରାମ୍–ଜି ବିବାଦ ପରିପ୍ରେକ୍ଷୀରେ ଓଡ଼ିଆ ଲୋକମାନଙ୍କର ଜଣେ ସେବକ ଭାବରେ ଏହି ନିବନ୍ଧ ମାଧ୍ୟମରେ କିଛି ତଥ୍ୟ ଓ ସତ୍ୟକୁ ଉପସ୍ଥାପିତ କରିବି। ମୋ ବୈଚାରିକ ପୃଷ୍ଠଭୂମି ଆଧାରରେ ବ୍ୟାଖ୍ୟା କରିବି। ମୋ ପ୍ରିୟ ଓଡ଼ିଶାବାସୀ ଏହାକୁ ହୃଦୟଙ୍ଗମ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ। ଏହା ସହ ଆଦିବାସୀ, ଦଳିତ, ପଛୁଆବର୍ଗ, ମହିଳା, ଚାଷୀ ଓ ଯୁବପିଢ଼ିର କିଏ ହିତାକାଂକ୍ଷୀ, କିଏ ଗରିବର ପ୍ରକୃତ ବନ୍ଧୁ ତା'ର ଆକଳନ ବି ସ୍ପଷ୍ଟ ଭାବରେ କରିଦେବେ।

ନିବନ୍ଧ ଆରମ୍ଭରୁ ମୁଁ ସ୍ପଷ୍ଟତାର ସହ କହିବାକୁ ଚାହେଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କର ଲକ୍ଷ୍ୟ ୨୦୪୭ ସୁଦ୍ଧା ବିକଶିତ ଭାରତ। ବିକଶିତ ଭାରତର ମୂଳଦୁଆ ଗରିବ କଲ୍ୟାଣ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାରରେ ଆମ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ମାନେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଆମର ଲକ୍ଷ୍ୟ। ବିକଶିତ ଭାରତ ଗଠନରେ ଓଡ଼ିଶାର ଏକ ପ୍ରମୁଖ ଭୂମିକା ରହୁ ଏଥିପାଇଁ ମୋଦୀଜୀଙ୍କ ମାର୍ଗଦର୍ଶନରେ ବିକାଶର ନକ୍ସା ଆଧାରରେ ଆମେ କାମ କରୁଛୁ।

ମୋର ଦୃଢ଼ ବିଶ୍ୱାସ ଏହି ନୂତନ ଭିବି ଜି–ରାମ୍–ଜି ଆଇନ ମୋଦୀଜୀଙ୍କ ବିକଶିତ ଭାରତ ନିର୍ମାଣ ସ୍ୱପ୍ନକୁ ସାକାର କରିବା ପାଇଁ ଗରିବ ଓ ମେହନତି ମଣିଷର ଯୋଗଦାନକୁ ଆହୁରି ବଢ଼ାଇବ। ପୁରୁଣା ଏମ୍‌ଜିଏନ୍‌ଆରଇଜିଏର ତ୍ରୁଟି ବିଚ୍ୟୁତିକୁ ଅନୁଭବ ଆଧାରରେ ଦୂରକରି ଭିବି ଜି–ରାମ୍–ଜି ନୂଆ ଅଧ୍ୟାୟ ସୃଷ୍ଟି କରିବ।

ଏବେ ଆସିବା କିଛି ତଥ୍ୟକୁ। ପୂର୍ବରୁ କିଛି ମତ ରଖିଲି ଏବଂ ପରେ ମୋର ମତ ରଖିବି। ମତ ସହ କିଏ ଦ୍ୱିମତ ହୋଇପାରେ। ମାତ୍ର ତଥ୍ୟ ହେଉଛି ପ୍ରାମାଣିକ ସତ୍ୟ। ମୋ ସାମ୍ନାକୁ ଆସିଥିବା କିଛି ତଥ୍ୟ ମୁଁ ଆପଣଙ୍କ ସାମ୍ନାରେ ଉପସ୍ଥାପନା କରୁଛି।

ୟୁପିଏ ଶାସନର ଦ୍ୱିତୀୟ ପାଳିରେ ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ବଜେଟ ପ୍ରବଳ ମାତ୍ରାରେ ତଳକୁ ତଳକୁ ଯାଇଥିଲା। ୨୦୧୦–୧୧ ଆର୍ଥିକ ବର୍ଷରେ ୪୦,୧୦୦ କୋଟିର ବଜେଟ ୨୦୧୨–୧୩ ଆର୍ଥିକ ବର୍ଷରେ ୩୩,୦୦୦ କୋଟିରେ ପହଞ୍ଚିଥିଲା। ସେତେବେଳର ବିଭାଗୀୟ ରାଜ୍ୟ ପାହ୍ୟା ମନ୍ତ୍ରୀ ରାଜୀବ ଶୁକ୍ଳା ସଂସଦରେ ଉତ୍ତର ଦେଇ କହିଥିଲେ, ୨୦୧୦–୧୧ରେ ୭.୫୫ କୋଟି ଶ୍ରମିକରୁ ୨୦୧୩ ନଭେମ୍ବର ବେଳକୁ ଏହା ଖସି ୬.୯୩ କୋଟିରେ ପହଞ୍ଚିଥିଲା। ଅର୍ଥ ପ୍ରଦାନରେ ଅହେତୁକ ବିଳମ୍ବ, ଶ୍ରମିକଙ୍କୁ ଅର୍ଥ ପ୍ରଦାନରେ ପାରଦର୍ଶିତାର ଘୋର ଅଭାବ, ପ୍ରଶାସନିକ ଶ୍ଲଥତା ଶ୍ରମିକମାନଙ୍କର ଏହି ଯୋଜନାରେ କାମ ପାଇଁ ଆଗ୍ରହକୁ କମ୍ କରୁଥିଲା।

ମୋଦୀ ଶାସନ କାଳ ଆରମ୍ଭରୁ ଏମ୍‌ଜିଏନ୍‌ଆରଇଜିଏ ଯୋଜନାକୁ ଦୁର୍ବଳ କରି ଦେବାକୁ ଷଡ଼ଯନ୍ତ୍ର ହୋଇଥିଲା ବୋଲି ସଂସଦ ଭିତରେ ଓ ବାହାରେ ବହୁ ତୁମ୍ଭିତୋଫାନ ହୋଇଛି। ବିତର୍କ ତଥ୍ୟ ଆଧାରିତ ହେବା ଉଚିତ। ୨୦୧୩–୧୪ ୟୁପିଏ ଶେଷ ବର୍ଷରେ ଏହି ଯୋଜନାର ୩୩ ହଜାର କୋଟି ବଜେଟ ବଢ଼ି ବଢ଼ି ମୋଦୀଙ୍କ ଶାସନରେ ୨୦୨୪–୨୫ରେ ୮୬ ହଜାର କୋଟିରେ ପହଞ୍ଚିଛି। ୟୁପିଏର ଶେଷ ବର୍ଷ ୨୦୧୩–୧୪ରେ ୧୬୬୦ କୋଟି ମ୍ୟାନ୍ ଡେଜର କାମ ଏନ୍‌ଡିଏ ଶାସନରେ ୩,୨୧୦ କୋଟିରେ ପହଞ୍ଚିଥିଲା। ଏହି ସମୟରେ କେନ୍ଦ୍ରୀୟ ଅର୍ଥର ବ୍ୟୟବରାଦ ୨.୧୩ ଲକ୍ଷ କୋଟିରୁ ବଢ଼ି ୮.୫୩ ଲକ୍ଷ କୋଟିରେ ପହଞ୍ଚିଲା। ସମ୍ପୂର୍ଣ୍ଣ କାମର ସଂଖ୍ୟା ୧୫୩ ଲକ୍ଷରୁ ୮୬୨ ଲକ୍ଷରେ ପହଞ୍ଚିଲା। ଏହି କାମରେ ମହିଳାଙ୍କ ଭାଗୀଦାରି ୪୮ ପ୍ରତିଶତରୁ ବଢ଼ି ୫୬ ପ୍ରତିଶତରୁ ଅଧିକ ହେଲା। ଏହି ଯୋଜନାରେ ପାଖାପାଖି ୯୯ ପ୍ରତିଶତ ଶ୍ରମିକ ଆଧାର ସଂଯୁକ୍ତ ଅର୍ଥ ପ୍ରଦାନରେ ଯୋଡ଼ି ହୋଇଥିଲେ। ଏହା ଏହି ଯୋଜନା ପ୍ରତି ବୈମାତୃକ ମନୋଭାବ ନୁହେଁ ବରଂ ମୋଦୀ ସରକାରଙ୍କର ଗରିବମାନଙ୍କୁ ଲାଭ ପହଞ୍ଚାଇବାର ନିଷ୍ଠାକୁ ହିଁ ଦର୍ଶାଉଛି।

ନାମ ପରିବର୍ତ୍ତନ ବିବାଦକୁ ପରେ ଆସିବି, ମାତ୍ର ଆଉ କିଛି ତଥ୍ୟକୁ ମୁଁ ଆପଣଙ୍କ ସାମ୍ନାରେ ଉପସ୍ଥାପନା କରିବାକୁ ଚାହୁଁଛି। ପୁରୁଣା ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ପରିବାର ପିଛା ବାର୍ଷିକ ୧୦୦ ଦିନର କାମର ଗ୍ୟାରେଣ୍ଟି ଥିଲା। ମାତ୍ର ଯଦି ଆମେ ତଥ୍ୟକୁ ଦେଖିବା ୧୦୦ ଦିନ ପରିବର୍ତ୍ତେ ହାରାହାରି ୫୦ ଦିନର କାମ ମିଳୁଥିଲା। ଏହି ଯୋଜନାରେ ତଦାରଖ ଓ ଉତ୍ତରଦାୟିତ୍ୱ ବ୍ୟବସ୍ଥାରେ ଗୁରୁତର ତ୍ରୁଟି ବିଚ୍ୟୁତି ଥିଲା ; ଯାହା ପାଇଁ ଏହି ଯୋଜନା ଦୁର୍ନୀତିରେ ପୋତି ହୋଇପଡୁଥିଲା। ୨୦୦୬ରୁ ୨୦୧୧ ଭିତରେ ବିହାରରେ ୬ ହଜାର କୋଟିର ସ୍କାମ, ୨୦୧୧ରେ ଉତ୍ତର ପ୍ରଦେଶରେ ୧୦ ହଜାର କୋଟିର ଫେକ୍ ଜବ କାର୍ଡ, ମିଛ ପର୍ଚ୍ଚେଜର ସ୍କାମ ସାମ୍ନାକୁ ଆସିଥିଲା। ୨୦୧୨ରେ ଆମ ଓଡ଼ିଶାର ସମ୍ବଲପୁରରେ ମୃତ, ବୟୋବୃଦ୍ଧ, ରୋଗୀଙ୍କୁ ନେଇ ମିଛ କର୍ମ ନିଯୁକ୍ତି, ଅର୍ଦ୍ଧ ନିର୍ମିତ ରାସ୍ତା କାମ ତଥା ଆଦୌ ହୋଇ ନ ଥିବା କାମର ବିଲ୍ ଉଠିଥିଲା। ଗୋଟିଏ କାମକୁ ବାରମ୍ବାର ବିଲ୍ କରାଯାଇଥିଲା। ମୋଟାମୋଟି ଦୁର୍ବଳ ଯୋଜନା, ଅସଂଗଠିତ ବା ଅନଷ୍ଟ୍ରକ୍‌ଚର୍ଡ କର୍ମ ନିଯୁକ୍ତି, ସ୍ଥାନୀୟ ବିକାଶ ଆବଶ୍ୟକତା ଅନୁସାରେ ଯୋଜନା ନ ହେବା, ବିଭିନ୍ନ ଋତୁକାଳୀନ ଓ ପ୍ରଶାସନିକ ସମସ୍ୟା ଏହି ଏମ୍‌ଜିଏନ୍‌ଆରଇଜିଏ ଯୋଜନାକୁ ଅନ୍ତଃସାର ଶୂନ୍ୟ କରିଦେଇଥିଲା।

ଏମ୍‌ଜିଏନ୍‌ଆରଇଜିଏକୁ ସମାପ୍ତ କରି ଭିବି ଜି–ରାମ୍–ଜି ମୋଦୀଙ୍କ ୨୦୪୭ରେ ବିକଶିତ ଭାରତ ଲକ୍ଷ୍ୟକୁ ହାସଲ କରିବାକୁ ଉଦ୍ଦିଷ୍ଟ। ୧୦୦ ଦିନ ପରିବର୍ତ୍ତେ ୧୨୫କାର୍ଯ୍ୟ ଦିବସରେ ଗ୍ୟାରେଣ୍ଟି ଏଥିରେ ଅଛି। ଗ୍ରାମାଞ୍ଚଳ କର୍ମ ନିଯୁକ୍ତି ବ୍ୟବସ୍ଥାର ଆଧୁନିକୀକରଣ କରାଯାଇ ପୂର୍ବ ଆଇନରେ ଥିବା ବହୁଦିନର ଦୁର୍ବଳତାକୁ ଦୂର କରାଯାଇଛି। ଦୀର୍ଘ ସ୍ଥାୟୀ ଗ୍ରାମୀଣ ଆସେଟ୍ ପ୍ରସ୍ତୁତ କରିବା ମାଧ୍ୟମରେ ଗ୍ରାମାଞ୍ଚଳରେ ଉତ୍ପାଦନ କ୍ଷମତା ବୃଦ୍ଧିକରିବା ଏହି ନୂଆ ନିୟମର ମୂଳଲକ୍ଷ୍ୟ। ପୂର୍ବରୁ ଲେବର୍ ବଜେଟ ଅନିଶ୍ଚିତ ଥିଲା। ଏଥିରେ ପରିବର୍ତ୍ତନ କରାଯାଇ ରାଜ୍ୟମାନଙ୍କୁ ମଧ୍ୟ ଅନେକ କ୍ଷେତ୍ରରେ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ୨୬୦ ପ୍ରକାରର ଛୋଟ ବଡ଼ କାମକୁ ଷ୍ଟ୍ରିମ୍ ଲାଇନ କରାଯାଇ ଚାରୋଟି ପ୍ରମୁଖ କ୍ଷେତ୍ରରେ କର୍ମ ନିଯୁକ୍ତି ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଏଗୁଡିକ ହେଲା ଗ୍ରାମାଞ୍ଚଳ ବିକାଶର ୪ଟି ପ୍ରମୁଖ ଦିଗ ଯଥା ଜଳ ସୁରକ୍ଷା (Water Security), ଗ୍ରାମୀଣ ଭିତ୍ତିଭୂମି (Rural Infrastructure), ଜୀବିକା ସମ୍ପଦ(Livelihood Assets) ଏବଂ ଜଳବାୟୁ ସୁରକ୍ଷା (Climate Protection)। ଏହା ୨୦୪୭ ବିକଶିତ ଭାରତର ୪ ଆଧାର ସ୍ତମ୍ଭ ହେବ। କୃଷି କ୍ଷେତ୍ରକୁ ଆଖି ଆଗରେ ରଖି ଜିଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ଚାଷ ଓ ଅମଳ ସମୟରେ ୬୦ ଦିନ ଏହି କାମ ଦେବା ପାଇଁ ସ୍ଥାନୀୟ ସ୍ତରରେ ନିଷ୍ପତ୍ତି ନେବା ପାଇଁ ଅଧିକାର ଦିଆଯାଇଛି। ଅର୍ଥାତ୍ ପୂର୍ବରୁ ଯେପରି ମିଛରେ କାମ ହୋଇଛି କହି ମିଛ କାଗଜପତ୍ର ଆଧାରରେ ଖର୍ଚ୍ଚ କରାଯାଇଥିଲା ସେଥିରେ ରୋକ ଲାଗିବ। ଏହାଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଅଭାବ ଓ ମଜୁରି ବଢ଼ିବା ସମସ୍ୟା ଦୂର ହେବ।

ଏଆଇ ଏବଂ ଜିପିଏସ୍ ମୋବାଇଲ ଟ୍ରାକିଂ ଆଧୁନିକ ଟେକ୍ନୋଲୋଜି ଆଦିର ବହୁଳ ବ୍ୟବହାର, ବାଧ୍ୟତାମୂଳକ ତଥ୍ୟ ସାର୍ବଜନୀନକରଣ, ବାଧ୍ୟତାମୂଳକ ସୋସିଆଲ ଅଡିଟ ନୂଆ ଯୋଜନାକୁ ପାରଦର୍ଶୀ କରିବ। କାମ ମାଗିବାର୧୫ଦିନ ମଧ୍ୟରେ କାମ ଯୋଗାଇ ନ ପାରିଲେ ଭତ୍ତା ଯୋଗାଣକୁ ସୁନିଶ୍ଚିତ କରାଯିବାର ବ୍ୟବସ୍ଥା କରାଯାଇଛି।

ମୋଟା ମୋଟି ଲୋକଙ୍କ ହାତକୁ କାମ ଦରକାର ଓ ରୋଜଗାର ଦରକାର। ମୋଦୀଙ୍କ ଭିବି ଜି–ରାମ୍–ଜି ରେ ଅଧିକ ଦିନ କାମ, ଅଧିକ ରୋଜଗାର, କାମ ନ ମିଳିଲେ ଭତ୍ତା ସହ ଟେକ୍ନୋଲୋଜିର ବହୁଳ ବ୍ୟବହାର ଚୋରି–ଚପାଟି ଓ ଦୁର୍ନୀତି ଉପରେ ରୋକ ଲଗାଇବ। ଏହା ସହ ଖାଲି କାମ ନୁହେଁ ଦୀର୍ଘ ମିଆଦୀ ରୋଜଗାର ସୁଯୋଗ ସୃଷ୍ଟି ପାଇଁ ଭିତ୍ତିଭୂମି ସୃଷ୍ଟି କରିବ। ଗାଁ ଓ ଗରିବଙ୍କ ମନ ବୁଝି ସେମାନଙ୍କ ଜରୁରୀ ଆବଶ୍ୟକତା ପୂରଣ କରିବାର ରୋଜଗାରର ପନ୍ଥାକୁ ସୁନିଶ୍ଚିତ କରିବ ଭିବି ଜି–ରାମ୍–ଜି ।

ଆଉ ରହିଲା ଗାନ୍ଧୀଜୀଙ୍କ ନାଁ କାହିଁକି ବଦଳାଇଲ। ଆମେ ବିଜେପିର କାର୍ଯ୍ୟକର୍ତ୍ତାଙ୍କ ପାଇଁ ଗାନ୍ଧୀଜୀ ଓ ଦୀନ ଦୟାଲଜୀଙ୍କ ବିଚାର ସର୍ବୋପରି। ବାଜପେୟୀଜୀଙ୍କ ସୁଶାସନ ମଡେଲ ହେଉ ବା ମୋଦୀଜୀଙ୍କ ଗରିବ କଲ୍ୟାଣ ଏହା ମୂଳରେ ଗାନ୍ଧୀଜୀଙ୍କ ଗ୍ରାମ ସ୍ୱରାଜ ଓ ଦୀନ ଦୟାଲଙ୍କ ଏକାତ୍ମ ମାନବ ଦର୍ଶନ ; ଯାହାର ମୂଳମନ୍ତ୍ର ବିକାଶ ପାହାଚର ଶେଷଧାଡ଼ିରେ ଥିବା ଲୋକ ପାଖରେ ଯୋଜନାର ଲାଭ ପହଞ୍ଚାଇବା। ମୋଦୀଜୀଙ୍କ ଭିବି ଜି–ରାମ୍–ଜି ପଛରେ ରହିଛି ଗାନ୍ଧୀବାଦର ପ୍ରେରଣା।

ଶେଷରେ କଂଗ୍ରେସ ବନ୍ଧୁମାନଙ୍କୁ ପ୍ରଶ୍ନ, କଂଗ୍ରେସ ଶାସନରେ ଗୋଟିଏ ଯୋଜନାର ନାଁ ଥିଲା ଜବାହର ରୋଜଗାର ଯୋଜନା। ସେ ଯୋଜନା ରହିଲାନି। କଂଗ୍ରେସ ଶାସନ କାଳରେ ଏହା ହେଲା। ଏହାର ମାନେ କ'ଣ କଂଗ୍ରେସ ନେହେରୁଙ୍କର ଅପମାନ କଲା ? ନା ଯୋଜନାରେ 'ରାମ' ନାମ କଂଗ୍ରେସକୁ ଛଟପଟ କରୁଛି ?

ଜୟ ଜଗନ୍ନାଥ

# ମାନପତ୍ର



ଧ୍ରୁବ ଚରଣ ଘିବେଲା

ସୁନ୍ଦର ନାଁଟିଏ ମାନପତ୍ର। ପତ୍ର ବା ଲେଖାର ଉପଯୁକ୍ତ ମାନ ସମ୍ମାନ ଥାଏ ବୋଲି ତା' ନାଁ ମାନପତ୍ର। ତେଣୁ ମାନପତ୍ର ସବୁବେଳେ ମାନଯୁକ୍ତ ରହିବା ଉଚିତ। ମାନପତ୍ର ଦେଖିଲେ ତା'ର ମାନ ଥାଏ କେତେ ଜଣାପଡ଼େ। ପ୍ରଥମତଃ ମାନପତ୍ର ନିର୍ଭୁଲ ରହିବା ଦରକାର। ବହୁତ ବନାନ ଅଶୁଦ୍ଧି ଥିଲେ ମାନପତ୍ରର ମାନ ବନାନ ଅଶୁଦ୍ଧି ପାଇଁ କ୍ଷୁଣ୍ଣ ହୁଏ। ବନାନ ଶୁଦ୍ଧି ସହ ତହିଁରେ ଉଲ୍ଲେଖିତ ଶବ୍ଦ ସବୁର ଉତ୍ତମ ଚୟନ ଓ ସୁନ୍ଦର ଶବ୍ଦ ବସାଣ ଥିଲେ ସେଇ ଆଳଙ୍କାରିକ ଶବ୍ଦାବଳୀ ମାନପତ୍ରର ମାନ ବୃଦ୍ଧିରେ ବେଶ୍ ସହାୟକ ହୋଇଥାଏ। ଉତ୍ତମ ଲେଖା ପାଇଁ ମାନପତ୍ରର ଶ୍ରୀ ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ।

ଯେ କୌଣସି ନାଁକରା ଗୀତସଙ୍ଗୀତର ଗୀତିକାର ଅନେକ କ୍ଷେତ୍ରରେ ଯେମିତି ପ୍ରଚ୍ଛଦପଟରେ ରହିଥାନ୍ତି/ ରହିଯାନ୍ତି, ଠିକ୍ ସେମିତି ମାନପତ୍ର ଲେଖାଳି କିଏ ସେ ଆଦୌ ସାମ୍ନାକୁ ଆସି ନ ଥାନ୍ତି। ଗୀତିକାରଙ୍କୁ ତ ଅନେକ ଜାଣିବାର ଚିହ୍ନିବାର ସୁଯୋଗ ଥାଏ। ହେଲେ ମାନପତ୍ର ଲେଖାଳିଙ୍କୁ ଜାଣିବାର ସୁଯୋଗ ନ ଥାଏ କହିଲେ ଚଳେ। ଯା' ହେଉ କାହାକୁ କେଉଁଠି ଯଦି ପୁରସ୍କାର ଦିଆଯାଏ, ତେବେ ତାଙ୍କ ହାତକୁ ଆଗ ମାନପତ୍ରଟେ ବଢ଼େଇ ଦିଆଯାଇଥାଏ। ଆଉ ବେକରେ ତାଙ୍କର ପକେଇ ଦିଆଯାଏ ଗାମୁଛା ଖଣ୍ଡେ। ହାତକୁ ଫୁଲତୋଡ଼ାଟେ।

ଆଜିକାଲି ମାନପତ୍ର ନାଁରେ ଅମାନପତ୍ର(!) ବେଶି ଦିଆଯାଉଥିବା ମନେହୁଏ। ଅନେକ ମାନପତ୍ର ନିର୍ଭୁଲ ନ ଥାଏ । ତହିଁରେ ଭୁଲ୍ ଥାଏ। ତେଣୁ ସୁନ୍ଦର ମାନପତ୍ର ପାଇଁ ଉତ୍ସବ ଆୟୋଜନର ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ତାରିଖ ବା ଦିନର ବହୁତ ଦିନ ଆଗରୁ ମାନପତ୍ର ପ୍ରସ୍ତୁତି କାମ ସରିଥିବା ଦରକାର। ଆଗରୁ ଲେଖାଗଲେ ମାନପତ୍ର, ମାନପତ୍ର ଭଳିଆ ତିଆରି ହୋଇପାରିବ। ଉତ୍ସବର ଠିକ୍ ଦିନେ କି ଦି' ଦିନ ଆଗରୁ ମାନପତ୍ର ପ୍ରସ୍ତୁତ କରାଗଲେ ଲେଖାର ମାନ ଠିକ୍ ନ ରହିବା ସହିତ ନିର୍ଭୁଲ ନ ରହିବା ସମ୍ଭାବନା ଯଥେଷ୍ଟ ଅଧିକ ରହେ। ମାନପତ୍ର ପ୍ରସ୍ତୁତି ପାଇଁ ସମୟ ଦେବା ଦରକାର ଯେମିତି ତାହା ସୁନ୍ଦର ଓ ସୁଦୃଶ୍ୟ ଥିବ। ପୁଣି ସୁନ୍ଦର ଓ ସୁଦୃଶ୍ୟ ମାନପତ୍ର ତିଆରି ସମ୍ଭବ ଯଦି ପୁରସ୍କାର ସଂଖ୍ୟା ସୀମିତ ଥିବ। ୫୧, ୭୧, ୧୦୧ ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ପୁରସ୍କାର ଦିଆଗଲେ ସେଇଠି ନା ମାନପତ୍ରର ମାନ ଠିକ୍ ଥିବାର ଆଶା ରହିବ ନା ଉତ୍ତରୀୟର ମାନ ରହିବ। ସେଇଠି ଫୁଲତୋଡ଼ା ନାଁରେ ପତ୍ରତୋଡ଼ା



ଦିଆଯିବାରେ ମଧ୍ୟ ଆଶ୍ଚର୍ଯ୍ୟ ହେବାର ପ୍ରଶ୍ନ ନ ଥିବ। ଫୁଲ ନ ଥାଇ କେବଳ ପତ୍ର ମୋଡ଼ି ଦିଆଗଲେ ତାହା ଫୁଲତୋଡ଼ା ନ ହୋଇ ପତ୍ରତୋଡ଼ା ପଦବାଚ୍ୟ ହେବ ନିଶ୍ଚୟ। ଫୁଲତୋଡ଼ା ବଦଳରେ ପତ୍ରତୋଡ଼ା ଦେଲେଣି କେଉଁଠି କେଉଁଠି ଖର୍ଚ୍ଚକାଟ ନୀତି ଧରି। ପତ୍ରତୋଡ଼ା ଦିଆଯାଇଥିବା ଘଟଣା ଏ ଲେଖକ ନିଜେ ଦେଖିଛି ଗୋଟେ ସାହିତ୍ୟ ସଭାରେ। ପୁଣି ୫୧, ୭୧ ଜଣଙ୍କୁ ମାନପତ୍ର କେଉଁଠି ଦିଆଗଲେ ସେଠି କପି ପେଷ୍ଟ ମାନପତ୍ର ଦିଆଯିବ। ଏତେ ପ୍ରତିଭାଧରଙ୍କ ପାଇଁ ଅଲଗା ଅଲଗା ମାନପତ୍ର ତିଆରିକରିବା ଅସମ୍ଭବ କଥା। ସେଇ କ୍ଷେତ୍ରରେ ସବୁ ମାନପତ୍ରର ବିଷୟବସ୍ତୁ ସମାନ ଥାଏ। ସେଠି ପୁଣି ଛପା ନାଁ ରହେନି। ହାତଲେଖା ନାଁ ଥାଏ। ମୁଦ୍ରିତ ନାଁ ନ ଥାଏ।

ଆଗର ହାତଲେଖା ମାନପତ୍ରର ବି ମର୍ଯ୍ୟାଦା ଥିଲା। ସୁନ୍ଦର ଅକ୍ଷରରେ ମାନପତ୍ର ଲେଖାଯାଉଥିଲା। ଏବେ ମୁଦ୍ରିତ ମାନପତ୍ର ମାନରହିତ ରହୁଥିବା ଦେଖାଯାଏ। କମ୍ ଲୋକଙ୍କୁ ପୁରସ୍କାର ଦିଆଗଲେ ମୁଦ୍ରିତ ନାଁ ରୁହନ୍ତା। ସ୍ଥଳବିଶେଷରେ ଶହ ଶହଙ୍କୁ ପୁରସ୍କାର ଦିଆଯାଉଥିବାରୁ ବିଷୟବସ୍ତୁ ସମାନ ଥାଇ ନାଁ ପୂରଣ ହାତରେ କରାଯାଇ ପୁରସ୍କାର ନାଁରେ ସେ ପ୍ରକାର ମାନପତ୍ର ଧରେଇ ଦିଆଯାଉଛି। ତହିଁରେ ବି କୃତକୃତ୍ୟ ଖୁବ୍ ହୁଅନ୍ତି ଥୋକାଏ ପୁରସ୍କାର ପାଇଛୁ ବୋଲି। ଉତ୍ତରୀୟ ଆକାରେ ସାଲ ଦିଆଯିବାର ପ୍ରଶ୍ନ ନ ଥାଏ। ଶସ୍ତା ଗାମୁଛା ଖଣ୍ଡେ ଖଣ୍ଡେ ବେକରେ ପକେଇ ଦିଆଯାଏ।

ଇଏ ତ ମାନପତ୍ରର କଥା। ଏବେ ଏବେ କିଏ କେଉଁଠି ଅଂଶଗ୍ରହଣ କରିଥିବାର ପ୍ରମାଣ ସ୍ୱରୂପ ପାଇଥିବା ସାର୍ଟିଫିକେଟ ବା ପ୍ରମାଣପତ୍ରକୁ ବୋଧହୁଏ ମାନପତ୍ର ମନେକରନ୍ତି। ଆଉ ତାକୁ ଫେସ୍‌ବୁକରେ ପୋଷ୍ଟ କରି କିଏ କିଏ ଲେଖିଲେଣି ମୁଁ ଏଇଠୁ ସେଇଠୁ ସମ୍ବର୍ଦ୍ଧିତ ହେଲି। ଏ ଘଟଣା ସ୍ପଷ୍ଟ ସୂଚିତ କରେ କାହା କାହାର ନାଁ ସାଉଁଟିବାର ବିକଳ ମାନସିକତାକୁ। ସେମାନେ ବୁଝିପାରନ୍ତିନି କେମିତି ପ୍ରମାଣପତ୍ର କ'ଣ, ଆଉ ମାନପତ୍ର କ'ଣ ? କବିତାପାଠରେ କେଉଁଠି ମଧ୍ୟ ଦିଆଯାଏ ପ୍ରଶସ୍ତି ପତ୍ର। ସେଇ ପ୍ରଶସ୍ତିପତ୍ର ବି ପ୍ରମାଣପତ୍ର ପ୍ରାୟ। ତାହା ମାନପତ୍ର ହୋଇ ନ ପାରେ। ଆଜିର ଦିନରେ ପ୍ରମାଣପତ୍ର, ପ୍ରଶସ୍ତିପତ୍ର, ମାନପତ୍ର ଆଦିକୁ ଗୋଟାଇବା/ହାତେଇବା ମାନସିକତା ରଖାଯିବା ସ୍ପୃହଣୀୟ ନୁହେଁ। ଆଜିକାଲି ଏଠି ସେଠି ଯେମିତି ଦିଆଯାଉଛି ବା ଦିଆଗଲାଣି ପୁରସ୍କାର, ତହିଁରେ ମାନପତ୍ରର ମାନ ଆଶା କରିବା ବୃଥା।

**ବଉଦରାଜ, ବୌଦ୍ଧ**
**ମୋ:୯୪୩୭୪୭୮୪୬୬**

## ଏଇ ଭାରତରେ

ପେଶାରେ ଜଣେ ଡାକ୍ତର ହେଲେ ବି ବନୀକରଣ ପାଇଁ ସମୟ ଦେଉଛନ୍ତି ରାଜସ୍ଥାନର ଯୋଗେଶ ଚୌଧୁରୀ। ଉଲ୍ଲେଖନୀୟ ବିଷୟ ହେଉଛି, ଡା. ଚୌଧୁରୀ ରାଜସ୍ଥାନର ଶୁଷ୍କ ଜଳବାୟୁରେ ଚନ୍ଦନ ଜଙ୍ଗଲ ସୃଷ୍ଟିକରିବାକୁ ସକ୍ଷମ ହୋଇଛନ୍ତି। ୨୦୧୭ରେ କୌଣସି କାର୍ଯ୍ୟରେ ସେ କର୍ଣ୍ଣାଟକର ବେଲାରି ଯାଇଥିଲେ। ସେହି ସମୟରେ ସେ ବିସ୍ତୀର୍ଣ୍ଣ ଚନ୍ଦନ ଜଙ୍ଗଲ ବୁଲି ଦେଖିଥିଲେ। ସେଠାକାର ଅନୁଭବ ତାଙ୍କୁ ଚନ୍ଦନ ଜଙ୍ଗଲ କରିବା ଲାଗି ପ୍ରେରଣା ଦେଇଥିଲା। କର୍ଣ୍ଣାଟକରୁ ଫେରିବା ପରେ ତାଙ୍କ ଗାଁ ବାରମରରେ ଚାଷ ହେଉ ନ ଥିବା ଜମିରେ ଚନ୍ଦନ ଗଛ ଲଗାଇଥିଲେ। ପ୍ରଥମେ ସେ ୯୦୦ ଚନ୍ଦନ ଚାରାଗଛ ଲଗାଇଥିଲେ, କିନ୍ତୁ ସେସବୁ ମରିଯିବାରୁ ୧.୫ ଲକ୍ଷ ଟଙ୍କା କ୍ଷତି ସହିଥିଲେ। ବାସ୍ତବରେ ରାଜସ୍ଥାନରେ ଏକ ଶୁଷ୍କ ଜଳବାୟୁରେ ଚନ୍ଦନ ଜଙ୍ଗଲ କରିବା ତାଙ୍କ ପାଇଁ ଏକ ଆହ୍ୱାନ ଥିଲା। ଏ ସମ୍ପର୍କିତ ଜ୍ଞାନ ଓ ପ୍ରଶିକ୍ଷଣ ନେବା ପରେ ଡ. ଚୌଧୁରୀ ଚନ୍ଦନ ଗଛ ଲଗାଇ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ଏବେ ତାଙ୍କ ଫାର୍ମରେ ପାଖାପାଖି ୧୦୦୦ ଚନ୍ଦନ ଗଛ ଶୋଭା ପାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୯ ଜାନୁଆରୀ ୧୯୭୭**

- ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଖାଦ୍ୟ ପାଇଁ କାମ ଯୋଗାଣ ଯୋଜନାରେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ରାଜ୍ୟ ମନ୍ତ୍ରୀପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି।
- କୋଚିନ ଜିଲାର ପି.ଭି. ରାଭୁନ୍ନ୍ୟ ପଦ୍ମନାଭଙ୍କୁ ମରେଣୋତ୍ତର ସର୍ବୋତ୍ତମ ଜୀବନରକ୍ଷା ପଦକ ପୁରସ୍କାର ଦେବା ଲାଗି ରାଷ୍ଟ୍ରପତିଙ୍କ ଅନୁମୋଦନ ।

## ଚିରନ୍ତନୀ

ପବନ ସିରି ସିରି ବରଷା ଝିରି ଝିରି
ପଡ଼ଇ ପଥଘାଟେ ବରଷି ।
କି କଥା ତୁନି ତୁନି କହିବି ହୁଏଁ ଗୁଣି
ସଖିରେ ନ ପାରଇଁ ଭରସି !
–(ବର୍ଷାରତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | | | | |
| 3 | 2 | 9 | | | | | | 6 |
| 8 | | 6 | | | 1 | | | 9 |
| | | | | 3 | | | | |
| | | | | | | | 5 | |
| 1 | | | | | 2 | 8 | 9 | |
| | | 1 | | 7 | | | 2 | |
| | | 4 | 1 | | | 5 | | |
| | 3 | | 4 | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 6 | 2 | 5 | 4 | 1 | 8 | 7 |
| 5 | 4 | 1 | 8 | 7 | 3 | 2 | 6 | 9 |
| 2 | 7 | 8 | 9 | 6 | 1 | 5 | 3 | 4 |
| 9 | 2 | 3 | 5 | 1 | 6 | 4 | 7 | 8 |
| 4 | 6 | 7 | 3 | 2 | 8 | 9 | 5 | 1 |
| 8 | 1 | 5 | 4 | 9 | 7 | 3 | 2 | 6 |
| 7 | 5 | 4 | 6 | 3 | 9 | 8 | 1 | 2 |
| 6 | 8 | 2 | 1 | 4 | 5 | 7 | 9 | 3 |
| 1 | 3 | 9 | 7 | 8 | 2 | 6 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### 'ପଥପ୍ରାନ୍ତ ସୁବିଧା କେନ୍ଦ୍ର'ରେ ମୌଳିକ ସୁବିଧା ଉପଲବ୍ଧ ହେଉ

ମହାଶୟ,

ସରକାର ୨୦୧୮ରେ ରାଜ୍ୟର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କ ସ୍ୱଳ୍ପ ରହଣି, ବିଶ୍ରାମ ଏବଂ ଅତ୍ୟାବଶ୍ୟକ ଜରୁରୀ ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ନିର୍ମାଣ କରିଥିଲେ 'ପଥପ୍ରାନ୍ତ ସୁବିଧା କେନ୍ଦ୍ର'। ଏହି କେନ୍ଦ୍ରରେ ସ୍ନାନ ଓ ଶୌଚ ସାରି ପର୍ଯ୍ୟଟକମାନେ ଗନ୍ତବ୍ୟ ସ୍ଥଳକୁ ଯାଇ ଥାଆନ୍ତି। ରାସ୍ତା କଡ଼ରେ ଅବସ୍ଥିତ ଥିବାରୁ ଅନେକ ପଥଚାରୀ ମଧ୍ୟ ଶୌଚ ଓ ପାନୀୟ ଜଳ ଲାଗି ଏହା ଉପରେ ନିର୍ଭର କରିଥାନ୍ତି। ଆରମ୍ଭରୁ ପୂର୍ତ୍ତ ବିଭାଗ ଏହି କେନ୍ଦ୍ରର ପରିଚାଳନା କରୁଥିଲା। ପରେ ଏସବୁର ପରିଚାଳନା ଦାୟିତ୍ୱ ପ୍ରଥମେ ପଞ୍ଚାୟତିରାଜ ବିଭାଗ ଏବଂ ପରେ ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରାଗଲା। ଅତ୍ୟନ୍ତ ଦୁଃଖର ବିଷୟ, ଏହି ଯାତ୍ରୀ ସୁବିଧା କେନ୍ଦ୍ର ଆଜି ଅବହେଳିତ ଓ ବ୍ୟବହାର ଲାଗି ସମ୍ପୂର୍ଣ୍ଣ ଅନୁପଯୋଗୀ। କେଉଁଠି ଗେଟ୍‌ରେ ତାଲା ଝୁଲୁଛି, ପୁଣି କେଉଁଠାରେ ଫାଟକ ଆଗରେ କୁଢ଼ କୁଢ଼ ଅଳିଆ। କେଉଁଠି ବିଦ୍ୟୁତ୍ ସଂଯୋଗ ନାହିଁ ତ ଆଉ କେଉଁଠି ପାଣି ଆସୁ ନାହିଁ। ଆଉ କେଉଁଠି ଆଟେଣ୍ଡାଣ୍ଟ ନାହାନ୍ତି। 'ପଥପ୍ରାନ୍ତ ଯାତ୍ରୀ ସୁବିଧା କେନ୍ଦ୍ର'ଗୁଡ଼ିକରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦିଆଯାଉ।

**–ପ୍ରତାପ ନାୟକ, ଏମ୍‌ଆଇଜି–୭୫, କଳିଙ୍ଗ ବିହାର, ପାତ୍ରପଡ଼ା, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ମଣ୍ଡିରେ ଅବ୍ୟବସ୍ଥା ନେଇ କୃଷକ ମଞ୍ଚର ବିକ୍ଷୋଭ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଗୁଣପୁର, ୮।୧( ପ୍ରଦୀପ କୁମାର ପାଢ଼ୀ)



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷକ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ କୃଷକ ମଞ୍ଚ ତରଫରୁ ମଣ୍ଡିରେ ଅବ୍ୟବସ୍ଥାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ଜରିଆରେ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗଙ୍କ ନେତୃତ୍ୱରେ ଚାଷୀମାନେ ଏକାଠି ହୋଇ ଗୁରୁବାର ଶୋଭାଯାତ୍ରାରେ ଯାଇ ଗୁଣପୁର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଉପଜିଲାପାଳଙ୍କ ତରଫରୁ ଡେପୁଟି କଲେକ୍ଟର ଶୁଭ୍ରସ୍ନାତ ରାଉତ ଦାବିପତ୍ର ଗ୍ରହଣ କରିଥିଲେ ।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଡିସେମ୍ବର ୧୭ରେ ମଣ୍ଡି ଖୋଲାଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଅବ୍ୟବସ୍ଥା ଜାରି ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ସବୁ ଚାଷୀ ଟୋକେନ ପାଇନାହାନ୍ତି। କେବଳ ୩୦ ପ୍ରତିଶତ ଚାଷୀ ହିଁ ଟୋକେନ ପାଇଥିବା ବେଳେ ଅନ୍ୟ ୭୦ ଭାଗ ଚାଷୀ ଟୋକେନ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଯେଉଁ ଚାଷୀ ଟୋକେନ ପାଇଛନ୍ତି, ସେଥିରେ ନିର୍ଦ୍ଧାରିତ ଧାନ କ୍ରୟର ପରିମାଣ ଲେଖା ନ ଥିବାରୁ ଚାଷୀ ନିଜର ସମସ୍ତ ଉତ୍ପାଦିତ ଧାନ ମଣ୍ଡିକୁ ପ୍ରଦାନ କରିପାରୁନାହାନ୍ତି। ଏଣୁ ଏହାର ପୁନଃ ନିରୂପଣ କରି ଟୋକେନ ବ୍ୟବସ୍ଥା କରିବାକୁ ଚାଷୀ ଦାବି ଜଣାଇଛନ୍ତି। ତେବେ ଚାଷୀ ଚଳିତ ବର୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନ ଥିବା ବେଳେ ଧାନର ମାନ ଶୁଷ୍କ ରହିଛି । ଅନ୍ୟପଟେ ମିଲରମାନେ ଧାନରେ ଆର୍ଦ୍ରତାର ଆଳ ଦେଖାଇ କଟ୍‌ନି ଛଟ୍‌ନି କରୁଛନ୍ତି। ସେହିପରି ଚାଷୀଙ୍କୁ ଧାନ ଉଠାଇବା ପାଇଁ ସରକାରଙ୍କ ତରଫରୁ ଅଖା ବ୍ୟାଗ୍ ଦେବାର ବ୍ୟବସ୍ଥା ରହିଥିଲେ ମଧ କୌଣସି ମିଲର ତାହା ପାଳନ କରୁ ନ ଥିବା ଅଭିଯୋଗ କରିଛନ୍ତି । ଚାଷୀ ନିଜ ଖର୍ଚ୍ଚରେ ଅଖା ବ୍ୟାଗ୍ ବ୍ୟବସ୍ଥା କରିଥିବାରୁ ତାଙ୍କୁ ତାହାର ମୂଲ୍ୟ ପ୍ରଦାନ କରାଯାଉ ଏବଂ ସରକାର ନିର୍ଦ୍ଧାରିତ ସମୟରେ ମଣ୍ଡିରୁ ଧାନ ଉଠାଇବାର ବ୍ୟବସ୍ଥା କରନ୍ତୁ ବୋଲି ଦାବି ହୋଇଛି।

ଅନ୍ୟପକ୍ଷେ ସବୁ ଧାନ ଚାଷୀ ମଣ୍ଡିକୁ ନେଇ ନ ଥିବାରୁ ଧାନ ଅମଳ ହୋଇ ବହୁଦିନ ଧରି ଖଳାରେ ପଡିରହୁଛି। ଶୀତ କାକର ଏବଂ ବନ୍ୟପ୍ରାଣୀ, ହାତୀ ଦାଉରୁ ସୁରକ୍ଷିତ ରଖିବା ସମ୍ଭବ ହେଉନାହିଁ। ତେଣୁ ସରକାର ଏଥିପ୍ରତି ପ୍ରାଥମିକତା ଦେଇ ଶୀଘ୍ର ଧାନ ଉଠାଇବାକୁ ଦାବି ଜଣାଇଛନ୍ତି । ଉପରୋକ୍ତ ଦାବିଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ସରକାର ପୂରଣ କରିପାରିଲେ ସମଗ୍ର ଚାଷୀ ଉପକୃତ ହେବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ନଚେତ୍ ଆଗାମୀ ଦିନରେ କୃଷକ ମଞ୍ଚ ଏହିସବୁ ଦାବି ଦୋହରାଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ପତ୍ର ମାଧମରେ ଚେତାବନୀ ଦିଆଯାଇଛି ।

# ମରାମତି ପାଇଁ ଫ୍ଲାଏଓଭର ଉପରେ ଯାତାୟାତ ନିଷେଧ

ରାୟଗଡ଼ା,୮।୧(ଆଶିଷ ରଞ୍ଜନ ପଣ୍ଡା)



ରାୟଗଡ଼ା ସହରସ୍ଥିତ ଫ୍ଲାଏଓଭର ।

୩୨୬ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ରାୟଗଡ଼ା ସହରସ୍ଥିତ ଫ୍ଲାଏଓଭର ମରାମତି ପାଇଁ ଜନସାଧାରଣଙ୍କ ଯାତାୟାତ ଉପରେ ନିଷେଧାଦେଶ ଜାରି କରିଛି ଜିଲା ପ୍ରଶାସନ। ଆବଶ୍ୟକୀୟ ପୁନରୁଦ୍ଧାର ଓ ନିର୍ମାଣ କାର୍ଯ୍ୟ ପାଇଁ ଶନିବାରଠାରୁ କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ଯାତାୟାତ ବନ୍ଦ ରଖାଯିବ ବୋଲି ଘୋଷଣା ହୋଇଛି। ପୁନରୁଦ୍ଧାର କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ସାଧାରଣ ଯାନବାହନ ଚଳାଚଳ ପାଇଁ ଦୁଇଟି ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଇଛି। ବିକଳ୍ପ ରାସ୍ତା ଭାବରେ ଭାରିଯାନ ଚଳାଚଳ ପାଇଁ ସିରିଗୁଡ଼ାଛକରୁ ରାୟତ କଲୋନୀ ଦେଇ ଏପିଏମସି ଛକ ଏବଂ ଦ୍ୱିତୀୟ ବିକଳ୍ପ ରାସ୍ତା ଭାବେ ଗୁଣ୍ଡିଚାଛକ ଓ ହାଲୁକା ଯାନ ପାଇଁ କପିଳାଶ ଛକରୁ ରେଲୱେ ଅଣ୍ଡରପାସ୍ ଦେଇ ଡଙ୍ଗସିଲ ଛକ ଦେଇ ଯାତାୟାତ କରିବେ। ଉକ୍ତ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ନିର୍ମାଣ କାର୍ଯ୍ୟ ସୁରକ୍ଷିତ ଏବଂ ସୁଚାରୁ ଭାବେ ସମ୍ପାଦନ କରାଯିବା ପାଇଁ ଏହି ନିଷ୍ପତ୍ତି ହୋଇଛି। ଲୋକଙ୍କ ସୁରକ୍ଷା ଓ ସୁବିଧା ଦୃଷ୍ଟିରୁ ପ୍ରଶାସନକୁ ସହଯୋଗ କରିବା ସହ ଯାତାୟାତ ନିୟମ ମାନିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ତେବେ ଏ ନେଇ କଂଗ୍ରେସ ବରିଷ୍ଠ ନେତା ଦୁର୍ଗା ପ୍ରସାଦ ପଣ୍ଡା ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ଜାତୀୟ ରାଜପଥ ବିଭାଗ ଫ୍ଲାଏଓଭରର ଦୁଇ ପାର୍ଶ୍ୱରେ ସୁରକ୍ଷା ପାଚେରୀ ନିର୍ମାଣରେ ଅଳ୍ପ ମଜୁରୀ ଲଗାଇ ଏହାକୁ ଦୀର୍ଘ ମାସ ଗଡାଇଲେ। ତେଣୁ ବର୍ତ୍ତମାନ ଯାତାୟାତ ବାରଣ କଲେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ସେଥିପାଇଁ ତୁରନ୍ତ ନିର୍ମାଣ କାର୍ଯ୍ୟ କରିବାକୁ ଶେଷ କରିବାକୁ ଦୁର୍ଗା ପଣ୍ଡା ଦାବି କରିଛନ୍ତି।

# ଇପିଏଫ୍ ପେନ୍‌ସନଭୋଗୀଙ୍କ ପେନ୍‌ସନ ବୃଦ୍ଧି ପାଇଁ ବିକ୍ଷୋଭ

ରାୟଗଡ଼ା,୮।୧(ଆଶିଷ ରଞ୍ଜନ ପଣ୍ଡା)



ରାୟଗଡ଼ା ଜିଲା ଇପିଏଫ୍ ପେନ୍‌ସନଭୋଗୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଅଲ ଓଡ଼ିଶା ଇପିଏଫ୍ ପେନ୍‌ସନର ରାଜ୍ୟ ମହାସଂଘର ଡାକରାରେ ଗୁରୁବାର ରାୟଗଡ଼ା ଜିଲା ସଂଘ ତରଫରୁ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଏହି ଅବସରରେ ଜିଲା ସଂଘ କର୍ମକର୍ତ୍ତା ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାଏକ ଏହି ଦାବିପତ୍ର ଗ୍ରହଣ କରିଥିଲେ। ଇପିଏଫ୍ ପେନ୍‌ସନଭୋଗୀଙ୍କୁ ସର୍ବନିମ୍ନ ମାସିକ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ଲାଗୁ କରିବା ଏବଂ ସମସ୍ତ ଇପିଏଫ୍ ପେନ୍‌ସନଭୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା ସୁବିଧା ପ୍ରଦାନ କରିବା ପାଇଁ ଦାବି ହୋଇଛି। ଦୀର୍ଘ ବର୍ଷ ଧରି କେନ୍ଦ୍ର ସରକାରଙ୍କ ନିକଟରେ ବହୁବାର ଦାବି ଉପସ୍ଥାପନ କରାଯାଇଥିଲେ ସୁଦ୍ଧା ସରକାର କୌଣସି ଆନ୍ତରିକତାର ସହ ବିଚାରକୁ ନେଉନାହାନ୍ତି ବୋଲି ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଶୋଭାଯାତ୍ରାରେ ଓଡ଼ିଆ ଜଳସେଚନ ନିଗମ, ବନ ନିଗମ, କ୍ଷୁଦ୍ର ଜଳସେଚନ, ସଡ଼କ ପରିବହନ ନିଗମର ପ୍ରାୟ ୪୦ ଜଣ ଇପିଏଫ୍ ପେନ୍‌ସନ ଭୋଗୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଫକୀର ମୋହନ ନାୟକ ପରିଚାଳନା କରିଥିଲେ।

# ପଦ୍ମପୁର ସିଏଚ୍‌ସି ପରିଦର୍ଶନକଲେ କାୟାକଳ୍ପ ଟିମ୍

ପଦ୍ମପୁର, ୮।୧ (ପ୍ରଶାନ୍ତ କୁମାର କର)

ସାସ୍ଥ୍ୟ ବିଭାଗର କାୟାକଳ୍ପ ଟିମ୍ ଗୁରୁବାର ଅପରାହ୍ନରେ ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ପରିଦର୍ଶନ କରିଛନ୍ତି। ଉକ୍ତ ଟିମ୍‌ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଶୁଭ୍ରାଜିତ୍ ରାଓ, ଡାକ୍ତର ବସନ୍ତ କୁମାର ସାହୁ, ଡାକ୍ତର ପ୍ରଶାନ୍ତ କୁମାର ସାବତ ପ୍ରମୁଖ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ପଦ୍ମପୁର ମେଡିକାଲ ଇନ୍‌ଚାର୍ଜ ରତୁପୂର୍ଣ୍ଣା ପଟ୍ଟନାୟକ, ମ୍ୟାଲେରିଆ ନିରାକରଣ ଅଧିକାରୀ ଜୟଦେବ ଲିମାଲପୁରି, ପବ୍ଲିକ ହେଲଥ ଅଫିସର ସଫିରା ରାଇକା, ବ୍ଲକ ପ୍ରୋଗାମ ଅଫିସର ମନୋଜ ପଣ୍ଡା, ମୁଖ୍ୟ ସେବିକା କନକ ଗରଡିଆ ପ୍ରମୁଖ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଟିମ ସଦସ୍ୟମାନେ ମେଡିକାଲର ଚତୁଃପାର୍ଶ୍ୱ ବୁଲି ପରିମଳ ବ୍ୟବସ୍ଥା ଉପରେ ଦେଖିଥିଲେ। ପରେ ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା କିଭଳି ହେଉଛି ପଚାରି ବୁଝିଥିଲେ। ସେହିପରି ପ୍ରସୂତି ଗୃହ, ନିରାମୟ, ଇନଡୋର୍ ଓ ଆଉଟ ଡୋର୍ ବୁଲି ସମସ୍ତ ପ୍ରକାର ସଂକ୍ରମଣ ନିରାକରଣ ଓ ରୋଗୀ ସେବା କିଭଳି କରାଯାଉଛି କର୍ମଚାରୀଙ୍କୁ ପଚାରି ବୁଝିଥିଲେ। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟକୁ ଯାଇ ଫାଇଲପତ୍ର ଯାଞ୍ଚ କରି ଖୁସି ପ୍ରକାଶ କରିଥିଲେ। ଏହି ସମୟରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।


ପଦ୍ମପୁର ସିଏଚ୍‌ସିରେ କାୟାକଳ୍ପ ଟିମ୍ ସଦସ୍ୟ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ୩ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୮।୧(ପବନ ପାଣିଗ୍ରାହୀ)

ନବରଙ୍ଗପୁର ଅଞ୍ଚଳର ଜଣେ ମହିଳାଙ୍କୁ ଅପହରଣ କରି ନେଇ ବଳତ୍କାର କରିଥିବା ଅଭିଯୋଗରେ ଫେରାର ଥିବା ୩ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି । ସେମାନଙ୍କୁ ନବରଙ୍ଗପୁର ମହିଳା କୋର୍ଟକୁ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ପାଞ୍ଜିଆଗୁଡା ଅଞ୍ଚଳର ଭି. ରାମ କ୍ରୀଷ୍ଣା (୬୫), ଏମ.ବ୍ରହ୍ମାଜି(୫୬) ଓ କେ.ଚିନ୍ନାରାଓ(୪୩) । ସୂଚନା ଅନୁଯାୟୀ ୨୦୦୭ରେ ନବରଙ୍ଗପୁର ଅଞ୍ଚଳର ଜଣେ ମହିଳାଙ୍କୁ ଅପହରଣ କରି ବଳାତ୍କାର କରିଥିବା ନବରଙ୍ଗପୁର ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା।

# ଲୋକେ ସଚେତନ ହେଲେ ମୃତ୍ତିକା, ଜଙ୍ଗଲର ସୁରକ୍ଷା ହେବ

## ବ୍ଲକ୍‌ସ୍ତରୀୟ ଜଳ ବିଭାଜିକା ମହୋତ୍ସବ

ମୁକୁନ୍ଦପୁର, ୮।୧ (ପୃଥ୍ୱୀରାଜ ମହାନ୍ତି )


ବିଧାୟକ ଜଣେ ସଫଳ ଚାଷୀଙ୍କୁ ସମ୍ମାନିତ କରୁଛନ୍ତି।

କୋଲନରା ବ୍ଲକ ରେଖାପଦର ପଞ୍ଚାୟତର ସାଲିବି ଗ୍ରାମଠାରେ ବ୍ଲକସ୍ତରୀୟ ଜଳ ବିଭାଜିକା ମହୋତ୍ସବ ଅନୁଷ୍ଠିତ ହୋଇଛି । ଜିଲା ଜଳ ବିଭାଜିକା ପ୍ରକଳ୍ପ ଉପନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଷମକଟକ ବିଧାୟକ ନୀଳମାଧବ ହିକ୍କା ମୁଖ୍ୟ ଅତିଥି, ଏମ୍‌ପିଙ୍କ ପ୍ରତିନିଧି ଡ. ଆଇ ଗୋବର୍ଦ୍ଧନ ରାଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବ୍ଲକ ସହକାରୀ କୃଷି ଯନ୍ତ୍ରୀ ଅନିତା ମହାନ୍ତି, ରେଖାପଦର ସରପଞ୍ଚ ଗୋପାଳ ପିଡ଼ିକା, ମୁକୁନ୍ଦପୁର ସରପଞ୍ଚ ସନ୍ତୋଷିନି ହୁଇକା, ଭୋଇମଡା ସରପଞ୍ଚ ସୋମନାଥ ହେପ୍ରିକା, ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଣ୍ଡା, ରେଖାପଦର ସମିତି ସଭ୍ୟ ସରୋଜ ପଣ୍ଡୁ ଓ ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ସୁରେନ୍ଦ୍ର ତାଡ଼ିଙ୍ଗି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜଳ ବିଭାଜିକା ପ୍ରକଳ୍ପର ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଜିଲା ଜଳ ବିଭାଜିକା ପ୍ରକଳ୍ପ ଉପ ନିର୍ଦ୍ଦେଶକ ପାଣିଗ୍ରାହୀ ବୁଝାଇଥିଲେ। ମୃତ୍ତିକା, ଜଙ୍ଗଲ ଓ ପରିବେଶ ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି । ତେଣୁ ସମସ୍ତେ ସଚେତନ ହେଲେ ତାହାର ପୁନରୁଦ୍ଧାର ହେବା ସହ ଏସବୁ ସୁରକ୍ଷିତ ରହିଲେ ମାନବ ସମାଜ ସୁରକ୍ଷିତ ରହିପାରିବ ବୋଲି ମଞ୍ଚରେ ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ଏଥିରେ ଉଦ୍ୟାନ କୃଷି ବିଭାଗ, ବନ ବିଭାଗ, ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସଫଳ ଚାଷୀ ଓ ସଫଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଉତ୍ତମ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସୁପ୍ରଭା ନାଥ ମଞ୍ଚ ପରିଚାଳନା କରିଥିବାବେଳେ ଜଳ ବିଭାଜିକା ବିଭାଗର ରବୀନ୍ଦ୍ର ଗାଣ୍ଡା, ଉମେଶ ମଲ୍ଲିକ, ପ୍ରଦୀପ ସାହୁ, ଆଭାରାଣୀ ସ୍ୱାଇଁ, ଅଞ୍ଜଳି ତାଡିଙ୍ଗି ଓ ସ୍ୱରୂପ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

# ଜେକେ ପେପର୍ ଆନ୍ତଃ ୟୁନିଟ୍‌ସ୍ତରୀୟ କ୍ରିକେଟ ଲିଗ୍ ଉଦ୍‌ଘାଟିତ

ଜେକେ ପୁର,୮।୧ (ରାଜେଶ ବିଶ୍ୱାଳ)

ଜେକେ ପେପର୍ କମ୍ପାନୀର ଆନ୍ତଃ ୟୁନିଟ୍‌ସ୍ତରୀୟ କ୍ରିକେଟ ଲିଗ୍ ଉଦ୍‌ଘାଟିତ ହୋଇଛି। ଏଥିରେ କମ୍ପାନୀର ୩ ପ୍ରଡକ୍ସନ ୟୁନିଟ ଯଥା ଜେକେପୁରସ୍ଥିତ ଜେକେ ପେପର୍ ମିଲ୍ସ, ସୋନଗଡ଼ସ୍ଥିତ ସେଣ୍ଟ୍ରାଲ ପଲ୍ପ ମିଲ୍ସ, ଶିରିପୁର ପେପର୍ ମିଲ୍ସ, କାଗଜ ନଗର ଓ ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀ ମଧ୍ୟରେ ୟୁନିଟ ସ୍ତରୀୟ ଟି-୨୦ କ୍ରିକେଟ ଲିଗ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜେକେ ପେପର୍ ମିଲ୍ସର ମୁଖ୍ୟ ବିନୟ ଦ୍ୱିବେଦୀ, କାର୍ଯ୍ୟ ନିର୍ବାହୀ ଉପସଭାପତି (କାର୍ମିକ ) ଉପସ୍ଥିତ ରହି ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଶିରିପୁର ପେପର୍ ମିଲ୍ସ ଓ ଜେକେପୁରଜେକେ ପେପର୍ ମିଲ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜେକେ ପେପର୍ ମିଲ୍ସ ଟିମ ଟସ୍ ଜିଣି ୨୦ ଓଭରରେ ୬ ୱିକେଟ ହରାଇ ୧୮୪ ରନ ସଂଗ୍ରହ କରିଥିବା ବେଳେ ଶିରିପୁର ଟିମ ସମସ୍ତ ୱିକେଟ ହରାଇ ୧୯.୧ ଓଭର ରେ ୭୬ ସଂଗ୍ରହ କରିଥିଲେ। ଜେ କେ ପେପର୍ ମିଲ୍ସ ଟିମ ବିଜୟ ଲାଭ କରିଥିଲା। ଜେକେ ପେପର୍ ମିଲ୍ସ ଟିମ୍‌ର ମହମ୍ମଦ ଆବେଶ ୩୫ ବଲ୍‌ରେ ୭୨ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଜେକେ ପେପର୍ ମିଲ୍ସର ମାନବ ସମ୍ବଳ ବିକାଶ ମହାପ୍ରବନ୍ଧକ ସନ୍ଦୀପ ପାଣ୍ଡେ, ଜେକେପୁରର ଜେକେ କ୍ରିକେଟ କ୍ଲବ ପ୍ରେସିଡେଣ୍ଟ ଦୀପକ ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଶିକ୍ଷଣ ଶିବିର

ଗୁଣପୁର,୮।୧ ( ପ୍ରଦୀପ କୁମାର ପାଢ଼ୀ)

ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍ ସୃଜନର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁଣପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଛି। ଶିକ୍ଷକମାନେ ନିଜ ନିଜ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବନ୍ଦେ ମାତରମ ଗାନ ପାଇଁ ପ୍ରସ୍ତୁତି କରିବା ପାଇଁ ଏହି ପ୍ରଶିକ୍ଷଣର ବ୍ୟବସ୍ଥା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାନନ୍ଦ ବରିହା, ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିପ୍ରଭା ପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଏଥିରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ । ପ୍ରାରମ୍ଭରେ ମଣ୍ଡଳ ସ୍ତରରୁ ତାଲିମପ୍ରାପ୍ତ ଶିକ୍ଷକ କମଳାକାନ୍ତ ଖୁଣ୍ଟିଆ ବନ୍ଦେ ମାତରମ ରାଷ୍ଟ୍ରଗୀତର ଭିତ୍ତିଭୂମି ଉପରେ ଆଲୋଚନା କରିଥିଲେ। ଆମ୍ବେଦକର ଉଚ୍ଚ ମାଧମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଶେଷସାୟୀ ସେନାପତି ରାଷ୍ଟ୍ର ଗୀତର ଭାବାର୍ଥ ଆଲୋଚନା କରିଥିଲେ। ଶିକ୍ଷକ ଏମ୍ କେଶବ ରାଓ ବନ୍ଦେ ମାତରମ ଗାନକୁ ସ୍ୱର, ତାଳ, ଲୟ ମାଧମରେ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**NOTICE**

ସର୍ବସାଧାରଣ ନୋଟିସ୍ ଦ୍ୱାରା ଜଣାଉଛୁ ଯେ ଢେଙ୍କାନାଳ ତହସିଲ ନଂ 282, ମୌଜା-ସୁନ୍ଦରୀଖାଲ, ଖତିୟାନ ନଂ-32/646/647/648/649, ପ୍ଲଟ୍ ନଂ. 167/206, 207 ପାଇଁ ଉଚ୍ଚ ନ୍ୟାୟାଳୟରେ କେସ୍ ନଂ RSA-234-2025 ଯାହା ବିଚାରାଧୀନ। ଏହାକୁ ବିକ୍ରି ବା କିଣାଗଲେ କ୍ରେତା ବିକ୍ରେତା ଦାୟୀ ରହିବେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ସିଗ୍‌ନାଲ ଓ ଟେଲିକମ୍ ଯନ୍ତ୍ରୀ (ସିଓ)/ଖଡ଼ଗପୁର-୭୨୧୩୦୧, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୨.୦୦ ଘଟିକାରେ ଖୋଲାଯିବ । **କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମ୍‌ଡି : (୧)** ଏସ୍‌ଟି-ଓଟି-ସିସିଟିଭି-ଏଲ୍‌ସିଗେଟ୍-କେଜିପି, ତାରିଖ: ୦୭।୦୧।୨୦୨୬; ସିଗ୍‌ନାଲ ଓ ଟେଲିକମ୍ ସଂକ୍ରାନ୍ତୀୟ କାର୍ଯ୍ୟର ନିମ୍ନଲିଖିତ ଅଂଶ (i) ଖଡ଼ଗପୁର ମଣ୍ଡଳରେ ୧୦,୦୦୦ରୁ କମ୍ ଟିଭିୟୁ ଥିବା ୧୦୩ଟି ଜଗୁଆଳିଯୁକ୍ତ ଅଣ-ଇଣ୍ଟରଲକ୍‌ଡ ଲେଭଲ କ୍ରସିଂ ଗେଟ୍‌ଠାରେ ସିସିଟିଭି ସର୍ଭେଲାନ୍ସ ସିଷ୍ଟମ୍‌ର ବ୍ୟବସ୍ଥା କରିବା, (ii) ଖଡ଼ଗପୁର ମଣ୍ଡଳରେ ୦୮ ଗୋଟି ସ୍ପେଶାଲ କ୍ଲାସ୍ ଜଗୁଆଳିଯୁକ୍ତ ଲେଭଲ କ୍ରସିଂ ଗେଟ୍‌ଠାରେ ଅତି ପୁରୁଣା ସିସିଟିଭି ସିଷ୍ଟମ୍‌କୁ ବଦଳାଇବା; ₹୩,୫୦,୦୪,୬୫୭.୯୩; ₹୩,୨୫,୦୦୦/- । **(୨)** ଏସ୍‌ଟି-ଓଟି-ୟାର୍ଡ-ସିସିଟିଭି-କେଜିପି-ପିଏଚ୍-I, ତାରିଖ: ୦୭।୦୧।୨୦୨୬; ଖଡ଼ଗପୁର ମଣ୍ଡଳରେ ୯ଟି ଷ୍ଟେଶନରେ ଫେଜ୍-I ରେ ୟାର୍ଡ ସିସିଟିଭି ସର୍ଭେଲାନ୍ସ ସିଷ୍ଟମ୍‌ର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ; ₹୨,୩୫,୯୮,୯୪୯.୬୩; ₹୨,୬୮,୦୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଉଭୟ ପାଇଁ ଶୂନ । **ସମାପ୍ତି ଅବଧି:** କ୍ର.ସଂ ୧ ପାଇଁ ୧୮ ମାସ ଓ କ୍ର.ସଂ. ୨ ପାଇଁ ୧୫ ମାସ । **ଦାଖଲର ତାରିଖ:** ଉଭୟ ପାଇଁ ତା୦୨।୦୨।୨୦୨୬ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । **ଖୋଲାଯିବା ତାରିଖ:** ଉଭୟ ପାଇଁ ତା୦୨।୦୨।୨୦୨୬ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-1044)

**PANCHAYAT SAMITI, CHHENDIPADA**
**INVITATION FOR BIDS (IFB)**
**IDENTIFICATION No: - CHHB- 02/2025-26**
E-mail address: - ori-chendipada@nic.in

**The Block Development Officer, Chhendipada** on behalf of the Governor of Orissa invites **Percentage rate bid** in single cover system for the 1 no of Auditorium Building, 1 no of Multi Purpose Hall & 3 nos. of ACR Building **"C" & "D" contractors** accordingly, registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-1 form, for execution of Building .The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e **www.angul.odisha.gov.in**.

Sd./- Block Development Officer,
Chhendipada

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail ld-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1
This is for information of all the bidders that Corrigendum – 5 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.

**Corrigendum – 5**

| Sl. No. | Bid Document Ref. | Description | As per Corrigendum- 4 | As per Corrigendum- 5 |
|---|---|---|---|---|
| 1 | NIT | Last Date & Time of submission of Bid, Tender Fee and EMD online | 09.01.2026 at 17:00 Hrs | 15.01.2026 at 17:00 Hrs |
| 2 | | Date & Time of Bid Opening | 10.01.2026 at 17:00 Hrs | 16.01.2026 at 17:00 Hrs |

Note: Other terms and conditions remain unchanged.
Sd/-
Project Director (Technical)
JUIDCO Ltd.
PR 370336 (Urban Development)25-26*D

**SBI ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା**
''ନାଗାଲାଣ୍ଡ ହାଉସ୍'', ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in
**ଇ-ନିଲାମ ବିଜ୍ଞପ୍ତି**

**ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୯୯୮୪୩୦**

**ପରିଶିଷ୍ଟ – IV-A**
**[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]**
**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**
**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।**

**ଇ-ନିଲାମର ତାରିଖ ଓ ସମୟ: ତାରିଖ: ୨୮।୦୧।୨୦୨୬**
**ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା **ଭୌତିକ ଦଖଲ / ସାଙ୍କେତିକ ଦଖଲ** ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା, (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକ**ଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ **ତା୨୮।୦୧।୨୦୨୦ରିଖ ସୁଦ୍ଧା ଟ.୧୦୦,୭୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର)** ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି''** ଏବଂ **''ସେଠାରେ ଯାହାବି ଅଛି''** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ ତା୨୮।୦୧।୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ଇ-ନିଲାମ ୱେବ୍‌ସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ ।
**ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ:**

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | i) ସଂରକ୍ଷିତ ମୂଲ୍ୟ ii) ଇଏମ୍‌ଡି iii) ବିଡ୍ ବୃଦ୍ଧି ପରିମାଣ iv) ଋଣ ଭାର |
|---|---|---|
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍‌ଆଇଡି, ଡି-୪୯, ସ୍ଥାନ ମୈତ୍ରିବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ୍ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୧୮୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୮୬, ରକବା: ୧୮.୦୪.୨୦୦୬ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ। **ଉତ୍ତର:** ସଡ଼କ; **ଦକ୍ଷିଣ:** ଡି-୨୮; **ପୂର୍ବ:** ଡି-୪୮; **ପଶ୍ଚିମ:** ଡି-୫୦। **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮, ନିରୀକ୍ଷଣ ତାରିଖ ଓ ସମୟ: ୨୧।୦୧।୨୦୨୬, ମଧାହ୍ନ ୧୨.୦୦ରୁ ଅପରାହ୍ନ ୧.୦୦ ଘଟିକା** (ସମ୍ପତ୍ତିଟି ସାଙ୍କେତିକ ଦଖଲ ଅଧୀନରେ ଅଛି । ଡିଏମ୍ ଅନୁମତି ହାସଲ କରିବା ଏବଂ ପୂର୍ଣ୍ଣ ଓ ଚୂଡ଼ାନ୍ତ ଦେୟ ପ୍ରାପ୍ତ କରିବା ପରେ ବ୍ୟାଙ୍କ ସଫଳ ବିଡରଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବ)। | i) ଟ.୨,୯୮,୦୦,୦୦୦/- ii) ଟ.୨୯,୮୦,୦୦୦/- iii) ଟ.୫୦,୦୦୦/- iv) ବୈଧାନିକ ଟିକସ / ବିଜୁଳି / ସୋସାଇଟି ମେଣ୍ଟେନାନ୍ସ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ । |

**ସମ୍ପତ୍ତିର ସନ୍ଧାନ କରନ୍ତୁ**

| ବ୍ୟାଙ୍କ ୱେବସାଇଟ୍: | ଇ-ନିଲାମ ୱେବ୍‌ସାଇଟ୍: | ସମ୍ପତ୍ତିର ଅବସ୍ଥିତି : |
|---|---|---|
| https://sbi.co.in/web/sbi-in-the-news/auction-notices/sarfaesi-and-others | ୟୁଆର୍‌ଏଲ୍: https://baanknet.com | ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

**ତାରିଖ: ୦୯.୦୧.୨୦୨୬**
**ସ୍ଥାନ: କୋଲକାତା**
**ସ୍ୱା./-**
**ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

# ରାମଧୁନ୍ ପରେ ୭ଟା ୩୦ରେ ପତାକା ଉତ୍ତୋଳନ କରାଯିବ

**ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ**

ମାଲକାନଗିରି,୮।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲାସ୍ତରରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବ୍ରତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ଦ୍ୱାରା ଗତବର୍ଷ ପ୍ରସ୍ତୁତି ବୈଠକର ବିବରଣୀ ଉପସ୍ଥାପନ ଆଧାରରେ ଆଲୋଚନା କରାଯାଇ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରା ଯାଇଥିଲା। ୨୬ ଜାନୁଆରୀ ପ୍ରଭାତରେ ଡାକବାଜି ଯନ୍ତ୍ର ଦ୍ୱାରା ମାଲକାନଗିରି ପୌର ପାଳିକା ଅଞ୍ଚଳରେ ରାମଧୁନ ପରିକ୍ରମା କରାଯିବା ସକାଳ ୭ଟା ୩୦ରେ ବିଭିନ୍ନ ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯିବ। ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଜିଲାସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତି ଯୋଗିତାମାନ ଆୟୋଜନ କରାଯିବା ପାଇଁ ଦିନ ଓ ସମୟ ଧାର୍ଯ୍ୟ କରାଯାଇଥିଲା। ପ୍ରଭାତଫେରୀ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ସମ୍ମିଳିତ ପରେଡ, ପରେଡ୍ ପ୍ରତିଯୋଗିତା, ପରେଡ ଅଭ୍ୟାସ ଓ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ସମ୍ବନ୍ଧରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ଜିଲା ମୁଖ୍ୟ ଡାକ୍ତରଖାନା ଓ ଶିଶୁଗୃହରେ ରୋଗୀଙ୍କୁ ଫଳବଣ୍ଟନ ଆଦି କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ ଆଲୋଚନା କରାଯାଇ ପ୍ରାୟୋଜକ ଓ ପୃଷ୍ଠପୋଷକ ଭାବେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମତାମତ ଗ୍ରହଣ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପକ, ଗଣମାଧ୍ୟମ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ବୈଠକରେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଆଲୋଚନା କରୁଛନ୍ତି।

# ନିଆଁ ଲାଗି ଜଳିଗଲା ଲକ୍ଷାଧିକ ଟଙ୍କାର ଆଖୁ



ଜଳିଯାଇଥିବା ଆଖୁକ୍ଷେତ।

ମାଲକାନଗିରି,୮।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ଏମ୍ଭି-୩୧ ଗ୍ରାମରେ ଏକ ଆଖୁ କ୍ଷେତରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଆଖୁ ନଷ୍ଟ ହୋଇଯାଇଛି। ଏମ୍ଭି- ୩୧ ଗ୍ରାମର ଚାଷୀ ପ୍ରତାପ ବିଶ୍ୱାସ ତାଙ୍କ କ୍ଷେତରେ ଆଖୁ ଚାଷ କରିଥିଲେ। ତେବେ ତାଙ୍କ ଜମି ନିକଟରେ ଥିବା ଅନ୍ୟ ଚାଷୀମାନେ ଧାନ ଫସଲ ଅମଳ ହେବାପରେ ସେମାନଙ୍କ କ୍ଷେତରେ ନିଆଁ ଲଗାଇ ଦେଇଥିଲେ। ଏହି ନିଆଁ ବ୍ୟାପି ଆଖୁ କ୍ଷେତ ଜଳିଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଖବରପାଇ ପ୍ରତାପ ନିଜ କ୍ଷେତରେ ପହଞ୍ଚିବା ବେଳକୁ ସମ୍ପୂର୍ଣ୍ଣ କ୍ଷେତ ପୋଡି ନଷ୍ଟ ହୋଇଯାଇଥିଲା। ଏ ସମ୍ବନ୍ଧରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗକୁ ଖବର ଦେଲାପରେ ସେମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ଆଖୁ କ୍ଷେତ ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା। କ୍ଷେତରେ ଆଖୁଚାଷ ନିମନ୍ତେ ୧ ଲକ୍ଷ ୧୦ ହଜାର ଟଙ୍କା ଖର୍ଚ୍ଚ କରିଥିବା ଚାଷୀ ପ୍ରତାପ ପ୍ରକାଶ କରିଛନ୍ତି। ପ୍ରଶାସନ ତରଫରୁ ତାଙ୍କୁ କ୍ଷତିପୂରଣ ଦେବା ପାଇଁ ସେ ଦାବି କରିଛନ୍ତି।

# ଜୁନିୟର ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ପାଇଁ ପ୍ରସ୍ତୁତି ବୈଠକ




ବୈଠକରେ ଉପସ୍ଥିତ ଅଧିକାରୀ।

କାଲିମେଲା, ୮।୧ (ଜୀବନ କୃଷ୍ଣ ଦାସ )

ମାଲକାନଗିରି ଜିଲା କାଲିମେଲା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆସନ୍ତା ଜାନୁଆରୀ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ପ୍ରଶିକ୍ଷଣ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସହକାରୀ ଜିଲା ଶିକ୍ଷାଧିକାରୀ ଭାଗିରଥି ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲା ରେଡ଼କ୍ରସ କମିଟିର ସଭ୍ୟ, ୭ ବ୍ଲକ ସଂଯୋଜକ, ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଜିଲାସ୍ତରୀୟ ଶିବିର ପାଇଁ ଭେନ୍ୟୁ ବିଦ୍ୟାଳୟର ବ୍ୟବସ୍ଥା, ସୁପରିଚାଳନା ଦାୟିତ୍ୱ ବଣ୍ଟନ ଓ କାର୍ଯ୍ୟକ୍ରମ ସଫଳତା ହାସଲ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ତଥା ଜିଲା ଶାରିରୀକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ତଥା ପୂର୍ବତନ ଜିଲା ଯୁବ ରେଡ଼କ୍ରସ ଆବାହକ ରଞ୍ଜନ କୁମାର ସ୍ୱାଇଁ, ଜେଆରସି ଓ ତଥା ସଂଯୋଜକ ନିରଞ୍ଜନ ମହାରଣା, ସମସ୍ତ ନୋଡ଼ାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ ।

# ଏସ୍ଏଚ୍‌ଜିଙ୍କ ରିଟେଲ ମାର୍ଟ, କାଫେ ସହ ହସ୍ତଶିଳ୍ପ ପରିଦର୍ଶନ

**ମିଶନଶକ୍ତି ବିଭାଗ ଅତିରିକ୍ତ ସଚିବଙ୍କ ନବରଙ୍ଗପୁର ଜିଲା ଗସ୍ତ**

- **ଅଧିକାରୀମାନଙ୍କୁ ନେଇ କରିଲେ ସମୀକ୍ଷା ବୈଠକ**

ନବରଙ୍ଗପୁର,୮।୧ (ସଦାଶିବ ପ୍ରହରାଜ)

ମିଶନ ଶକ୍ତି ବିଭାଗ ଅତିରିକ୍ତ ସଚିବ ଜ୍ୟୋତିଶଙ୍କର ମହାପାତ୍ର ଗୁରୁବାର ନବରଙ୍ଗପୁର ଜିଲା ଗସ୍ତରେ ଯାଇଛନ୍ତି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଓଏଲ୍ଏମ୍ ଓ ମିଶନ ଶକ୍ତି ଯୋଜନାର ସମସ୍ତ ପ୍ରମୁଖ ପାରାମିଟର ଉପରେ ସମୀକ୍ଷା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ମିଶନ ଶକ୍ତି ବିଭାଗର ଅଡିଟ୍ ଅଧିକାରୀ ଦୀପକ କୁମାର କାହାଲୀ, କୋଷାଗୁମୁଡ଼ା ବିଡିଓ ଆଶିଷ ତ୍ରିପାଠୀ, ଡିପିଏମ (ଓଏଲ୍ଏମ), ଡିପିସି (ମିଶନ ଶକ୍ତି)ଙ୍କ ସହ ସମସ୍ତ ବ୍ଲକସ୍ତରୀୟ ମିଶନ ଶକ୍ତି ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରାହ୍ନ ୧ଟାରେ କୋଷାଗୁମୁଡ଼ା ବ୍ଲକସ୍ଥିତ ଲିମ୍ବଭଟା ଗ୍ରାମ ପରିଦର୍ଶନ କରିଥିଲେ। ଏସ୍ଏଚ୍‌ଜିଙ୍କ ଦ୍ୱାରା ପରିଚାଳିତ ଧାନରେ ତିଆରି ବିଭିନ୍ନ ହସ୍ତଶିଳ୍ପକୁ ଦେଖିଥିଲେ। ପରେ ରାଜୋଡା ପଞ୍ଚାୟତରେ ଏସ୍ଏଚ୍‌ଜିଙ୍କ ଦ୍ୱାରା ପରିଚାଳିତ ରିଟେଲ ମାର୍ଟ ଦେଖିଥିଲେ। ଶେଷରେ କୋଷାଗୁମୁଡା ବ୍ଲକସ୍ଥିତ ମିଶନ ଶକ୍ତି କାଫେ ପରିଦର୍ଶନ କରି ବ୍ଲକସ୍ତରୀୟ ମହାସଂଘ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ।



ଲିମ୍ବଭଟା ଗ୍ରାମରେ ଏସ୍ଏଚ୍‌ଜିଙ୍କ ଦ୍ୱାରା ପ୍ରସ୍ତୁତ ଧାନ ତିଆରି ହସ୍ତଶିଳ୍ପକୁ ମିଶନ ଶକ୍ତି ବିଭାଗ ଅତିରିକ୍ତ ସଚିବ ଦେଖୁଛନ୍ତି।

# ସ୍କୁଲ ଆଗରେ ବିପଦସଙ୍କୁଳ ଅବସ୍ଥାରେ ରହିଛି ଟ୍ରାନ୍ସଫର୍ମର

କୋରୁକୋଣ୍ଡା, ୮।୧ (ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଲା ସହର ୧୦ ନମ୍ବର ୱାର୍ଡ ଡ୍ରଗ୍‌ଲାଇନରେ ଥିବା ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଦୀର୍ଘ ବର୍ଷ ଧରି ବିନା ସୁରକ୍ଷା ପାଚେରିରେ ବିପଦସଙ୍କୁଳ ଅବସ୍ଥାରେ ରହିଛି ଟ୍ରାନ୍ସଫର୍ମର। ଉକ୍ତ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ବିଭାଗ ପକ୍ଷରୁ ସ୍ଥାୟୀ ସୁରକ୍ଷା ପାଚେରି ନିର୍ମାଣ କରାଯାଇ ନ ଥିବାରୁ ସ୍ଥାନୀୟ ବାସିନ୍ଦା , ସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ଓ ତାଙ୍କ ଅଭିଭାବକ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏପରିକି ବାଲିମେଲା ସହରରେ ଜଳବିଦ୍ୟୁତ କେନ୍ଦ୍ରର ପାଣିଟାଙ୍କି ସମ୍ମୁଖ, ସହରରେ ଥିବା ଭାଜପା କାର୍ଯ୍ୟାଳୟ ସମ୍ମୁଖ, ବାଲିମେଳାର ୨ ନମ୍ବର ୱାର୍ଡ ତଥା ପଣ୍ଡା ଛକ ନିକଟ ଏବଂ ଏମ୍ଭି –୧୦୯ ଗାଁର ପ୍ରବେଶ ପଥର କିଛି ଦୂର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଟ୍ରାନ୍ସଫର୍ମରଗୁଡ଼ିକର ସୁରକ୍ଷା ପାଚେରି ନିର୍ମାଣ କରାଯାଇନାହିଁ। ଫଳରେ ସ୍ଥାନୀୟ ବାସିନ୍ଦା ସର୍ବଦା ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏହି ଟ୍ରାନ୍ସଫର୍ମରଗୁଡିକର ଚାରିପାଖରେ ବିଭାଗ ପକ୍ଷରୁ କୌଣସି ଆବଦ୍ଧ କରାଯାଇ ନ ଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ଏହା ନିକଟରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଛି। ଏହି ଟ୍ରାନ୍ସଫର୍ମରର ଚାରିପଟେ ପାଚେରି ନିର୍ମାଣ ନିମନ୍ତେ ସାହିବାସିନ୍ଦା ବହୁବାର ବିଭଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ଟ୍ରାନ୍ସଫର୍ମରଗୁଡିକର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରିବା ପାଇଁ ବିଭାଗ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଚିଠି ପଠାଯାଇଛି। ୬ଟି ପାଚେରି କରିବା ପାଇଁ ନିର୍ଦ୍ଦେଶ ଆସିଛି। ଖୁବ୍‌ଶୀଘ୍ର ବିଭାଗ ପକ୍ଷରୁ ସେଠାରେ ପାଚେରି ନିର୍ମାଣ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ସାହୁ କହିଛନ୍ତି।



ବିପଦସଙ୍କୁଳ ଭାବେ ଥିବା ଟ୍ରାନ୍ସଫର୍ମର ।

# ଡକାୟତି ମାମଲାରେ ୫ ଅଭିଯୁକ୍ତ ଗିରଫ

କୋଡ଼ିଙ୍ଗା, ୮।୧ (ସମରେନ୍ଦ୍ର ପଟ୍ଟନାୟକ)

ଡକାୟତି ମାମଲାରେ ନବରଙ୍ଗପୁର ଜିଲା କୋଡିଙ୍ଗା ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଧୀନ ବୋରିଗୁମ୍ମା ଗାଁର ଦେବେନ୍ଦ୍ର ବାଘ(୨୧), ସାନଦୁବୁଲିର ହିତେଶ ବିଷୋୟୀ (୨୮), ଚପାର୍ଲିଗୁଡ଼ା ଗ୍ରାମର ଗୋବର୍ଦ୍ଧନ ଭୂମିଆ (୨୫), ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଥାନା କନ୍ଧେଇମୁଣ୍ଡାର ସାନୁ ହରିଜନ (୨୫) ଓ ଖାତିଗୁଡ଼ା ଥାନା ପଟାଗୁଡ଼ାର ବେଣୁଧର ନାଗ(୩୨)। ସେମାନଙ୍କ ନିକଟରୁ ଗୋଟିଏ କାର୍, ୩ ବାଇକ୍, ୧୫ଟି ମୋବାଇଲ, ୨ଟି ରୁପାର ମୂର୍ତ୍ତି ଓ ଲୁହା ମରଣାସ୍ତ୍ର ଜବତ କରାଯାଇଛି। ସୂଚନାନୁଯାୟୀ ଜାନୁଆରୀ ୪ରେ କୋଡିଙ୍ଗା ଥାନା ବାଗଦୋରୀ ଗ୍ରାମର ଧନର ଭତରାଙ୍କ ଘରେ ମୁଖାପିନ୍ଧା ଦୁର୍ବୃତ୍ତ କବାଟ ଭାଙ୍ଗି ଘରେ ପଶିଥିଲେ। ଖଣ୍ଡା ଛୁରି ଦେଖାଇ ସୁନା ଅଳଙ୍କାର ସହ ଟଙ୍କା ଲୁଟି ନେଇଥିଲେ। ଏନେଇ ଧନର କୋଡିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି କୋଡିଙ୍ଗା ପୋଲିସ ୪/୨୬ରେ ଏକ ମାମଲା ରୁଜୁ କରିଥିଲା। ନବରଙ୍ଗପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କଣ୍ଡେଲକଲଙ୍କ ନେତୃତ୍ୱରେ ୩ଟି ଟିମ୍ କରାଯାଇ ମାମଲାର ତଦନ୍ତ କରିଥିଲେ। ଘଟଣାରେ ଅଧିକ ତଦନ୍ତ ଚଳାଇ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କୋଡିଙ୍ଗା ଥାନାଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି।



ପୋଲିସ ସହ ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

# ୧୯୯୫ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

ପାପଡ଼ାହାଣ୍ଡି, ୮।୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ସରକାରି ଲାଲ ବାହାଦୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସ୍କୁଲ ୧୯୯୫ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ କରାଯାଇଛି। ପୂର୍ବତନ ଶିକ୍ଷକ ପଞ୍ଚୁ ପରିଡ଼ା, ଦୁର୍ଗାଚରଣ ଦାସ, ଅଜୟ ଭୋଇ, ଇବ୍ରାହିମ ଖାନ, ବ୍ରହ୍ମାନନ୍ଦ କାନାରା, ଜ୍ୟୋତ୍ସ୍ନା ମିଶ୍ର, ଲାଲ ବାହାଦୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀ ଯୋଗଦେଇଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ଏମ୍. ଡି. ସାବୁଦ୍ଦିନ, ପୂର୍ବତନ ଶିକ୍ଷକ ସ୍ୱର୍ଗତ ସୁଦାମ ମହାରଣା, ୫ ଜଣ ପୂର୍ବତନ ଛାତ୍ର, ୨ଜଣ ପୂର୍ବତନ ପିଅନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଛାତ୍ରୀଛାତ୍ର ନିଜ ଅନୁଭୂତି କହିଥିଲେ। ପୂର୍ବତନ ଶିକ୍ଷକ ଓ ଶିକ୍ଷକଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୀଳକଣ୍ଠ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ନରସିଂହ ନାୟକ, ଦୀନବନ୍ଧୁ ବିଷୋୟୀ, ବିଷ୍ଣୁ ବିଷୋୟୀ, ପ୍ରମୋଦ ଅଗ୍ରୱାଲ, ଲାଲ ମହମ୍ମଦ ଖାନ, ଏନ୍. ଜନାର୍ଦ୍ଦନ ରାଓ, ବି. ରାମବାବୁ, ବି. ସନ୍ତୋଷ ରାଓ, ବି. ସୀମାଦ୍ରି ରାଓ, ସୁବ୍ରତ ଜେନା, ମାଚିନ୍ଦ୍ର ଅମନାତ୍ୟା, ସୁରଜିତ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।



ଶିକ୍ଷକଙ୍କ ସହ ୧୯୯୫ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ର।

# ମାସକରେ ୩ଥର ତୁଷାରପାତ

ପଟ୍ଟାଙ୍ଗି,୮।୧ (ଶରତ କୁମାର ଧଳ)



କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାରେ ଶୀତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଚରି ଦିନ ହେବ ଥଣ୍ଡାର ବଢ଼ିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ୧ ମାସ ମଧ୍ୟରେ ବ୍ଲକର ବିଭିନ୍ନ ସ୍ଥାନରେ ୩ଥର ହେବ ତୁଷାରପାତ ପଡୁଥିବା ଦେଖିବାକୁ ମିଳିଛି। ଅପରାହ୍ନ ୪ଟା ପରେ ତାପମାତ୍ରା ୭ରୁ ୮ ଡିଗ୍ରୀ ରହୁଛି। ବ୍ଲକର ମାଳିପୁଟ ପଞ୍ଚାୟତ ଓ ଚମ୍ପାଖେନ୍ଦା ଗ୍ରାମ ନିକଟରେ ଜମି ଉପରେ ତୁଷାରପାତ ପଡ଼ିବା ସହ ଥଣ୍ଡା ସକାଳ ୯ଟା ପର୍ଯ୍ୟନ୍ତ ରହୁଛି। ୨୦ ବର୍ଷ ତଳର ଥଣ୍ଡା ଅନୁଭବ ହେଉଥିବା ଲୋକେ କହୁଛନ୍ତି। ବ୍ଲକ ସଦର ମହକୁମାର ଚା’ଦୋକାନଗୁଡିକରେ ଲୋକଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି।

# ଦୁର୍ଘଟଣାରେ ଗତବର୍ଷ ୧୯୦ ଜଣଙ୍କ ମୃତ୍ୟୁ

**ସଡ଼କ ସୁରକ୍ଷା କମିଟି ବୈଠକ**

- **ବାରମ୍ବାର ଟ୍ରାଫିକ ନିୟମ ଉଲ୍ଲଘଂନ କଲେ ଜବତ ହେବ ଗାଡ଼ି, ରଦ୍ଦ ହେବ ଲାଇସେନ୍ସ**
- **ଯାନବାହନ ଯାଞ୍ଚ କଡ଼ାକଡ଼ି ପାଇଁ ନିଷ୍ପତ୍ତି**

ନବରଙ୍ଗପୁର,୮।୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଅଶୋକ ମେହେଟ୍ଟା ସମ୍ମିଳନୀ ଗୃହରେ ଜିଲାପାଳ ଡ଼.ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯାନବାହାନ ଯାଞ୍ଚ କଡ଼ାକଡ଼ି କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଡ଼କ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ଲାଗି ସ୍କୁଲ, କଲେଜସ୍ତରରେ ବିଭିନ୍ନ ପ୍ରତିଯୋଗିତା କରାଯିବ। ସେଭଳି ଗାଡ଼ି ଚାଳକଙ୍କ ଚକ୍ଷୁ ପରୀକ୍ଷା, ୱାକାଥନ, ରକ୍ଷକ ଶିବିର, ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଦ୍ରୁତ ଗତି ଯାନବାହାନ ଚଳାଚଳ, ହେଲମେଟ ଯାଞ୍ଚ, ସିଟବେଲ୍ଟ, ଡ୍ରିଙ୍କ ଆଣ୍ଡ ଡ୍ରାଇଭ, ଓଭରଲୋଡ ମାଲ ପରିବହନ, ଯାତ୍ରୀ ପରିବହନ, ଟ୍ରାଫିକ ନିୟମ ଉଲ୍ଲଂଘନକୁ ନେଇ ଯାଞ୍ଚ କଡାକଡି କରାଯିବ ବୋଲି କୁହାଯାଇଛି। ପୂର୍ବରୁ ଜରିମାନା ଜାରି ହୋଇଥିବା ଯାନବାହାନଗୁଡ଼ିକକୁ ଜବତ କରାଯିବା ସହ ଡ୍ରାଇଭିଙ୍ଗ ଲାଇସେନ୍ସ ରଦ୍ଦ ଲାଗି ନିଷ୍ପତ୍ତି ହୋଇଛି। ୨୦୨୫ରେ ସଡ଼କ ଦୁର୍ଘଟଣାରେ ୧୯୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୧ ଜଣ ଗୁରୁତର ହୋଇଥିଲେ। ସେଭଳି ଜିଲାର ୮ ବ୍ଲାକସ୍ପଟ ଚିହ୍ନଟ ସ୍ଥାନରେ ସତର୍କ ସୂଚନା ଫଳକ ଲଗାଇବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ସିଡିଏମଓ ମଳୟ ପ୍ରଧାନ, ଉପଜିଲାପାଳ ପ୍ରକାଶ ମିଶ୍ରଙ୍କ ସମେତ ବିଭିନ୍ନ ଜିଲା ଅଧିକାରୀ ଉପସ୍ଥିତ ଥିଲେ। ଜିଲା ପରିବହନ ଅଧିକାରୀ ଜୀତେନ୍ଦ୍ର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଗଞ୍ଜେଇ ମାଫିଆଙ୍କ ଜାଲରେ ନିରୀହ ଆଦିବାସୀ

- **ଆଦିବାସୀଙ୍କ ସରଳତାର ଫାଇଦା ନେଇ ଦୁର୍ଗମ ଅଞ୍ଚଳରେ କରାଉଛନ୍ତି ଗଞ୍ଜେଇ ଚାଷ**
- **ଉପାନ୍ତ ଅଞ୍ଚଳବାସୀଙ୍କୁ ରୋଜଗାରର ଅନ୍ୟ ମାଧ୍ୟମ, ସଚେତନ କରିବାକୁ ବୁଦ୍ଧିଜୀବୀଙ୍କ ମତ**

ମାଲକାନଗିରି, ୮।୧ (ଦୁର୍ଯ୍ୟୋଧନ ପାତ୍ର)

ଗଞ୍ଜେଇ ଚାଲାଣର ହବ ପାଲଟିଛି ମାଲକାନଗିରି ଜିଲା। ପ୍ରତିଦିନ କିଛି ନୂଆ ଉପାୟରେ ମାଫିଆ ଗଞ୍ଜେଇ ଚୋରାଚାଲାଣ କରିବାରେ ସଫଳ ହେଉଛନ୍ତି। କେତେବେଳେ ଆମ୍ବୁଲାନ୍ସ, ଆଉ କେତେବେଳେ ତେଲ ଟାଙ୍କି ଏଭଳି ଅନେକ ଉପାୟରେ ଗଞ୍ଜେଇ ଚାଲାଣ ହେଉଛି। କିଛିଦିନ ତଳେ ମାଲକାନଗିରି ପୋଲିସ ଆଠ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ୬୦ ତରଳ ଗଞ୍ଜେଇ ଧରିଥିଲା। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ଦୁର୍ଗମ ଅଞ୍ଚଳର ଅନେକ ସରକାରୀ ଓ ବେସରକାରୀ ଜମିରେ ଗଞ୍ଜେଇ ଚାଷ ହେଉଛି। ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ବାହାର ରାଜ୍ୟର ବେପାରୀ ସେଠାରେ ପହଞ୍ଚି ଗଞ୍ଜେଇ ଚାଷ ପାଇଁ ସମସ୍ତ ସୁବିଧା ସୁଯୋଗ ଦେଉଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ସେଠାକାର ଲୋକମାନଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇ ଦେଲେ ସେମାନେ ଏଭଳି ଗଞ୍ଜେଇ ଚାଷରୁ ନିବୃତ ରହିବେ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

ଜିଲାରେ ବିଶେଷ ଭାବେ ଚିତ୍ରକୋଣ୍ଡା ଅଞ୍ଚଳରେ ଗଞ୍ଜେଇ ଚାଷ ହେଉଛି। ସେଠାକର ଲୋକେ ଏବେ ମଧ୍ୟ ପ୍ରଶାସନର ଅନେକ ମୌଳିକ ସୁବିଧାରୁ ଏବେବି ବଞ୍ଚିତ ଅଛନ୍ତି। ତେଣୁ ସେମାନେ ବାହାର ରାଜ୍ୟର ବେପାରୀଙ୍କ ପ୍ରଲୋଭନରେ ଆସି ଗଞ୍ଜେଇ ଚାଷକୁ ରୋଜଗାର ମାଧ୍ୟମ କରିଥିବା ଆଲୋଚନା ହେଉଛି। ତେବେ ଦୁଃଖର ବିଷୟ ଯେ ଏଠାକାର ସରଳ ଆଦିବାସୀମାନେ ଚାଷ କରି ଯେତିକି ଲାଭ ପାଇ ନଥାନ୍ତି ତାଠାରୁ ବେଶୀ ଲାଭବାନ ଗଞ୍ଜେଇ ମାଫିଆ ହେଉଥିବା ବୁଦ୍ଧିଜୀବୀ କହିଛନ୍ତି। ତେବେ ଏହି ସବୁଜ ଜହରକୁ ମୁଳପୋଛ କରିବା ପାଇଁ ଆକ୍ସନ ମୋଡରେ ମାଲକାନଗିରି ପୋଲିସ ଓ ଅବକାରୀ ବିଭାଗ। ତରଳ ଗଞ୍ଜେଇ ଜବତ ଘଟଣାର ୨ ଦିନ ମଧ୍ୟରେ ତିନୋଟି ପୃଥକ ସ୍ଥାନରେ ଆନୁମାନିକ ପ୍ରାୟ ୧୭ କୋଟି ଟଙ୍କାର ଗଞ୍ଜେଇ ଜବତ କରାଯାଇଥିଲା। ଉତ୍ତର ପ୍ରଦେଶର ୩ଜଣ ମାଫିଆଙ୍କୁ ଗିରଫ କରାଯାଇଥିଲା। ୨୦୨୫ରେ ୧୦୯ଟି ଗଞ୍ଜେଇ ଚାଲାଣ ମାମଲା ରୁଜୁ ହୋଇଥିବାବେଳେ ୩୯ ଦୁଇ ଚକିଆ, ୧୩ ଚାରି ଚକିଆ ଯାନ ଜବତ କରାଯାଇଥିଲା। ପୋଲିସ ଏହି ଘଟଣାରେ ୯୬ଜଣଙ୍କୁ ଗିରଫ କରିଛି। ଏ ସବୁରେ ଆଦିବାସୀ ଓ ଗାଡିଚାଳକ ମାନେ ଧରା ପଡୁଥିବାବେଳେ ମାଫିଆମାନେ ଖସି ପଳାଉଛନ୍ତି। ଜିଲାରେ ମାଓବାଦୀଙ୍କ ସମୟରେ ଗଞ୍ଜେଇ ଚାଷ ଜୋରସୋରରେ ଚାଲିଥିଲା। ଜିଲାରେ ମାଓବାଦୀ ଶେଷ ହେବା ପରେ ଉପାନ୍ତ ଅଞ୍ଚଳରେ ଏବେବି ଗଞ୍ଜେଇ ଚାଷ କରାଯାଉଛି। ଉପାନ୍ତ ଅଞ୍ଚଳ ଲୋକଙ୍କୁ ରୋଜଗାରର ଅନ୍ୟ ମାଧ୍ୟମ ଯୋଗାଇବା, ଗଞ୍ଜେଇ ଚାଷ ଓ ଚାଲାଣରୁ ନିବୃତ୍ତ ରହିବାକୁ ସଚେତନ କରାଇବା ସହ ମୁଖ୍ୟ କିଙ୍ଗପିନକୁ ଧରି ପାରିଲେ ଗଞ୍ଜେଇ ଚାଷ ଶେଷ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଜିଲାରେ ହେଉଥିବା ଗଞ୍ଜେଇ ଚାଷ ସମ୍ପର୍କରେ ଏସ୍‌ପି ବିନୋଦ ପାଟିଲଙ୍କୁ ପଚାରିବାରୁ ମାଲକାନଗିରିରେ ଗତ କିଛି ଦିନ ହେବ ଗଞ୍ଜେଇ ପାଇଁ ସ୍ୱତନ୍ତ୍ର ଡ୍ରାଇଭ ସହ କଡ଼ାକଡ଼ି ଯାଞ୍ଚ କରାଯାଉଛି। ମାଫିଆମାନେ ଚାଲାଣ ପାଇଁ ଅଭିନବ ଉପାୟ ଆପଣାଉଛନ୍ତି। ଗଞ୍ଜେଇକୁ ତରଳକରଣ କରି ଚାଲାଣ ହେଉଥିଲା। ୩୦ ରୁ ୪୦ କିଲୋ ଗଞ୍ଜେଇରେ ଏକ ଲିଟର ତରଳ ଗଞ୍ଜେଇ ପ୍ରସ୍ତୁତ ହୋଇଥାଏ। ଯାହାର ମୁଲ୍ୟ ଅଢେଇ କୋଟି ଟଙ୍କାହେବ। ଏହି ତରଳ ଗଞ୍ଜେଇ ଚାଲାଣକୁ ମଧ୍ୟ ମାଲକାନଗିରି ପୋଲିସ ଧରିପାରିଛି। ଏବେ ଦୁର୍ଗମ ଅଞ୍ଚଳରେ କରାଯାଇଥିବା ଗଞ୍ଜେଇ ଚାଷକୁ ପୋଡ଼ି ନଷ୍ଟ କରାଯାଉଛି। ଆଗାମୀ ଦିନରେ ଏ ସବୁକୁ ଜୋରଦାର କରାଯିବ ବୋଲି କହିଛନ୍ତି।

**ରାମକୃଷ୍ଣ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଦିବସ**

କୋରାପୁଟ,(ଅମିତାଭ ବେହେରା)- କୋରାପୁଟସ୍ଥିତ ଶ୍ରୀରାମକୃଷ୍ଣ ବିଦ୍ୟା ମନ୍ଦିରରେ ୨୫ତମ ବାର୍ଷିକ କ୍ରୀଡ଼ା ଦିବସ ଗୁରୁବାର ଶୁଭାରମ୍ଭ ହୋଇଯାଇଛି। ଏହି ଦିବସକୁ ବିଦ୍ୟାଳୟର ପରିଚାଳକ ଡ. ଅମୂଲ୍ୟ ମହାପାତ୍ର ଓ ଅଧକ୍ଷା ତପସ୍ୱିନୀ ମହାପାତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ନର୍ସରୀଠାରୁ ଦଶମ ଶ୍ରେଣୀ ଯାଏ ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅଧକ୍ଷା ମହାପାତ୍ର ଏବଂ ଉମା କୁମାରୀ ସାହୁଙ୍କ ମିଳିତ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୋଲେରୋ-ଇକୋ ଗାଡ଼ି ମୁହାଁମୁହିଁ ଧକ୍କା: ୭ ଆହତ

ନନ୍ଦପୁର/ପାଡୁଆ, ୮।୧ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଦେଇ ଯାଇଥିବା ଜୟପୁର-ବିଶାଖାପାଟଣା ସଂଯୋଗୀ ରାଜପଥର ସିରସଗୁଡ଼ା ନିକଟରେ ବୋଲେର-ଇକୋ ଗାଡ଼ି ମୁହାଁମୁହିଁ ଧକ୍କା ହୋଇ ୭ଜଣ ଗୁରୁତର ହୋଇଛନ୍ତି। ବୋଲେରୋ(ଓଡ଼ି୧୦ ଏଚ ୭୬୬୭) ଓ ଇକୋ(ଏପି୪୦ ବିଜେ ୧୬୮୨) ଧକ୍କା ହେବାରୁ ଇକୋର ବେଲୁନ ବାହାରକୁ ବାହାରିଛି। ସ୍ଥାନୀୟ ଲୋକେ ଆହତ ୭ଜଣଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପାଡୁଆ ଓ ପରେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ପାଡୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଗାଡ଼ି ଜବତ କରି ତଦନ୍ତ କରୁଛି। ଇକୋ ଗାଡ଼ି ଚାଳକ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନନ୍ଦପୁର, ୮।୧ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ମାଲିଚେଲଗାଁ ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅଭିମନ୍ୟୁ ସାମଲଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ସଦାନନ୍ଦ ଭଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥିଭାବେ ବ୍ଲକ୍ ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝୀ, ସରପଞ୍ଚ ପ୍ରହ୍ଲାଦ ମୁଦୁଲି, କୋରାପୁଟ ଓଷ୍ଟା ସମ୍ପାଦକ ଅଶୋକ ପଟ୍ଟନାୟକ, ଏସ୍‌ଏମ୍‌ସି ଅଧ୍ୟକ୍ଷ ଟଙ୍କଧର ବାଟଘରିଆ, ନନ୍ଦପୁର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ା, ପ୍ରଧାନଶିକ୍ଷକ ପାଡୁଆ ସୁବାସ ପାଙ୍ଗୀ, ଗଣେଶ ଜେନା, ଅଶୋକ ପଣ୍ଡା, ସଞ୍ଜୟ ନାୟକ, ବସନ୍ତ କର, ଗତିକୃଷ୍ଣ ବାରିକ ପ୍ରମୁଖ ଯୋଗଦେଇଥିଲେ। ତାଙ୍କୁ ଉପଢୌକନ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ସଚେତନତା

ନନ୍ଦପୁର,୮।୧(ତୁଷାର କାନ୍ତ ମହାନ୍ତି)

ବଣ ଜଙ୍ଗଲ, ପର୍ଯ୍ୟଟନସ୍ଥଳୀ ସମେତ ସର୍ବ ସାଧାରଣ ସ୍ଥଳରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନ କରିବାକୁ ନନ୍ଦପୁର ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଖେଳ ମାଧ୍ୟମରେ ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସେମିଳିଗୁଡା ବନାଞ୍ଚଳ ଅଧୀନ ନନ୍ଦପୁର ବନପାଳ କ୍ଷେତ୍ର ରାଣୀ ଡୁଡୁମା ପରିସରରେ ୧୬ ଦଳକୁ ନେଇ ଭଲିବଲ ପ୍ରତିଯୋଗିତା ଆରମ୍ଭ ହୋଇଛି। ବନପାଳ ଗୋପୀନାଥ ପାଙ୍ଗୀଙ୍କ ଅଧ୍ୟକ୍ଷତାରେ ପ୍ରତିଯୋଗିତାରେ ୮ ଟିମ୍ ଅଂଶଗ୍ରହଣ କରିଥିଲେ। ୧୨ ତାରିଖ ଜିଲାସ୍ତରୀୟ ବନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ସଚେତନ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ବନପାଳ ପାଙ୍ଗୀ ସୂଚନା ଦେଇଛନ୍ତି।

### ଗଣଶିକ୍ଷା ବିଭାଗ ଉପନିର୍ଦ୍ଦେଶିକାଙ୍କ କଲେଜ ପରିଦର୍ଶନ

ସୁନାବେଡା/ସେମିଳିଗୁଡ଼ା,୮।୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ରାଜ୍ୟ ଗଣଶିକ୍ଷା ବିଭାଗର ଉପନିର୍ଦ୍ଦେଶିକା ନମିତା ମାଳି ସେମିଳିଗୁଡା ମହାବିଦ୍ୟାଳୟ ଗୁରୁବାର ପରିଦର୍ଶନ କରିଛନ୍ତି। ଅଧ୍ୟକ୍ଷା ଡ.ଝାନ୍‌ସୀ ସିଂହ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସୌଜନ୍ୟମୂଳକ ସ୍ୱାଗତ କରିଥିଲେ। କଲେଜର ବିଭିନ୍ନ ପ୍ରକାର ସମସ୍ୟା ନେଇ ଆଲୋଚନା କରି କଲେଜ ପରିକ୍ରମା କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ମିଳିତ ଭାବେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ।

# ନିୟମାବଳୀ ଅନୁଯାୟୀ ଧାନ କିଣାଯାଉ ନ ଥିବା ଅଭିଯୋଗ

**ଶୀତ କାକରରେ ଧାନ ଜଗୁଛନ୍ତି ଚାଷୀ**

କୋଟପାଡ଼,୮।୧(କେ.ରାଜଶେଖର ରାଓ)



ମଣ୍ଡିରେ ଅପେକ୍ଷା କରିଥିବା ଚାଷୀ ।

ଚଳିତବର୍ଷ ଖରିଫ ଋତୁର ଧାନ କିଣିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୨୪।୧୧।୨୫ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ସମୟ ଧାର୍ଯ୍ୟ ଅନୁଯାୟୀ ଧାନ କ୍ରୟ କରିବାକୁ ନିଷ୍ପତି ହୋଇଥିଲା। ଏଫଏକ୍ୟୁ ଧାନ କ୍ରୟ ବିକ୍ରି ପାଇଁ ଜୟପୁର ଉପକଣ୍ଠ ଅଞ୍ଚଳରେ ମଣ୍ଡି ଖୋଲି ଚାଷୀମାନେ ସୁବିଧାରେ ଧାନ ବିକ୍ରି କରିବା ପାଇଁ ବିଶେଷ ଭାବେ ଆଲୋଚନା ହେଇଥିଲା। ଏଥିରେ କ୍ରୟ ବିକ୍ରୟ ପାଇଁ ୮ ନିୟମ ରଖାଯାଇଛି। ଟୋକନର ବୈଦ୍ଧତା ୩୦ ଦିନ, ଚାଷୀ ଆଣିଥିବା ଧାନକୁ ଏଫଆଇଏଫଓ ଚାଷୀ ପ୍ରଥମ ଆଣିଥିବା ଧାନକୁ ପ୍ରଥମେ କିଣାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହା ସତ୍ତ୍ୱେ କୋଟପାଡ଼ ଅଞ୍ଚଳରେ କୌଣସି ମଣ୍ଡିରେ ଏହି ନିୟମାବଳୀ ଅନୁଯାୟୀ ଧାନ କିଣାଯାଉ ନ ଥିବା ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚଳିତବର୍ଷ ପ୍ରଶାସନ ପକ୍ଷରୁ ବିଳମ୍ବରେ ମଣ୍ଡି ଆରମ୍ଭ ହୋଇଛି। ପଞ୍ଜୀକୃତ କରିଥିବା ଚାଷ ଜମି ଅନୁଯାୟୀ ଚାଷୀଙ୍କୁ ଟୋକନ ଆସି ନ ଥିବା ଜଣାପଡ଼ିଛି। ଏଭଳି ସମୟରେ ଗତ ୧୧ତାରିଖରୁ ମଣ୍ଡି ଆରମ୍ଭ ହୋଇଥିଲେ ସୁଦ୍ଧା ଏହି ଦିନ ବ୍ୟତୀତ ଅନ୍ୟ ତାରିଖରେ କେତେକ ମଣ୍ଡି ଉଦ୍‌ଘାଟନ ହୋଇଥିବା ଜଣାପଡ଼ିଛି। ମଣ୍ଡିଗୁଡ଼ିକରେ ପ୍ରଶାସନ ଧାନ ବିକ୍ରି କରିବାକୁ ଥିବା ଚାଷୀଙ୍କ ତାଲିକା ଓ ଟୋକନ ଦେଇଥିବା ବେଳେ ଉକ୍ତ ତାଲିକାରେ ରହିଥିବା ଚାଷୀ ଟୋକନ ନେଇ ମଣ୍ଡିଗୁଡ଼ିକରେ ଧାନ ପକାଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ଧାନ ଉଠି ପାରି ନ ଥିବା ଚାଷୀ କହୁଛନ୍ତି। କିନ୍ତୁ ଅନ୍ୟ ଚାଷୀଙ୍କ ଧାନ ଉଠିଥିବା ଅଭିଯୋଗ ହୋଇଛି। ସେମାନଙ୍କ ଧାନ ଲ୍ୟାମ୍ପ ଓ ମିଲର ଓ ନିୟନ୍ତ୍ରିତ ବଜାର କମିଟି ଉଠାଉଥିବା ଚାଷୀ ଅଭିଯୋଗ ଆଣିଛନ୍ତି। ଚଳିତବର୍ଷ କୋଟପାଡ଼ ଅଞ୍ଚଳର ଏସବି ନୂଆଗାଁ, ଡଙ୍ଗରୀ, ଚାନ୍ଦିଲି, ଘୁମର, ଧାମନାହାଣ୍ଡି, ବତାଶନା, ସଡରଙ୍ଗା, କୁସୁମୀ, କୋଟପାଡ଼, ଚିତ୍ରା, ବବେୟା, ଭନସୁଲିରେ ଲ୍ୟାମ୍ପ ଓ ନିୟନ୍ତ୍ରିତ ବଜାର କମିଟି ମିଳିତ ଭାବେ ଧାନ କିଣୁଛନ୍ତି। ଗିର୍ଲାରେ ଲିଙ୍ଗରାଜ ପାଣି ପଞ୍ଚାୟତ ଓ ମୁର୍ଗାହାଣ୍ଡିରେ ଖଡ଼ିଆ ଦେବୀ ପାଣି ପଞ୍ଚାୟତ ଧାନ କିଣୁଛନ୍ତି। ମୁର୍ଗାହାଣ୍ଡିରେ ପ୍ରଥମ ତାଲିକାରେ ପ୍ରକାଶ ପାଇଥିବା ଚାଷୀଙ୍କ ଧାନ କିଣାଯାଇ ନ ଥିବା ଜଣାପଡ଼ିଛି। ବତାଶନା ଅଞ୍ଚଳରେ ସମାନ ଅବସ୍ଥା। ଏହି ମଣ୍ଡିଗୁଡ଼ିକରେ ଥିବା ଡିଇଓମାନେ ମିଲରମାନଙ୍କଠାରୁ ଚିଠି ଆଣିଲେ ଧାନ ଉଠାଯିବ ବୋଲି କହୁଥିବା ଚାଷୀ କହିଛନ୍ତି। ଚାଷୀ ମିଲର ପାଖରୁ ଚିଠି ଆଣିବାକୁ ଥିଲେ ତାହେଲେ ପ୍ରଶାସନ ମଣ୍ଡି କରିବା ଆବଶ୍ୟକ କଣ ବୋଲି ପ୍ରଶ୍ନ କରାଯାଇଛି। ମିଲରଙ୍କ ଷ୍ଟ୍ରାଇକ ଆରମ୍ଭ ହୋଇଥିବା ବେଳେ ମଣ୍ଡିଗୁଡ଼ିକରେ ଧାନ ପଡ଼ି ରହିଛି। ପ୍ରଥମ ପ୍ରକାଶ ପାଇଥିବା ତାଲିକାଏସବି ନୂଆଗାଁ ୫୩, କୋଟପାଡ଼ ୪୯, ଚିତ୍ରା ୧୭, ବୋବେୟା ୮, ଭନସୁଲି ୧୬, କୁସୁମୀର ୫, ସଡରଙ୍ଗ ୩୨, ବତାଶନା ୪୬, ଚାନ୍ଦିଲି ୪୮, ଡଙ୍ଗରୀ ୯ ମୋଟ ୨୮୩ ଚାଷୀଙ୍କ ଟୋକନ ଆଉ ଦିନେ ଦୁଇ ଦିନ ମଧ୍ୟରେ ବୈଦ୍ଧତା ଶେଷ ହୋଇଯିବ ବୋଲି ଲ୍ୟାମ୍ପ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କ ଧାନ କେବେ ବିକ୍ରି ହେବ ପ୍ରଶାସନ କେବେ ତାଲିକା ପ୍ରକାଶ କରିବ ବଲି ଚାଷୀ ମହଲରେ ଆଲୋଚନା ହେଉଛି। ଏହାକୁ ନେଇ ସିଏସ୍‌ଓ ତୁଳାରାମ ନାୟକଙ୍କୁ ଯୋଗାଯୋଗ କରିବାରୁ ମଣ୍ଡି ଦାୟିତ୍ୱ ପରଖିବା ଆମ ଦାୟିତ୍ୱ ନୁହେଁ। ଡିଆରସିଏସ୍ ସହ ଯୋଗାଯୋଗ କରନ୍ତୁ ବୋଲି କହିଥିଲେ। ଡିଆରସିଏସ ମୋନିକା ମିଶ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ ଫୋନ କଲ୍ ଗ୍ରହଣ କରି ନ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ମଣ୍ଡି ଆରମ୍ଭ ହେବା ଦିନରୁ ଶୀତ କାକରରେ ଚାଷୀ ମଣ୍ଡିଗୁଡ଼ିକରେ ଜଗି ରହୁଛନ୍ତି।

# ବର୍ଦ୍ଧିତ ପେନ୍‌ସନ, ମାଗଣା ଚିକିତ୍ସା ଦାବି

**ଇପିଏଫ ପେନସନର୍ସ ଆସୋସିଏଶନର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

କୋରାପୁଟ,୮।୧(ଅମିତାଭ ବେହେରା)

ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏଶନ କୋରାପୁଟ ଜିଲା ଶାଖା ପକ୍ଷରୁ ୪ ଦଫା ବିଭିନ୍ନ ଦାବି ନେଇ କୋରାପୁଟ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୋରାପୁଟ ଜିଲା ସଂଘ ସମ୍ପାଦକ ପ୍ରଦୀପ କୁମାର ମହାନ୍ତିଙ୍କ ପରିଚାଳନାରେ ଏକ ଶୋଭାଯାତ୍ରା କରାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ,ସମସ୍ତ ଇପିଏଫ ପେନସନର୍ସଙ୍କୁ ଚିକିତ୍ସା ଭତ୍ତା ସହ ଆୟୁଷ୍ମାନ ଭାରତ ଯୋଜନାରେ ମାଗଣା ଚିକିତ୍ସା, ସମସ୍ତ ଇପିଏଫ ପେନସନର୍ସ ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବାକୁ ଦାବି କରିଥିଲେ। ଦୀର୍ଘ ୩୦ରୁ ୪୦ ବର୍ଷ ନିଷ୍ଠା ସହ କାମ କରି ବାର୍ଦ୍ଧକ୍ୟ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କୁହାଯାଇଛି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଅଲ ଓଡିଶା ପେନସନର୍ସ ଆସୋସିଏଶନ ସଂଘ ଦାବି କରିଛି। ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ଏହି ସମୟରେ କୋରାପୁଟ ସଂଘ କାର୍ଯ୍ୟକାରୀ ସଭାପତି ଉମାକାନ୍ତ ରଥ, ସଭାପତି ନଳିନୀ ରଥ,ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ୬ ବର୍ଷ ହେବ ଅଧାରେ ଅଟକିଛି ୬୦୦ ମିଟର ରାସ୍ତା

ସୁନାବେଡ଼ା,୮।୧ (କୃତ୍ତିବାସ ପ୍ରଧାନ)



ନିର୍ମାଣାଧୀନ ରାସ୍ତା ।

୨୦୨୧ରେ ପୂର୍ବ ସରକାର ସିୟୋର ପ୍ରୋଜେକ୍ଟ ମାଧ୍ୟମରେ ମୁଖ୍ୟ ରାସ୍ତା ସହ ଉଭୟ ପାର୍ଶ୍ୱରେ ଫେଭର ବ୍ଲକ ପକାଇ ଡ୍ରେନେଜ ନିର୍ମାଣ ପାଇଁ ବ୍ୟାପକ ପ୍ରସ୍ତୁତ କରିଥିଲେ। ସୁନାବେଡା ପୌର ପରିଷଦ ପକ୍ଷରୁ କେତେକ ୱାର୍ଡରେ ଥିବା କିଛି ରାସ୍ତାଗୁଡିକର ନିର୍ମାଣ କାର୍ଯ୍ୟ ମଧ୍ୟ କରାଯାଇଥିଲା। କିନ୍ତୁ ପରିଷଦର ୭ ନମ୍ବର ୱାର୍ଡ ସୁନାବେଡା ହାଉସିଂ ବୋର୍ଡ କଲୋନୀରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏଯାଏ ପୁରା ହୋଇପାରି ନ ଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ ପୂର୍ବରୁ ରାସ୍ତା ଥିଲା ସେଥିରେ ଚଲା ବୁଲା କରିବାରେ ସେମିତି କିଛି ଅସୁବିଧା ନଥିଲା। ପ୍ରଶାସନ ପୁରୁଣା ରାସ୍ତାକୁ ତାଡି ନୂଆ ରାସ୍ତା ନିର୍ମାଣ ଆରମ୍ଭ କଲା। ହେଲେ ରାସ୍ତାକାମ ଶେଷ ହେବା ଦୂର କଥା ରାସ୍ତା ଉପରେ କେବଳ ଗୋଡି ଓ ଡଷ୍ଟ ପକାଇ ଛାଡି ଦେଲା। ଫଳରେ ଦୀର୍ଘ ଦିନ ହେବ ଯିବା ଆସିବାରେ ହଇରାଣ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଏ ନେଇ ବାରମ୍ବାର ପୌର ପ୍ରଶାସନକୁ ଅବଗତ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। ଜିଲା ତଥା ପୌର ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ପୌର ପରିଷଦ କନିଷ୍ଠ ଯନ୍ତ୍ରୀ ଅରୁଣ ନାୟକଙ୍କୁ ପଚାରିବାରୁ ପୂର୍ବ ସରକାର ସମୟରେ ସେହି କାମ ଆସିଥିଲା। ସେଥିରୁ ପ୍ରାୟ କାମ ସରିଛି। କିନ୍ତୁ ପରେ ଫଣ୍ଡ ଅଭାବରୁ କାମ ବନ୍ଦ ରହିଥିଲା। ବର୍ତ୍ତମାନ ପୁଣି ବିଲ ହୋଇସାରିଛି, ଖୁବ ଶୀଘ୍ର କାମ ଶେଷ କରାଯିବ ବୋଲି ସେ କହିଛନ୍ତି।

# ଅଣ୍ଡା ଦର ବୃଦ୍ଧି ଯୋଗୁ ପୋଷଣ କାର୍ଯ୍ୟକ୍ରମ ପ୍ରଭାବିତ

**ଅଟକଳ ୭ ଟଙ୍କା ବଜାର ଦର ୮ ଟଙ୍କା**

ନନ୍ଦପୁର,୮।୧(ତୁଷାର କାନ୍ତ ମହାନ୍ତି)



କୋରାପୁଟ ଜିଲା ଓ ନନ୍ଦପୁର ବ୍ଲକ୍‌ରେ ଅଣ୍ଡା ଉତ୍ପାଦନ ଶୂନ ଥିବା ବେଳେ ବଜାରରେ ଅଣ୍ଡା ଦର ଆକାଶଛୁଆଁ ହେଉଛି। ବର୍ଦ୍ଧିତ ଅଣ୍ଡା ଦର ଅଙ୍ଗନୱାଡି କେନ୍ଦ୍ର, ସ୍କୁଲରେ ମଧ୍ୟାହ୍ନ ଭୋଜନ, ମଙ୍ଗଳ ବିଭାଗ ପରିଚାଳିତ ଶିକ୍ଷାନୁଷ୍ଠାନ ଓ ଆବାସିକ ବିଦ୍ୟାଳୟରେ ପୋଷଣ କାର୍ଯ୍ୟକ୍ରମକୁ ପ୍ରଭାବିତ କରୁଛି। ଆନ୍ଧ୍ର ଓ ଛତିଶଗଡ଼ରୁ ଆମଦାନୀ ଅଣ୍ଡା ଦର ଆକାଶଛୁଆଁ ହୋଇଛି। ସରକାରୀ ସ୍ତରରେ ପୋଷଣ କାର୍ଯ୍ୟକ୍ରମ ପାଇଁ ଅଣ୍ଡା ଦର ୭ ଟଙ୍କାର ଅଟକଳ ରହିଛି। ବଜାର ଦର ୮ ଟଙ୍କାରୁ ଉର୍ଦ୍ଧ୍ୱ ରହିଛି। ଏହାକୁ ନେଇ ୩ ବିଭାଗର କର୍ମକର୍ତ୍ତା ଅସୁବିଧାରେ ପଡୁଥିବା କହିଛନ୍ତି। ଅଣ୍ଡାର ବଜାର ଦରକୁ ନିୟନ୍ତ୍ରଣ କରିବା ଓ ବଜାର ଦର ସମତୁଲ ଅଟକଳ ଦର ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି।

ନନ୍ଦପୁର ବ୍ଲକରେ ୨୪୦ ଅଙ୍ଗନୱାଡି କେନ୍ଦ୍ର ସମେତ ଜିଲାର ୩୩୯୭ ଅଙ୍ଗନୱାଡି କେନ୍ଦ୍ରରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ୦ରୁ ୬ ବର୍ଷର ଶିଶୁ, ୮ ହଜାରରୁ ଉର୍ଦ୍ଧ୍ୱ ଗର୍ଭବତୀ, ପ୍ରସୂତି ୨୫ ହଜାରରୁ ଉର୍ଦ୍ଧ୍ୱ କିଶୋରୀଙ୍କୁ ସପ୍ତାହର ମଙ୍ଗଳ, ବୁଧ, ଶୁକ୍ର ଓ ଶନିବାର ପୋଷଣ କାର୍ଯ୍ୟକ୍ରମରେ ଅଣ୍ଡା ଦିଆଯାଉଥିବା ଜିଲା ମଙ୍ଗଳ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକର ୧୮୮ ବିଦ୍ୟାଳୟରେ ୧୪୧୬୮ ଛାତ୍ରୀଛାତ୍ର ଓ ଜିଲାର ମୋଟ ୨୨୮୧ ପ୍ରଥମରୁ ଅଷ୍ଟମ ଓ ୨୭୮ ଉଚ୍ଚ ବିଦ୍ୟାଳୟରେ ୨୩୬୯୨୬ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଯୋଜନାରେ ସୋମବାର, ବୁଧବାର ଓ ଶୁକ୍ରବାର ପୋଷଣ ଖାଦ୍ୟ ଭାବେ ଅଣ୍ଡା ଦିଆଯାଉଛି। ମଙ୍ଗଳ ବିଭାଗ ପକ୍ଷରୁ ଜିଲାର ଆବାସିକ ବିଦ୍ୟାଳୟ ଓ ହଷ୍ଟେଲର ୩୯ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ମାସିକ ୧୦ ଦିନ ଖାଦ୍ୟରେ ଅଣ୍ଡା ଦିଆଯାଉଥିବା ସୂଚନା ମିଳିଛି। କିନ୍ତୁ ସମସ୍ତ ବିଭାଗର ଅଟକଳ ଅଣ୍ଡା ପିଛା ୭ ଟଙ୍କା ଓ ବଜାର ଦର ୮ ଟଙ୍କା ଥିବାରୁ କର୍ତ୍ତୃପକ୍ଷ ଅସୁବିଧାରେ ପଡ଼ି ଯାଉଛନ୍ତି। ଏଥିପ୍ରତି ୩ ବିଭାଗର ରାଜ୍ୟସ୍ତରୀୟ ଅଧିକାରୀ ବିଚାର କରିବାକୁ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି। ଜିଲାରେ ପ୍ରାଣୀ ସମ୍ପଦ ବିଭାଗ, ଏକାଧିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମିଶନ ଶକ୍ତି ବିଭାଗ, ଓଡ଼ିଶା ଜୀବିକା ମିଶନ ବିଭାଗ ଜରିଆରେ ଅଣ୍ଡା ଦିଆ କୁକୁଡ଼ା ଫାର୍ମ ପ୍ରତିଷ୍ଠା କରିବାକୁ ବାର୍ଷିକ ଶତାଧିକ ମହିଳା, ପୁରୁଷ ଗୋଷ୍ଠୀଙ୍କୁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଋଣ ଏବଂ ରିହାତି ପ୍ରଦାନ କରୁଥିଲେ ସୁଦ୍ଧା ସଫଳତା ପାଉ ନ ଥିବାରୁ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ଜଳବାୟୁ ଓ ଚାଷୀଙ୍କ ଅଜ୍ଞତା ଅଣ୍ଡା ଉତ୍ପାଦନ କେନ୍ଦ୍ରକୁ ଅସଫଳ କରୁଥିବା କହିଛନ୍ତି।

## ନୂତନ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟରେ ଯୋଗଦାନ

ନନ୍ଦପୁର, ୮।୧(ତୁଷାର କାନ୍ତ ମହାନ୍ତି)



କୋରାପୁଟ ଜିଲା ନନ୍ଦପୁର ବ୍ଲକ୍‌ର ନୂତନ ଯୋଗାଣ ନିରୀକ୍ଷକଭାବେ ବୁଧବାର ବଳରାମ ଜେନା କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କୁ ଭେଟି ଜଏନିଂ ରିପୋର୍ଟ ପ୍ରଦାନ କରିଥିଲେ। ପୂର୍ବ ନିରୀକ୍ଷକ ଜନ୍‌ସନ ବୁରୁ ଜେନାଙ୍କୁ ନନ୍ଦପୁର ବ୍ଲକ୍‌ରେ ଯୋଗାଣ ବିଭାଗର ସ୍ଥିତି ସମ୍ପର୍କରେ ଅବଗତ କରିଥିଲେ। ବ୍ଲକ୍‌ର ୨୩ ପଞ୍ଚାୟତର ଲୋକପ୍ରତିନିଧି, ସମସ୍ତ ଡିଲରଙ୍କ ସହ ମିଶି ରାଶନ କାର୍ଡ ହିତାଧିକାରୀଙ୍କ ସମସ୍ତ ସମସ୍ୟା ଦୂରକରିବାକୁ ଚେଷ୍ଟା କରିବେ ବୋଲି ଜେନା ସୂଚନା ଦେଇଛନ୍ତି। ସୂଚନା ଥାଉକି ଜିଲାପାଳଙ୍କ ଯୋଗାଣ ବିଭାଗ ସେକ୍ସନ ପତ୍ର ସଂଖ୍ୟା ୦୩/ ଭିଆଇ ୪୬/୨୦୨୫ ତା ୫।୧୨।୨୦୨୫ ପ୍ରକାରେ ନନ୍ଦପୁର ଯୋଗାଣ ନିରୀକ୍ଷକ ଜନ୍‌ସନ ବୁରୁଙ୍କୁ ଦଶମନ୍ତପୁର ଓ ଦଶମନ୍ତପୁର ଯୋଗାଣ ନିରୀକ୍ଷକ ବଳରାମ ଜେନାଙ୍କୁ ନନ୍ଦପୁର ବ୍ଲକ୍‌କୁ ବଦଳି ନିର୍ଦ୍ଦେଶ ଦିଆଯାଇଥିଲା।

# ୪୦ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ତାଲିମଦାତା ଓ ତାଲିମାର୍ଥୀମାନେ।

**ଛତୁ ଚାଷ, ଔଷଧୀୟ ହଳଦୀ ସାବୁନ ପ୍ରସ୍ତୁତ ନେଇ ପ୍ରଶିକ୍ଷଣ**

କୋରାପୁଟ,୮।୧(ଅମିତାଭ ବେହେରା)

କୋରାପୁଟ ଏକତା ଅନୁଷ୍ଠାନରେ ଥିବା ମାନସିକ ଅସୁସ୍ଥତା ଓ ସେମାନଙ୍କ ଯତ୍ନକାରୀମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ କୋଟସ ସଭାଗୃହରେ ଏକ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ, ଜୟପୁର, ଦଶମନ୍ତପୁର ଓ ବୋରିଗୁମ୍ମା ୪ ବ୍ଲକର ମାନସିକ ଅସୁସ୍ଥ ମୋଟ ୪୦ ମହିଳାଙ୍କୁ ଛତୁ ଚାଷ ନେଇ ପ୍ରଶିକ୍ଷଣ ଦିଆଯାଇଛି। ଛତୁ ଚାଷ ପ୍ରସ୍ତୁତି ଓ ଏହାର ବ୍ୟବସାୟ କରାଯିବା ସହ ଔଷଧୀୟ ହଳଦୀ ସାବୁନ ପ୍ରସ୍ତୁତ କରି ବ୍ୟବସାୟ କରିବା ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଶିବିରରେ ତାଲିମଦାତା ଭାବେ କୈଳାସ ମାଛ ପ୍ରଶିକ୍ଷଣ ଦେଇଥିଲେ। ଜିଲା ପ୍ରକଳ୍ପ ସଂଯୋଜକ ପ୍ରଭାତ ପାଇକରାୟ ଶିବିର ପରିଚାଳନା କରିଥିଲେ।

## ୧୪ ଏକର ଜମିରୁ ଗଞ୍ଜେଇ ନଷ୍ଟ

ବୈପାରିଗୁଡା,୮।୧(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଧୀନ ମାଝିଗୁଡ଼ା ପଞ୍ଚାୟତ ଗଡ଼ାବେଡ଼ା ଓ ଗଡ଼ିଆଯୋଡ଼ି ନିକଟରେ ପୋଲିସ୍ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଗୁରୁବାର ଚଢ଼ାଉ କରାଯାଇଛି। ୧୪ ଏକର ଜଙ୍ଗଲ ଜମିରେ ଚାଷ ହୋଇଥିବା ଗଞ୍ଜେଇ ଫସଲ ନଷ୍ଟ କରାଯାଇଛି। ଏହି ସମୟରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ସ୍ଥାନୀୟ ଅତିରିକ୍ତ ତହସିଲଦାର, ପୋଲିସ, ବନ ବିଭାଗ ଓ ଅବକାରୀ ବିଭାଗର କର୍ମଚାରୀ ସାମିଲ୍ ହୋଇଥିଲେ।

# ମିଲର ଆନ୍ଦୋଳନରୁ ଓହରିବା ପରେ ଧାନକିଣା ସ୍ୱାଭାବିକ

ଜୟପୁର,୮।୧(ପବନ ପାଣିଗ୍ରାହୀ)

ମିଲର୍ସମାନେ ଆନ୍ଦୋଳନରୁ ଓହରିବା ପରେ କୋରାପୁଟ ଜିଲା ଜୟପୁର ଉପଖଣ୍ଡରେ ଧାନ କିଣା ଗୁରୁବାର ସ୍ୱାଭାବିକ ହୋଇଛି। ବର୍ତ୍ତମାନ ସୁଦ୍ଧା ଜିଲାର ୧୦ ହଜାର ୩୧୮ ଚାଷୀଙ୍କଠାରୁ ୫ ଲକ୍ଷ ୧୨ ହଜାର ୬୧୯ କୁଇଣ୍ଟାଲ ଧାନ କିଣାଯାଇଛି। ବିଭିନ୍ନ ଦାବି ନେଇ ଆନ୍ଦୋଳନ କରାଯାଇଥିଲା। ମିଲରେ ଧାନ ରକ୍ଷଣାବେକ୍ଷଣ ବାବଦ ଅର୍ଥ ଦେବାକୁ ସରକାର ରାଜି ହୋଇଛନ୍ତି। ବଳକା ଦାବି ୧୫ ଦିନ ମଧ୍ୟରେ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ମଣ୍ଡିରୁ ଧାନ ଉଠାଯାଇଛି। ଗୁରୁବାର ଥିବାରୁ ଚାଷୀମାନେ ମଣ୍ଡିକୁ ଧାନ ଆଣିନଥିଲେ। ବିଭିନ୍ନ ଦାବି ନେଇ ରାଜ୍ୟ ମିଲର୍ସ ଆସୋସିଏଶନର ନିଷ୍ପତ୍ତିକୁ ସମର୍ଥନ କରି ଆନ୍ଦୋଳନକୁ ଓହ୍ଲାଇଥିଲା। ଦୁଇଦିନ ହେବ ଜିଲାରେ ଧାନକିଣା ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ମଣ୍ଡିକୁ ଧାନ ଆଣି ଚାଷୀ ହଇରାଣ ହୋଇଥିଲେ। ଡିସେମ୍ବର ୧୧ରୁ ଧାନ ବିକ୍ରି କରିବାକୁ ଟୋକନ ପାଇଥିବା ଚାଷୀ ଚିନ୍ତାରେ ପଡିଯାଇଥିଲେ।

# ବୋମା ଆତଙ୍କ: କୋର୍ଟ ପରିସରରେ ବୋମାସ୍କ୍ୱାର୍ଡର ଯାଞ୍ଚ

ଜୟପୁର,୮।୧(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା କୋର୍ଟରେ ବୋମା ସ୍କ୍ୱାର୍ଡ ପକ୍ଷରୁ ଯାଞ୍ଚ କରାଯାଇଛି। ରାଜ୍ୟର ସମ୍ବଲପୁର,କଟକ ଓ ଦେବଗଡ ଜିଲା କୋର୍ଟକୁ ବୋମାରେ ଉଡାଇ ଦେବାକୁ ଇମେଲ ମାଧ୍ୟମରେ ଧମକ ଆସିବା ପରେ ଜୟପୁର କୋର୍ଟରେ ମଧ୍ୟ ଯାଞ୍ଚ କରାଯାଇଛି। ଜିଲା ଜର୍ଜ କୋର୍ଟ ପରିସରରେ ଥିବା ସମସ୍ତ ଓକିଲ, ମହକିଲମାନଙ୍କୁ କୋର୍ଟ ପରିସର ଖାଲି କରି ୧ ଘଣ୍ଟା ବାହାରେ ରହିବାକୁ କହି ବୋମା ସ୍କ୍ୱାର୍ଡ କୁକୁର ସହ ପୋଲିସ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଓ ଅନୁସନ୍ଧାନକାରୀ ଦଳ, ବୋମା ସ୍କ୍ୱାର୍ଡ ଟିମ କୋର୍ଟରେ ତଦନ୍ତ କରିଥିଲେ। କୌଣସି ସନ୍ଦେହଜନକ ସାମଗ୍ରୀ ମିଳି ନ ଥିବା ଟାଉନ ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# ସରିଲା ଜନଜାତି ମହୋତ୍ସବ ପୁଷ୍‌ପୁନି ଭେଟଘାଟ

କୁନ୍ଦୁରା,୮।୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ସଂସ୍କୃତି, ପରମ୍ପରାର ଜନଜାତି ମହୋତ୍ସବ ପୁଷ୍‌ପୁନି ଭେଟଘାଟ ସରିଛି। ଆଦିବାସୀମାନଙ୍କ ରୀତିନୀତି, ବେଶଭୂଷା, ଖାଦ୍ୟପେୟ, ସଂସ୍କୃତି ଓ ଚାଲିଚଳନକୁ ଜୀବନ୍ତ ରଖିବା ଉଦ୍ଦେଶ୍ୟରେ ଉତ୍ସବ ପାଳିତ ହୋଇଛି। ବିଭିନ୍ନ ଅଞ୍ଚଳର ପୂଜକ, ଗୁରୁମାଇ, ଦୀଶାରି, ଶିରାମାନଙ୍କୁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ମୁଦ୍ରା ମାଝୀ, ବଂଶୀବଦାନ, ଟିଂଯୋଡି, ଢେମସା, ଗରଣ୍ଡୀ ନୃତ୍ୟ, ଦଣ୍ଡହାଳିଆ, ଚଇତ ପରବ ଗୀତ, ଗୀତ ମରା, ରାମ ଜନ୍ମ, ଟୁଡରା, ପୁଷ ନୃତ୍ୟ ଆଦି ନୃତ୍ୟ ପରିବେଷଣ କରାଯାଇଥିଲା। ବ୍ଲକ୍‌ର ମହିଳା ଓ ପୁରୁଷମାନେ ପରମ୍ପରା ମୁତାବକ ଶହୀଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ପଡିଆରେ ବୁଢ଼ୀ ଠାକୁରାଣୀ ମନ୍ଦିରରେ ରୀତିନୀତି ଅନୁସାରେ ପୂଜାପାଠ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକକର୍ମୀ ସଞ୍ଜୟ ସାହୁ, କଷ୍ଟ ଶିଳ୍ପୀ ଶୁକଦେବ ବାରିକ, ଲିମା ଉଚ୍ଚ ବିଦ୍ୟାଳୟର ମାଟ୍ରିକ ଟପ୍ପର ସ୍ନେହସ୍ମିତା ଚୌଧୁରୀ, ଚେରମୁଳି ବୈଦ୍ୟ ଦୁଡ଼ାବେଢ଼ା ଗ୍ରାମର ଜୟ ସାନ୍ତାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ପୁଷ୍‌ପୁନି ମହୋତ୍ସବ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ବନିତା କାନ୍ଦଲିଆ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ, ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, କୁନ୍ଦୁରା ମଣ୍ଡଳ ସଭାପତି ପଦ୍ମନ ବିଷୋୟୀ, ଦିଗାପୁର ମଣ୍ଡଳ ସଭାପତି ଧନପତି ପରଜା,ଉପଦେଷ୍ଟା ଚନ୍ଦ୍ର ସାଗରିଆ,ସଂଘ ସମ୍ପାଦକ ତ୍ରିନାଥ ସମରଥ, ପରାମର୍ଶଦାତା ତ୍ରିନାଥ ହରିଜନ ଓ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ମାଟ୍ରିକ ଟପ୍ପର ସ୍ନେହସ୍ମିତାଙ୍କ ସମସ୍ତ ପାଠ ପଢା ଖର୍ଚ୍ଚ ବହନ କରିବେ ବୋଲି ବିଧାୟକ ଘୋଷଣା କରିଛନ୍ତି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କଳାକାରମାନେ।

# କାର୍ଯ୍ୟରେ ଅବହେଳା: ୩ କର୍ମଚାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

ଜୟପୁର,୮।୧(ପବନ ପାଣିଗ୍ରାହୀ)




ଜୟପୁର ବସ୍‌ଷ୍ଟାଣ୍ଡ।

ଜୟପୁରର ଆଞ୍ଚଳିକ ପରିବହନ ବିଭାଗର ୩ କର୍ମଚାରୀଙ୍କୁ କାର୍ଯ୍ୟରେ ଅବହେଳା ଯୋଗୁ ରାଜ୍ୟ ସଡ଼କ ପରିବହନ ନିଗମ ଏମ୍‌ଡି କାର୍ଯ୍ୟରୁ ଅନ୍ତର କରିବା ସହ ପୁନଃ କାର୍ଯ୍ୟରେ ଯୋଗଦେବା ଯାଏ ଦରମା ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି। ୩ କର୍ମଚାରୀ କାର୍ଯ୍ୟରେ ଅବହେଳା ଅଭିଯୋଗ ପାଇବା ପରେ ବିଭାଗୀୟ ତଦନ୍ତ କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ଜୟପୁର ଡିପୋର ଜିଲା ପରିଚାଳକ ଈଶ୍ୱର ମହାପାତ୍ର, ଅତିରିକ୍ତ ପରିଚାଳକ ଜ୍ୟୋତି ପ୍ରକାଶ ବେହେରା, ସୁନ୍ଦରଗଡ଼ ଅତିରିକ୍ତ ପରିଚାଳକ ପ୍ରୀତିଶ କୁମାର ନାୟକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଈଶ୍ୱରଙ୍କ ସ୍ଥାନରେ ଆରୋଶ୍ରୀ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ଈଶ୍ୱର ଡ୍ୟୁଟିରେ ଥିବା ସମୟରେ ମଦ୍ୟପାନ କରିବା ସହ ଯାତ୍ରୀ ଓ କର୍ମଚାରୀଙ୍କ ସହ ଦୁର୍ବ୍ୟବହାର କରୁଥିଲେ। ବସର କଣ୍ଡକ୍ଟର ଓ ଡ୍ରାଇଭରମାନେ ଅଭିଯୋଗ କଲେ ମଧ୍ୟ ସେମାନଙ୍କ କଥାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। କେବଳ ଜିଲା ପରିଚାଳକ ନୁହେ ସହାୟକ ପରିଚାଳକ ମଧ୍ୟ ଏଭଳିବ୍ୟବହାର କରୁଥିଲେ। ଏ ନେଇ ଅଭିଯୋଗ ହେବା ପରେ ପରିବହନ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ସରକାର ବସ ଟର୍ମିନାଲ ଓ ବସଷ୍ଟାଣ୍ଡର ଉନ୍ନତିକରଣ କରିଥିଲେ ସୁଦ୍ଧା ଅଧିକାରୀମାନେ ମନମାନିରେ ଚଲାଉଥିଲେ। ଏହି ଅଧିକାରୀମାନଙ୍କ ଅନେକ ସମୟରେ କ୍ଷତି ସହିବାକୁ ପଡୁଥିଲା। ଏହି ଡିପୋରୁ ସମସ୍ତ ରୁଟରେ ଶତାଧିକ ବସ ଯାତାୟତ କରୁଥିବା ବେଳେ ବର୍ତ୍ତମାନ ୪୦ରୁ ୫୦ଟି ବସ ଯାତାୟତ କରୁଛି। ଅନେକ ବସ ଖତ ଖାଉଛି। ୨ ଅଧିକାରୀ ଘରୋଇ ବସ ସଂସ୍ଥା ସହ ଜଡିତ ଥିବା ମଧ୍ୟ ଜଣାପଡିଥିଲା। ଗତ ୨୨ ତାରିଖରେ ରାଜ୍ୟ ପରିବହନ ନିଗମର ବିଜୟନଗର ଡିପୋର ଅସ୍ଥାୟୀ ଠିକା ବସ କଣ୍ଡକ୍ଟରଙ୍କୁ ଜୟପୁର ଡିପୋର ସହକାରୀ ମ୍ୟାନେଜର ମାଡ ମାରିବା ସହ ୫ହଜାର ଟଙ୍କା ଲାଞ୍ଚ ମାଗିବା ଓ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମିଥ୍ୟା ଅଭିଯୋଗ କରି ଚାକିରିରୁ ବହିଷ୍କାର କରିବା ନେଇ ଧମକ ଦେଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ବହୁ ବିଳମ୍ବରେ ବିଭାଗୀୟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାରୁ ଏହାକୁ ସ୍ୱାଗତ କରାଯାଇଛି।

# ଥାଇଲାଣ୍ଡ ଫେରନ୍ତାଙ୍କଠୁ ସୁନା, ହୀରା ଅଳଙ୍କାର ଲୁଟ୍

## ଓଲା କ୍ୟାବ୍ ଡ୍ରାଇଭର ଗିରଫ

ଭୁବନେଶ୍ୱର,୮।୧(ସତ୍ୟଜିତ ରାଉତ)

ଜଣେ ଥାଇଲାଣ୍ଡ ଫେରନ୍ତାଙ୍କଠାରୁ ସୁନା ହାର, ହୀରା ଅଳଙ୍କାର ସମେତ ୨୦ ଲକ୍ଷ ଟଙ୍କାର ସମ୍ପତ୍ତି ଲୁଟ୍ କରିବା ଜଣେ ଓଲା କ୍ୟାବ୍ ଡ୍ରାଇଭରଙ୍କ ପାଇଁ ମହଙ୍ଗା ହୋଇଛି। ଏନେଇ ଅଭିଯୋଗ ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁଆଁପାଳ ଗ୍ରାମର ନାଗେଶ୍ୱର ପ୍ରମାଣିକ। ତାଙ୍କଠାରୁ କାର୍ (ଓଡି୦୫ବିଜେ୨୪୧୦) ସହ ସୁନା ଚେନ୍, ସୁନା ବ୍ରେସଲେଟ୍, ୩ଟି ସୁନା ମୁଦି, ନଗଦ ୧ ଲକ୍ଷ ଟଙ୍କା, ପ୍ରାୟ ୫୦ ହଜାର ଟଙ୍କାର ଥାଇ ଭାଟ୍ ମୁଦ୍ରା, ୬ଟି ପାସ୍‌ପୋର୍ଟ, ୧୦ରୁ ୧୨ଟି କ୍ରେଡିଟ୍ ଓ ଡେବିଟ୍ କାର୍ଡ ଥିବା ପର୍ସ, ହୀରା କାନଫୁଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ନାଗେଶ୍ୱରଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନାଗେଶ୍ୱରଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ୪ଟି ମାମଲା ରହିଛି।

ଅଭିଯୋଗକାରୀ ତଥା ଚୋରିର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ କଟକର ଅମନ କୁମାର ଅଗ୍ରୱାଲ। ସେ କିଛିଦିନ ତଳେ ଥାଇଲାଣ୍ଡ ବୁଲିବାକୁ ଯାଇଥିଲେ। ବୁଧବାର ରାତିରେ ସେ ଭୁବନେଶ୍ୱର ଏୟାରପୋର୍ଟରେ ଓହ୍ଲାଇ ରାତି ପ୍ରାୟ ୧୦ଟା ବେଳେ କଟକ ସିଡିଏ ସେକ୍ଟର-୯ସ୍ଥିତ ଘରକୁ ଯିବା ପାଇଁ ଓଲା କ୍ୟାବ ବୁକ୍ କରିଥିଲେ। ନାଗେଶ୍ୱର ବୁକିଂ ରିସିଭ୍ କରିବା ପରେ ଏୟାରପୋର୍ଟରୁ ଅମନଙ୍କୁ ନେଇ ନନ୍ଦନକାନନ ରୋଡ୍ ହୋଇ କଟକ ସିଡିଏ ଅଭିମୁଖେ ଯିବାକୁ ବାହାରିଥିଲେ। ହେଲେ ନାଗେଶ୍ୱର ନିଶାସକ୍ତ ଅବସ୍ଥାରେ ବେପରୁଆ ଭାବେ କାର୍ ଚଳାଇଥିଲେ। ଅମନଙ୍କ ଲଗେଜରେ ସୁନା ଓ ହୀରା ଅଳଙ୍କାର ସମେତ ନଗଦ ଟଙ୍କା ଥିବା ନାଗେଶ୍ୱର ଜାଣିପାରି ତାହାକୁ ଚୋରି କରିନେବାକୁ ଯୋଜନା କରିଥିଲେ। ଯୋଜନା ଅନୁଯାୟୀ ଚନ୍ଦ୍ରଶେଖରପୁର ଇଣ୍ଡିଆନ ଅଏଲ୍ ପେଟ୍ରୋଲ ପମ୍ପରେ ସମ୍ମୁଖରେ କାର୍ ଅଟକାଇଥିଲେ। ଗାଡିରେ ସିଏନ୍‌ଜି ପକାଇବାକୁ କହି ଅମନଙ୍କୁ ଓହ୍ଲାଇବାକୁ କହିଥିଲେ। ଅମନ କାର୍‌ରୁ ଓହ୍ଲାଇବା ମାତ୍ରେ ନାଗେଶ୍ୱର କାର୍‌କୁ ଦ୍ରୁତଗତିରେ ଚଳାଇ ଫେରାର ହୋଇଯାଇଥିଲେ। ଏନେଇ ଅମନଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୧୪/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଇନ୍ସପେକ୍ଟର ଚନ୍ଦ୍ରକାନ୍ତ ସେଠୀଙ୍କ ନେତୃତ୍ୱରେ ଟିମ୍ ତଦନ୍ତ କରି ୮ ଘଣ୍ଟା ଭିତରେ ନାଗେଶ୍ୱରଙ୍କୁ ଗିରଫ କରିଥିଲା। ତେବେ ଓଲା ଅପରାଧ ପୃଷ୍ଠଭୂମି ଯାଞ୍ଚ ନ କରି ନାଗେଶ୍ୱରଙ୍କୁ ନିଯୁକ୍ତି ଦେଇଥିବାରୁ ପ୍ରଶ୍ନ ଉଠିଛି। ଏନେଇ ତଦନ୍ତ କରାଯିବ ବୋଲି ଜୋନ୍-୬ ଏସିପି ସୋନାଲି ପରମାର କହିଛନ୍ତି।





ଜବତ ସାମଗ୍ରୀ ଏବଂ ଟଙ୍କା।

# ଗଞ୍ଜେଇ ଚୋରାଚାଲାଣକାରୀଙ୍କ ସମ୍ପତ୍ତି ଜବତ

- ପୋଲିସ ସ୍କାନରରେ ଏକାଧିକ ଗଞ୍ଜେଇ ବ୍ୟବସାୟୀ
- ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଦେଇଛି ନିର୍ଦ୍ଦେଶ
- ଜୁନ ୪ରେ ଚଢ଼ାଉ ବେଳେ ମାଷ୍ଟରମାଇଣ୍ଡଙ୍କ ସହ ୩ ହୋଇଥିଲେ ଗିରଫ

ଫୁଲବାଣୀ, ୮।୧(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାର ଆଶିଷ କୁମାର ଦିଗାଲ ନାମକ ବ୍ୟକ୍ତି ବେଆଇନ ଗଞ୍ଜେଇ ଚାଲାଣ କାରବାର କରି ବିପୁଳ ଅର୍ଥ ଠୁଳକରିବା ତାଙ୍କ ପାଇଁ ମହଙ୍ଗା ପଡିଛି । କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ନିର୍ଦ୍ଦେଶରେ ଆଶିଷଙ୍କ ସମ୍ପତ୍ତି ଜବତ ହୋଇଛି। ତାଙ୍କ ୫ଜଣ ସମ୍ପର୍କୀୟ ସମ୍ପତ୍ତି ମଧ୍ୟ ଜବତ ହୋଇଛି। ଏବେ ଅନ୍ୟମାନେ ପୋଲିସ ସ୍କାନରରେ ଅଛନ୍ତି। ଆଶିଷ ଓ ତାଙ୍କ ସମ୍ପର୍କୀୟଙ୍କ ଠାରୁ ପାଖାପାଖି ୫କୋଟିର ସମ୍ପତ୍ତି ଜବତ ହୋଇଛି। ସେମାନଙ୍କ ଏକାଧିକ ଆକାଉଣ୍ଟ ଫୁଲବାଣୀ ସଦର ପୋଲିସ ଅଚଳ କରିଛି। ଏହା ଜଣାପଡ଼ିବା ପରେ ଏବେ ଜିଲାର ଅନ୍ୟ ଗଞ୍ଜେଇ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି। ବର୍ତ୍ତମାନ ଅନେକ ଗଞ୍ଜେଇ ବ୍ୟବସାୟୀ ପୋଲିସ ସ୍କାନରରେ ମଧ୍ୟ ଅଛନ୍ତି।

ଫୁଲବାଣୀ ସଦର ଥାନା ପୋଲିସ ଗତ ଜୁନ ୪ରେ ଧୋବଣିଖୋଲ ପାଖରେ ଏକ ଟ୍ରକ୍ (ଓଡି ୦୨ ବିଡବ୍ଲ୍ୟୁ-୦୭୨୦) ଉପରେ ଚଢ଼ାଉ କରି ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ (୫୧୬ କେଜି) ଗଞ୍ଜେଇ ଜବତ କରିଥିଲା । ଏହି ଘଟଣାରେ ମିଥୁନ ନାୟକ ଏବଂ ଜ୍ୟୋତି ଜ୍ୟୋତିଷ ବେହେରାଙ୍କୁ ସେତେବେଳେ ଗିରଫ କରାଯାଇଥିଲା । ଗଞ୍ଜେଇ କାରବାର ପଛରେ ଖଜୁରିପଡ଼ା ବ୍ଲକ ତିଲକପଡ଼ାର ଆଶିଷ ମାଷ୍ଟର ମାଇଣ୍ଡ ବୋଲି ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ ଆଶିଷଙ୍କ ସମ୍ପର୍କୀୟ ରାନୁ ଦିଗାଲ, ପ୍ରମୋଦ ଦିଗାଲ, ସୁଦେସନ ଦିଗାଲ, ଶାନ୍ତନୁ ସାହୁଙ୍କ ନାମରେ ବହୁ ବେଆଇନ ସମ୍ପତ୍ତି ଥିବା ପୋଲିସ ଜାଣିବାକୁ ପାଇ ସେସବୁ ଜବତ କରିଥିଲା। ଗତ ଡିସେମ୍ବର ୧୪ ତାରିଖରେ ୬ଟି ଆକାଉଣ୍ଟ, ୭ଟି ବେଆଇନ ଘର ଏବଂ ଜମି, ଏକାଧିକ କାର, ବାଇକ୍, ସୁନା ରୁପା, ଘର ଆସବାବପତ୍ର, ଏକ ହୋଟେଲକୁ ପୋଲିସ କରି ସିଲ୍ କରିଥିଲା । ଏହାର ହାରାହାରି ମୂଲ୍ୟ ୪ କୋଟି ୫୯ ଲକ୍ଷ ୩୯ ହଜାର ୧୧୧ଟଙ୍କା ହେବ। ଏ ସମ୍ପର୍କିତ ସମସ୍ତ ତଥ୍ୟ ପୋଲିସ କୋଲ୍‌କାତାସ୍ଥିତ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗକୁ ପ୍ରଦାନ କରିଥିଲା। ସବୁ ତଥ୍ୟ ଅନୁଧ୍ୟାନକରି ବିଭାଗ ସମ୍ପତ୍ତି ଠାବ କରି ଜବତ କରିବାକୁ ଫୁଲବାଣୀ ସଦର ପୋଲିସକୁ ନିର୍ଦ୍ଦେଶ ଦେଇଥିଲା ।

ସେହି ଅନୁସାରେ ପୋଲିସ ୭ଟି ଆକାଉଣ୍ଟ ଅଚଳ କରିଛି । ଏଥିରେ ୨ ଲକ୍ଷ ୨୦ ହଜାର ୯୪୬ ଟଙ୍କା ରହିଛି । ୩ କୋଟି ୪୮ ଲକ୍ଷ ୨୯ ହଜାର ୬୪୩ ଟଙ୍କାର ୭ଟି ବେଆଇନ ଘର ଏବଂ ଜମି, ୫୭ ଲକ୍ଷ ୪୮ ହଜାର ୮୯୩ ଟଙ୍କାର ଗାଡି ଏବଂ ୫୧ ଲକ୍ଷ ୩୯ ହଜାର ୬୨୯ ଟଙ୍କାର ସୁନା, ରୁପା ରହିଛି ।

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ

## ୬ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ

ବଇଣ୍ଡା, ୮।୧ (ପରିକ୍ଷିତ ସାହୁ)/ ମାଧପୁର (ମନୋଜ ପ୍ରଧାନ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଟୁସର ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ଦାସ ଗୁରୁବାର ୬ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଅନୁଗୋଳ ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ତାଙ୍କୁ କିଆକଟା ରାଜସ୍ୱ କାର୍ଯ୍ୟାଳୟ ରେଷ୍ଟ ରୁମ୍‌ରୁ ଗିରଫ କରିଛି। ଏଥିସହ ଲାଞ୍ଚ ନେଇଥିବା ୬ ହଜାର ଟଙ୍କା ଜବତ କରିଛି।

ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି, ଟୁସର ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ଥିବା ଦୌଲତରପୁର ଗ୍ରାମର ତରଣୀ ପ୍ରଧାନଙ୍କ ଜମି ଚିହ୍ନଟ ପାଇଁ ତାଙ୍କ ପୁଅ ସତ୍ୟାନନ୍ଦ ପ୍ରଧାନ ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟଠାରେ ଆବେଦନ କରିଥିଲେ। ଏଥିପାଇଁ ତହସିଲ ପକ୍ଷରୁ ଟୁସର ରାଜସ୍ୱ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଉକ୍ତ କାର୍ଯ୍ୟାଳୟର ନିରୀକ୍ଷକ ସୁରେନ୍ଦ୍ର ୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଟଙ୍କା ଦେବାକୁ ଆବେଦନକାରୀ ସତ୍ୟାନନ୍ଦ ସକ୍ଷମ ନ ଥିବା କହିବାରୁ ଜମି ଚିହ୍ନଟ ହୋଇପାରିବ ନାହିଁ ବୋଲି ସୁରେନ୍ଦ୍ର କହିଥିଲେ। ଏ ନେଇ ସତ୍ୟାନନ୍ଦ ବୁଧବାର ଅନୁଗୋଳ ଭିଜିଲାନ୍ସ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ସତ୍ୟାନନ୍ଦଙ୍କୁ କେମିକାଲ ବୋଳା ୬ ହଜାର ଟଙ୍କା ଦିଆଯାଇଥିଲା। ଏହାକୁ ସତ୍ୟାନନ୍ଦ କିଆକଟା ରାଜସ୍ୱ କାର୍ଯ୍ୟାଳୟରେ ଥିବା ସୁରେନ୍ଦ୍ରଙ୍କୁ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଇନ୍ସପେକ୍ଟର ଉର୍ମିଳା ଲାକ୍ରା, ଏସ୍ଆଇ ସଞ୍ଜୟ ପଟ୍ଟନାୟକ, ରୁଦ୍ର ନାରାୟଣ ବିଶ୍ୱାଳ, ପ୍ରିୟବ୍ରତ ପ୍ରଧାନ, ଅଖିଳ ସାହୁ, ବିଶରଞ୍ଜନ ବେହେରା ପ୍ରମୁଖ ଚଢ଼ାଉ କରି ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ରଙ୍କୁ ଗିରଫ କରିଥିଲେ। ପରେ ରାଜସ୍ୱ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଥିଲା।

# ବନ୍ଧୁକ ଯୋଗାଣକାରୀଙ୍କ ସମେତ ୪ ଗିରଫ

ବସ୍‌ଯାତ୍ରୀଙ୍କଠାରୁ ଲୁଟିବାକୁ ଯୋଜନା କରିଥିଲେ

ବ୍ରହ୍ମପୁର, ୮।୧(ସୁବାସ ଚନ୍ଦ୍ର ପାଢ଼ୀ)

ବନ୍ଧୁକ ଦେଖାଇ ବସଯାତ୍ରୀଙ୍କଠାରୁ ଲୁଟ ଯୋଜନା କରୁଥିବା ୪ ଜଣଙ୍କୁ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ବୁଧବାର ରାତିରେ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ନଳିହାଡ଼ ଗ୍ରାମର ପ୍ରଶାନ୍ତ ଗଜେନ୍ଦ୍ର ଓରଫ ଟମାଟୋ(୨୬), ଭଗବାନ ବିଷୋୟୀ (୨୮), ରଙ୍କ ଗଜେନ୍ଦ୍ର (୨୮) ଓ ରୋହିଗାଁର କାହ୍ନୁ ଚରଣ ଜେନା। ଅଭିଯୁକ୍ତମାନଙ୍କ ନିକଟରୁ ଏକ ବନ୍ଧୁକ, ୧୨ ରାଉଣ୍ଡ ଗୁଳି ଓ ଗୋଟିଏ ଦାମୀ ବାଇକ୍ ଜବତ ହୋଇଛି। ବନ୍ଧୁକ ପ୍ରଶାନ୍ତ ଯୋଗାଇଥିଲେ ବୋଲି ଅଭିଯୁକ୍ତ ରଙ୍କ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତମାନେ ନୂଆ ବସଷ୍ଟାଣ୍ଡ ନିକଟରେ ଜଗିରହି ରାତି ବସରେ ଫେରୁଥିବା ଯାତ୍ରୀମାନଙ୍କ ନିକଟରୁ ଲୁଟ୍ ପାଇଁ ଯୋଜନା କରୁଥିଲେ ବୋଲି ଜଣାପଡିଛି। ମାମଲା ନଂ. ୯/୨୫ରେ ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ତେବେ ପ୍ରଶାନ୍ତ ବନ୍ଧୁକ ଓ ଗୁଳି କେଉଁଠାରୁ ଆଣିଥିଲେ, ତାଙ୍କୁ କିଏ ଦେଇଥିଲେ, ଘଟଣାପଛରେ ଆଉ କିଏ ଅଛନ୍ତି ନା ନାହିଁ ଜାଣିବା ପାଇଁ ତାଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଥାନାଧିକାରୀ ସୁଚିତ୍ରା ପରିଡା ସୂଚନା ଦେଇଛନ୍ତି। ବୁଧବାର ରାତିରେ ପୋଲିସ ନୂଆ ବସଷ୍ଟାଣ୍ଡ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ପୋଲିସକୁ ଦେଖି ବାଇକ୍ ଛାଡି ଉପରୋକ୍ତ ଯୁବକମାନେ ଲୁଚି ଯାଇଥିଲେ। ପୋଲିସ ଟିମ ତାଙ୍କୁ ଠାବ କରିବା ସହ ୪ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରେ ବନ୍ଧୁକ ଥିବା ଜଣାପଡିଥିଲା। ପରେ ଥାନାକୁ ଆଣି ପଚରାଉଚରା କରିବାରୁ ବନ୍ଧୁକ ସହ ଗୁଳି, ମାଗାଜିନ ଓ ବାଇକ ଜବତ କରିଥିଲା।



ଗିରଫ ୪ ଅଭିଯୁକ୍ତ, ଜବତ ବନ୍ଧୁକ ଓ ଗୁଳି।

# ଏଲ୍ଆଇସି ଏଜେଣ୍ଟଙ୍କଠାରୁ ୩ଲକ୍ଷ ଟଙ୍କା ଲୁଟ୍

ଚାନ୍ଦବାଲି,୮।୧(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ବାଂଶଡ଼ା ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ଣରେ ଜଣେ ଏଲ୍ଆଇସି ଏଜେଣ୍ଟ ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କଠାରୁ ୩ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଏହି ବ୍ଲକ ଅଧୀନ ଘଣ୍ଟେଶ୍ୱରଠାରେ ଥିବା ଏଲ୍ଆଇସି ପ୍ରିମିୟମ୍ ପଏଣ୍ଟରୁ ଏଜେଣ୍ଟ ସୁଶାନ୍ତ ପଣ୍ଡା ୩ ଲକ୍ଷ ଟଙ୍କା ନେଇ ଡିପୋଜିଟ୍ କରିବାକୁ ଚାନ୍ଦବାଲି ଏଲ୍ଆଇସି ଅଫିସକୁ ଯାଉଥିଲେ। ତୋଟାପଡ଼ା-ବଇଦପୋଖରୀ ରାସ୍ତାର ପଲେଇସାହି ଛକ ନିକଟରେ ପଛପଟୁ ୨ଜଣ ଯୁବକ ଏକ ନମ୍ବରବିହୀନ ବାଇକ୍‌ରେ ଆସି ତାଙ୍କୁ ଗାଡ଼ିରୁ ରାସ୍ତାକଡ଼କୁ ଠେଲିଦେଇ ଟଙ୍କା ବ୍ୟାଗ୍ ନେଇ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ସୁଶାନ୍ତଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ବାଂଶଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖାହେବା ବେଳକୁ ଏନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇ ନାହିଁ।

## Business

# ୫୫,୭୮୩ କୋଟିର ଶିଳ୍ପ ନିବେଶକୁ ଅନୁମୋଦନ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୪୩ତମ ଏଚଏଲସିଏ ବୈଠକ
- ୧୪,୫୦୭ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ୭ ପ୍ରକଳ୍ପ

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୩ତମ ହାଇ ଲେଭଲ କ୍ଲିଅରାନ୍ସ ଅଥରିଟି (ଏଚ୍ଏଲ୍‌ସିଏ) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ, ୫୫,୭୮୩ କୋଟି ଟଙ୍କା ନିବେଶରେ ୭ଟି ବଡ଼ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହା ଦ୍ୱାରା ୧୪,୫୦୭ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ପ୍ରକଳ୍ପଗୁଡ଼ିକ ଷ୍ଟିଲ, ରେୟାର ଅର୍ଥ ଉତ୍ପାଦନ, ଅଟୋମୋବାଇଲ ଓ ଅଟୋ କମ୍ପୋନେଣ୍ଟ, ସେମିକଣ୍ଡକ୍ଟର, ଇଣ୍ଡଷ୍ଟ୍ରିଆଲ ଗ୍ୟାସ, ଫେରୋଆଲୟ ଏବଂ ପାୱାର ଓ ନବୀକରଣଯୋଗ୍ୟ ଉର୍ଜା ଆଦି କ୍ଷେତ୍ରକୁ ନେଇ ଢେଙ୍କାନାଳ, ଗଞ୍ଜାମ, କେନ୍ଦୁଝର ଓ ଖୋର୍ଦ୍ଧା ଜିଲାରେ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଷ୍ଟିଲ କ୍ଷେତ୍ରରେ ଜେଏସଡବ୍ଲ୍ୟୁ ଗ୍ରୁପର କମ୍ପାନୀ ସାଫ୍ରନ ରିସୋର୍ସେସ ପ୍ରାଇଭେଟ ଲିମିଟେଡ ୩୫,୦୦୦ କୋଟି ଟଙ୍କା ନିବେଶ କରି ଢେଙ୍କାନାଳରେ ୬ ଏମଟିପିଏ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବେ, ଯାହା ଏକା ପ୍ରାୟ ୮,୦୦୦ ନିଯୁକ୍ତି ସୃଷ୍ଟି କରି ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଷ୍ଟିଲ ଉତ୍ପାଦନ ହବ ଭାବେ ସୁଦୃଢ଼ କରିବ। ଜିନ୍ଦଲ ପଲି ଫିଲ୍ମସ ଲିମିଟେଡ ୧୨,୦୦୦ କୋଟି ଟଙ୍କା ନିବେଶ କରି ଗଞ୍ଜାମରେ ୦.୫ ଏମଟିପିଏ ଟାଇଟାନିୟମ ଡାଇଅକ୍ସାଇଡ ପିଗମେଣ୍ଟ ଉତ୍ପାଦନ ୟୁନିଟ ସ୍ଥାପନ କରିବ, ଯାହା ୪,୦୦୦ ନିଯୁକ୍ତି ସୃଷ୍ଟି କରିବ। ଅଟୋମୋବାଇଲ ଓ ଅଟୋ କମ୍ପୋନେଣ୍ଟ କ୍ଷେତ୍ରରେ ଏକ ନାମୀ କମ୍ପାନୀ ଗଞ୍ଜାମରେ ୧,୬୯୭ କୋଟି ଟଙ୍କା ନିବେଶ କରି ଟାୟାର, କାର୍ବନ ବ୍ଲାକ ଓ ଜିଙ୍କ ଅକ୍ସାଇଡ ଉତ୍ପାଦନ ଇଉନିଟ ସ୍ଥାପନ କରିବେ, ଯାହା ୬୮୫ ନିଯୁକ୍ତି ଦେବ। ହାଇ-ଟେକ ଉତ୍ପାଦନକୁ ବଢ଼ାଇବା ପାଇଁ ସାନକୋଡ ସେମି ପ୍ରାଇଭେଟ ଲିମିଟେଡ ଖୋର୍ଦ୍ଧାରେ ୧,୬୪୯.୯୮ କୋଟି ଟଙ୍କା ନିବେଶ କରି ସେମିକଣ୍ଡକ୍ଟର ଆସେମ୍ବଲି ଓ ଟେଷ୍ଟିଂ (ଓଏସଏଟି) ୟୁନିଟ ସ୍ଥାପନ କରିବେ, ଯାହା ୫୭୦ ନିଯୁକ୍ତି ସୃଷ୍ଟି କରିବ। ଇନୋକ୍ସ ଏୟାର ପ୍ରୋଡକ୍ଟସ ପ୍ରାଇଭେଟ ଲିମିଟେଡ ଢେଙ୍କାନାଳରେ ୧,୩୦୦ କୋଟି ଟଙ୍କା ନିବେଶ କରି ଏୟାର ସେପାରେସନ ୟୁନିଟ ସ୍ଥାପନ କରିବ, ଯାହା ୧୮୦ ନିଯୁକ୍ତି ଦେବ। ଫେରୋ ଆଲଏଜ୍ କର୍ପୋରେସନ ଲିମିଟେଡ କେନ୍ଦୁଝରରେ ୨,୦୦୦ କୋଟି ଟଙ୍କା ନିବେଶ କରି ଫେରୋ ମାଙ୍ଗାନିଜ, ସିଲିକୋ ମାଙ୍ଗାନିଜ ଓ ମାଙ୍ଗାନିଜ ଓର ବେନିଫିସିଏସନ ସହ ୧୦୦ ଏମଡବ୍ଲ୍ୟୁ କ୍ୟାପଟିଭ ପାୱାର ପ୍ଲାଣ୍ଟ ସ୍ଥାପନ କରିବ। ଏହା ୭୭୨ ନିଯୁକ୍ତି ସୃଷ୍ଟି କରିବ। ଜିଏମଆର କମଳାଙ୍ଗା ଏନର୍ଜି ଲିମିଟେଡ ଢେଙ୍କାନାଳରେ ୨,୧୩୬.୦୨ କୋଟି ଟଙ୍କା ନିବେଶ କରି ୩୫୦ ଏମଡବ୍ଲ୍ୟୁ ଥର୍ମାଲ ପାୱାର ପ୍ଲାଣ୍ଟ ସ୍ଥାପନ କରିବେ, ଯାହା ୩୦୦ ନିଯୁକ୍ତି ଦେବ। ୪୩ତମ ଏଚଏଲସିଏ ବୈଠକରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଓଡ଼ିଶାର ଶିଳ୍ପ ବିବିଧତା, ଟେକ୍ନୋଲୋଜି-ଚାଳିତ ବିକାଶ ଓ ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ଧ୍ୟାନ ଦେଇଛି। ଦ୍ରୁତ ନିଷ୍ପତ୍ତି ଓ ନିବେଶକ-ବାନ୍ଧବ ନୀତି ସହିତ ରାଜ୍ୟ ପାରମ୍ପରିକ ଓ ନୂଆ କ୍ଷେତ୍ରଗୁଡ଼ିକରେ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳୀ ହେବାର ଦିଗରେ ଅଗ୍ରସର ହେଉଛି। ବିକଶିତ ଭାରତ @୨୦୪୭ର ଜାତୀୟ ଦୃଷ୍ଟିକୋଣ ଓ ସମୃଦ୍ଧ ଓଡ଼ିଶା @୨୦୩୬ର ରାଜ୍ୟ ଲକ୍ଷ୍ୟ ରାଜ୍ୟ ଅନ୍ତର୍ଭୁକ୍ତିମୂଳକ, ସ୍ଥାୟୀ ଓ ଉଚ୍ଚ-ପ୍ରଭାବଶାଳୀ ଶିଳ୍ପ ବିକାଶ ଦିଗରେ ଅଗ୍ରସର ହେଉଛି।

# ଗ୍ରାମୀଣ ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ମହୁଚାଷ

## ଡିସିବି ବ୍ୟାଙ୍କର ପ୍ରୋତ୍ସାହନ

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ଗ୍ରାମୀଣ ମହିଳାଙ୍କୁ ସ୍ୱାଲମ୍ବୀ କରିବାରେ ମହୁଚାଷ ସହାୟକ ହେଉଛି। ଡିସିବି ବ୍ୟାଙ୍କର କର୍ପୋରେଟ୍ ସୋସିଆଲ ରେସ୍ପନ୍ସିବିଲିଟି (ସିଏସ୍ଆର୍) ଉଦ୍ୟମରେ କନ୍‌ସର୍ନ ଇଣ୍ଡିଆ ଫାଉଣ୍ଡେଶନ ଏବଂ ଗ୍ରାମ-ଉତ୍ଥାନ ସହଯୋଗରେ କଟକ ଜିଲାର ବାଙ୍କୀ, ଆଠଗଡ଼ ଏବଂ ଡମପଡ଼ା ବ୍ଲକ୍‌ରେ ୨୫୦ ଜଣ ଗ୍ରାମୀଣ ମହିଳା ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହି ମହିଳାମାନେ ପାରମ୍ପରିକ ଜ୍ଞାନକୁ ସଫଳ ମାଇକ୍ରୋ-ଏଣ୍ଟରପ୍ରାଇଜରେ ପରିଣତ କରିଛନ୍ତି। ୨୦୨୩ରୁ ୨୦୨୫ ମଧ୍ୟରେ ମୋଟ ୩୪୧ କିଲୋଗ୍ରାମ ମହୁ ସଂଗ୍ରହ କରିପାରିଛନ୍ତି ଯାହାର ମୂଲ୍ୟ ୨.୭୨ ଲକ୍ଷ ଟଙ୍କାରୁ ଅଧିକ ହେବ। ଡିସିବି ବ୍ୟାଙ୍କର ଅଧିକାରୀମାନେ ଗୁରୁବାର ବାଙ୍କୀ ବ୍ଲକ୍ ପରିଦର୍ଶନ କରି ଗ୍ରାମବାସୀଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଡିସିବି ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପ୍ରବୀଣ କୁଟ୍ଟିଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ସହ ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ କୁଟ୍ଟେ ୨୦୧୯ରେ ଏଠାକୁ ଆସିଥିବା କହିଥିଲେ। ସେ କହିଛନ୍ତି, ଆମେ ଲୋକମାନଙ୍କର ବିଶେଷକରି ମହିଳାମାନଙ୍କର ଆୟ ଉନ୍ନତ କରିବାକୁ ଚାହୁଁଥିଲୁ ଏବଂ ତାହା ବାସ୍ତବରେ ପରିଣତ ରୂପ ନେଇଛି। ଆମେ ଅନୁଭବ କଲୁ ଯେ ଜୀବନଧାରଣ ଉନ୍ନତ କରିବାକୁ ଏକ ଏକୀକୃତ ଏବଂ ସ୍ଥାୟୀ ଆୟର ଉତ୍ସ ରହିବା ଆବଶ୍ୟକ। ଆମେ ଏଠାରେ ମହୁଚାଷ ପ୍ରଚଳନ କରିଥିଲୁ ଯାହା ଏକ ଗେମ ଚେଞ୍ଜର ହୋଇଥିଲା। ଗ୍ରାମବାସୀ କେବଳ ଏଥିରେ ଆଗ୍ରହ ପ୍ରକାଶ କରିନାହାନ୍ତି, ବରଂ ଏହାକୁ ବ୍ୟାପକ ଭାବରେ ବଢ଼ାଇଛନ୍ତି। ଏହା ଆମକୁ ଆହୁରି ବିନିଯୋଗ କରିବାର ସୁଯୋଗ ଦେଉଛି। ଲାଭ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ମାତ୍ର ଲୋକମାନଙ୍କର ଜୀବନଧାରଣ ମାନ ଉନ୍ନତ କରିବା ହେଉଛି ବ୍ୟାଙ୍କଗୁଡ଼ିକର ଦାୟିତ୍ୱ ବୋଲି କୁଟ୍ଟେ କହିଛନ୍ତି। ଏହି ଉଦ୍ୟମର ଲାଭ ସମ୍ପର୍କରେ ବର୍ଣ୍ଣନା କରି ସେ କହିଛନ୍ତି, ଜୈବ ବିବିଧତା, ପରାଗରେଣୁ ଏବଂ ପରିବେଶ ଅନୁକୂଳ ଅଭ୍ୟାସର ବଢୁଥିବା ସଚେତନତା ସହିତ ଏହି ଉଦ୍ୟମ ସ୍ଥାନୀୟ କୃଷି ଏବଂ ପରିବେଶ ବ୍ୟବସ୍ଥାକୁ ସୁଦୃଢ଼ କରିଛି। କ୍ଷେତ୍ରଗୁଡ଼ିକ ସ୍ୱାସ୍ଥ୍ୟକର ହୋଇଛି, ଉତ୍ପାଦନ ଉନ୍ନତ ହୋଇଛି ଏବଂ ଅଞ୍ଚଳବାସୀ ଜଳବାୟୁ ଅନିଶ୍ଚିତତାରେ ଅଧିକ ସ୍ଥିର ହୋଇଛନ୍ତି। ଏହି ଉଦ୍ୟମ ୨୦୨୦-୨୧ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା। ଡିସିବି ବ୍ୟାଙ୍କ ଏବଂ କନ୍‌ସର୍ନ ଇଣ୍ଡିଆ ଫାଉଣ୍ଡେଶନ ଏକୀକୃତ ଜଳବିଭାଜକ ପରିଚାଳନା ମାଧ୍ୟମରେ ଜୀବନଧାରଣ ଉନ୍ନତି ପ୍ରକଳ୍ପ (ଏଲ୍ଆଇପି) ମାଧ୍ୟମରେ ଜଳ ସମ୍ପଦ ଏବଂ ମୃତ୍ତିକା ସଂରକ୍ଷଣ ଉନ୍ନତ କରିବାକୁ ଏକ ହସ୍ତକ୍ଷେପ ଆରମ୍ଭ କରିବା ଏହି ଯୋଜନାକୁ ରୂପରେଖ ଦିଆଯାଇଥିଲା। ଏହି ହସ୍ତକ୍ଷେପରେ ୬ଟି ଜଳାଶୟର ପୁନରୁଦ୍ଧାର, ୭ଟି ପୋଖରୀର ସଫେଇ, ଚେଞ୍ଜିଂ ରୁମ ଏବଂ ଏକ ନଳକୂପ ଖନନ ସହ ୩ ହଜାର ଚାରାରୋପଣ କରାଯାଇଛି। ବାଙ୍କୀ ଏବଂ ଆଠଗଡ଼ ବ୍ଲକ୍‌ରେ ନାଗରିକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଜାରି ରହିଛି।



# ଆରମ୍ଭ ହେଲା ୪ର୍ଥ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ଭାରତର ସର୍ବବୃହତ୍ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀର ୪ର୍ଥ ସଂସ୍କରଣ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆଠାରେ ଗୁରୁବାର ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, କେସିସିର ସିଏମ୍‌ଡି ତଥା ଏହି ଏକ୍ସପୋର ଆମ୍ବାସାଡାର ସୌମ୍ୟରଞ୍ଜନ ସାମଲ, ଲଘୁ ଉଦ୍ୟୋଗ ଭାରତୀର ସଭାପତି ଗୋପାଳ ଦାସ ଅଗ୍ରୱାଲ, ଫ୍ୟୁଚେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ ଏବଂ ନାଲ୍‌କୋର ପୂର୍ବତନ ସିଏମ୍‌ଡି ତଥା ଆୟୋଜକ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ ଓ ଶିଳ୍ପ ଜଗତର ନେତୃବୃନ୍ଦଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଲଘୁ ଉଦ୍ୟୋଗ ଭାରତୀ, ଓଡ଼ିଶା ଚାମ୍ବର ଅଫ୍ କମର୍ସ ଏବଂ ଇପିକଲର ସହଭାଗିତାରେ ଫ୍ୟୁଚେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଅନୁଷ୍ଠିତ ଏହି ଏକ୍ସପୋ ଭାରତ ତଥା ବିଦେଶର ଖଣି, ନିର୍ମାଣ ଏବଂ ଭିତ୍ତିଭୂମି କ୍ଷେତ୍ରର ପ୍ରମୁଖ ବିଶେଷଜ୍ଞମାନେ ଏକତ୍ରିତ ହୋଇଛନ୍ତି। ୧୧ ତାରିଖ ପର୍ଯ୍ୟନ୍ତ ଏହି ଏକ୍ସପୋ ପରିଦର୍ଶନ କରିହେବ। ଫ୍ୟୁଚେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ କହିଛନ୍ତି, ଚଳିତ ବର୍ଷ ଏହି ପ୍ରଦର୍ଶନୀରେ ରୁଷିଆ, ଜର୍ମାନୀ, କୋରିଆ, ଜାପାନ, ଚାଇନା ଏବଂ ତାଇୱାନ ଭଳି ପ୍ରମୁଖ ରାଷ୍ଟ୍ରର ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକ ଏଠାରେ ସେମାନଙ୍କର ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ସମାଧାନ ପ୍ରଦର୍ଶନ କରୁଛନ୍ତି। ଏହି ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକ ଖଣିଜ କାର୍ଯ୍ୟ ଏବଂ ଭିତ୍ତିଭୂମି ବିକାଶର ଶୈଳୀରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ସେବା ପ୍ରଦର୍ଶନ କରୁଛନ୍ତି। ଏକ୍ସପୋର ଆୟୋଜନ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ କହିଛନ୍ତି, ୪ର୍ଥ ଖଣି ଏବଂ ଭିତ୍ତିଭୂମି ଏକ୍ସପୋ ୩୦ ହଜାର ବର୍ଗ ମିଟରରୁ ଅଧିକ ପରିବ୍ୟାପ୍ତ, ଯାହା ଅଗ୍ରଣୀ ଅନ୍ତର୍ଜାତୀୟ ଖଣି ଏକ୍ସପୋର ପରିମାଣ ସହିତ ମେଳ ଖାଉଛି। ପ୍ରାୟ ୨୦ ହଜାର ପରିଦର୍ଶକଙ୍କୁ ଆକର୍ଷିତ କରିବାର ଆଶା କରାଯାଉଛି। ଏହି ଏକ୍ସପୋରେ ଖଣି ଏବଂ ଭିତ୍ତିଭୂମି କ୍ଷେତ୍ରର ବଢୁଥିବା ଚାହିଦାକୁ ପୂରଣକରି ଅତ୍ୟାଧୁନିକ ଖଣି ଯନ୍ତ୍ରପାତି ନବସୃଜନଶୀଳ ପ୍ରଯୁକ୍ତି ସମାଧାନ ଏବଂ ବିଭିନ୍ନ ପ୍ରକାର ସେବା ଏବଂ ଯୋଗାଣ ପ୍ରଦର୍ଶିତ ହୋଇଛି। ୩୦୦ରୁ ଅଧିକ କମ୍ପାନୀଙ୍କ ଅଂଶଗ୍ରହଣ କରିଛନ୍ତି। ପ୍ରମୁଖ ପ୍ରଦର୍ଶକମାନଙ୍କ ମଧ୍ୟରେ ଇକ୍ୱିପେଜ, ଓସେନ କନ୍‌ଭେୟର୍ସ, ସକ୍ଷମ କାଷ୍ଟିଂ, ତ୍ରିଶୂଳ ଟ୍ରେଡ୍, ଟାଟା ହିଟାଚି, ଏମ୍ଆର୍ କ୍ରଶର, ଜେସିବି, ପ୍ରୋପେଲ, କେସିସି, ଏଚ୍‌ପି, ବେଦାନ୍ତ, ସାଲେମିମେଶିନ, ଉତ୍କଳ ଆର୍ଗୋ ଇଣ୍ଟରନ୍ୟାଶନାଲ, ଆଇଆରଇଏଲ ଏବଂ ଅନ୍ୟାନ୍ୟ କମ୍ପାନୀ ମଧ୍ୟ ଅଂଶଗ୍ରହଣ କରିଛନ୍ତି।




# ଅମିତାଭ ବଚ୍ଚନ କାମ୍ପା ସିଓରର ବ୍ରାଣ୍ଡ୍ ଆମ୍ବାସାଡାର

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଏଫ୍ଏମ୍‌ସିଜି ଶାଖା, ରିଲାଏନ୍ସ କଞ୍ଜୁମର ପ୍ରଡକ୍ଟସ ଲିମିଟେଡ୍ (ଆର୍‌ସିପିଏଲ୍) ବରିଷ୍ଠ ଅଭିନେତା ଅମିତାଭ ବଚ୍ଚନଙ୍କୁ ଏହାର ପ୍ୟାକେଜ ପାନୀୟ ଜଳ ବ୍ରାଣ୍ଡ 'କାମ୍ପା ସିଓର୍' ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରିଛି। ୨୦୨୨ରେ କାମ୍ପା କୋଲା ଅଧିଗ୍ରହଣ କରିବା ଏବଂ ୨୦୨୩ରେ ଏହାକୁ ଭାରତରେ ପୁନଃ ପ୍ରବର୍ତ୍ତନ କରିବା ପରଠାରୁ ଆର୍‌ସିପିଏଲ୍ ସଫଳତାର ଯାତ୍ରା ଜାରି ରଖିଛି। ଏହାକୁ ଆଜି ଭାରତୀୟ ମୃଦୁପାନୀୟ ଶିଳ୍ପରେ ଏକ ଶକ୍ତିଶାଳୀ ଖେଳାଳି ଭାବରେ ସ୍ଥାନିତ କରିଛି। କମ୍ପାନୀ କାମ୍ପା ଏନର୍ଜି ଡ୍ରିଙ୍କ୍ସ, ରାସ୍କିକ ପାନୀୟ, ଜୁସ୍ ଏବଂ କାମ୍ପା ସିଓର ପ୍ୟାକେଜଡ୍ ପାନୀୟ ଜଳ ଉପଲବ୍ଧ କରିଛି। ଆର୍‌ସିପିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେତନ ମୋଦି କହିଛନ୍ତି, ସ୍ୱଚ୍ଛ ଏବଂ ସୁଲଭ ପାନୀୟ ଜଳର ଉପଲବ୍ଧତା ସମସ୍ତଙ୍କର ଅଧିକାର ଏବଂ କ୍ୟାମ୍ପା ସିଓର ସବୁଠାରୁ ସୁଲଭ ମୂଲ୍ୟରେ ସୁରକ୍ଷିତ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରେ। ଏନେଇ ଅମିତାଭ ବଚ୍ଚନ କହିଛନ୍ତି, ମୁଁ କ୍ୟାମ୍ପା ସିଓର ସହିତ ଯୋଡ଼ିହୋଇ ବହୁତ ଖୁସି। ପ୍ରତ୍ୟେକ ଭାରତୀୟଙ୍କୁ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧତା ପ୍ରଦାନ କରିବାରେ ସାହାଯ୍ୟ କରିବା ପାଇଁ କ୍ୟାମ୍ପା ସିଓରର ପ୍ରୟାସରେ ମୁଁ ପ୍ରଭାବିତ।



# ନିଷ୍ପତ୍ତି ପ୍ରତ୍ୟାହାର କର ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ: ଛାତ୍ର, ଯୁବ ବିଜେଡି

ଭୁବନେଶ୍ୱର, ୮।୧(ସୁନିତ୍ ମିଶ୍ର)



ପରିବହନ ବିଭାଗ ପକ୍ଷରୁ କରାଯାଉଥିବା ଚାଲାଣକୁ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ସଭା।

ରାଜ୍ୟରେ ଯାନବାହନର ପଲ୍ୟୁଶନ ସାର୍ଟିଫିକେଟ ପାଇଁ ସରକାରଙ୍କ ଅନ୍ଧନୀତି ଯୋଗୁ ରାଜ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି, ଯାହାକୁ ନେଇ ସମଗ୍ର ରାଜ୍ୟବାସୀ ଦହଗଞ୍ଜର ଶିକାର ହେଉଛନ୍ତି। ଏହିନୀତ ତୁରନ୍ତ ପ୍ରତ୍ୟାହାରକରିବା ଦାବିରେ ଗୁରୁବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ଭୁବନେଶ୍ୱରର ଆର୍‌ଟିଓ-୧ ଅଫିସ୍ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ସଭା କରିଛି। ରାଜ୍ୟ ସରକାରଙ୍କ ଏହି ବିବାଦୀୟ ନିଷ୍ପତ୍ତିକୁ ବିଶେଷକରି ପଲ୍ୟୁଶନ ସାର୍ଟିଫିକେଟ ନାହିଁ ତ ତେଲ ନାହିଁ ଓ ପୁରୁଣା ଫାଇନ ପୈଠ ନ ହେବା ପର୍ଯ୍ୟନ୍ତ ପଲ୍ୟୁଶନ ସାର୍ଟିଫିକେଟ ପ୍ରଦାନ କରାଯିବନାହିଁକୁ ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଘୋଷଣା କରିଛି।

ଏହି ଅବସରରେ ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଈପ୍ସିତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାଜ୍ୟ ଭାଜପା ସରକାରଙ୍କ ଏହି ଅନ୍ଧନୀତିର ତୀବ୍ର ସମାଲୋଚନା କରାଯିବା ସହ ସରକାରଙ୍କ ବିଫଳତାର ଲମ୍ବା ତାଲିକା ପ୍ରଦାନ କରାଯାଇଛି। ଯୁବ ସଭାପତି ଚିନ୍ମୟ ସାହୁ କହିଛନ୍ତି, ରାଜ୍ୟ ସରକାର ଲୋକଙ୍କୁ ଧାଡ଼ିରେ ଛିଡ଼ାକରି ହନ୍ତସନ୍ତ କରିବାରେ ଆନନ୍ଦ ପାଉଛନ୍ତି। ସୁଭଦ୍ରା ଯୋଜନା ଦେବାବେଳେ ଏଥିରେ ସାମିଲକରିବା ପାଇଁ ମହିଳାମାନଙ୍କୁ ଧାଡ଼ିରେ ଛିଡ଼ାକଲେ। ଲୋକେ ରାଶନ ସାମଗ୍ରୀ ପାଇବା ପାଇଁ ଲାଇନରେ ଛିଡା ହେଉଛନ୍ତି। ଚାଷୀ ମଣ୍ଡିରେ ଧାନଦେବା ପାଇଁ ରାଜରାସ୍ତାରେ ଛିଡ଼ାହୋଇଛନ୍ତି। ଏବେ ପଲ୍ୟୁଶନ ସାର୍ଟିଫିକେଟ ପାଇଁ ରାଜରାସ୍ତାରେ ଛିଡ଼ାହେବାକୁ ପଡୁଛି। ସରକାରଙ୍କ ତୋଗଲକୀ ନିଷ୍ପତ୍ତି ଯୋଗୁ ରାଜ୍ୟବାସୀ ଅତିଷ୍ଠ ହୋଇପଡିଲେଣି ବୋଲି ସେ କହିଛନ୍ତି। ଈପ୍ସିତା କହିଛନ୍ତି, ସୁଶାସନର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଭାଜପା ସରକାର ରାଜ୍ୟବାସୀଙ୍କୁ ଶୋଷଣ କରିବାରେ ଲାଗିଛି। ପଲ୍ୟୁଶନ ସାର୍ଟିଫିକେଟ ନାମରେ ସରକାର ନୂଆ ଶୋଷଣ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।

# ଚଳିତବର୍ଷ ତାଳଚେର ମେଡିକାଲ କଲେଜରେ ସୁପରସ୍ପେଶିଆଲିଟି ସେବା



ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ।

■ ପ୍ରାଥମିକ ପର୍ଯ୍ୟାୟରେ ଅନୁଗୋଳରୁ ସ୍ଥାନାନ୍ତର ହେବ କେତୋଟି ବିଭାଗ
■ କ୍ରିୟାନୁଷ୍ଠାନ କମିଟିର ଧାରଣା ପରେ ସୂଚନା ଦେଲେ ଅନୁଗୋଳ ଜିଲାପାଳ

ଅନୁଗୋଳ,୮।୧ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ତାଳଚେରଠାରେ ଏମ୍‌ସିଏଲ୍ ପକ୍ଷରୁ ନିର୍ମାଣ କରାଯାଇଥିବା ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ଚଳିତବର୍ଷରୁ ସୁପରସ୍ପେଶିଆଲିଟି ସେବା ରୋଗୀମାନଙ୍କୁ ମିଳିବ। ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୦୨୫ ସେପ୍ଟେମ୍ବର ୨ରେ ଜାତୀୟ ଭେଷଜ କମିଶନ(ଏନ୍‌ଏମ୍‌ସି) ପକ୍ଷରୁ ତାଳଚେର ମେଡିକାଲ କଲେଜକୁ ବିଧିବଦ୍ଧ ଅନୁମତି ଦିଆଯିବା ପରେ ଏଠାରେ ୧୦୦ ସିଟ୍‌ରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ନାମଲେଖା ସହ ପାଠପଢ଼ା ଚାଲିଛି। ହେଲେ ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହାର ପ୍ରାକ୍ଟିକାଲ ଶିକ୍ଷା ଜାରି ରହିଛି। ତାଳଚେରଠାରେ ଏହାର ଏକାଡେମିକ ବ୍ଲକ୍ ରହିଥିବା ବେଳେ ବର୍ତ୍ତମାନ ମେଡିକାଲ କଲେଜର ବିଦ୍ୟାର୍ଥୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିୟମିତ ଭାବେ ପ୍ରାକ୍ଟିକାଲ ଶିକ୍ଷା ପାଇଁ ଆସୁଛନ୍ତି। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ହିଁ ସୁପରସ୍ପେଶିଆଲିଟି ସେବାଗୁଡ଼ିକ ଉପଲବ୍ଧ ରହିଛି। ତାଳଚେରସ୍ଥିତ ପୁରୁଣା ନେହେରୁ ଶତାବ୍ଦୀ ହସ୍ପିଟାଲର ନାମ ପରିବର୍ତ୍ତନ କରି ପବିତ୍ର ମୋହନ ମେଡିକାଲ କରାଯାଇଥିବା ବେଳେ ସେଠାରେ ସୁପରସ୍ପେଶିଆଲିଟି ରୋଗୀ ସେବା ଆରମ୍ଭ କରିବାକୁ ତାଳଚେର ପବିତ୍ର ମୋହନ ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଦାବି ନେଇ କମିଟି ପକ୍ଷରୁ ଧାରଣା ଦିଆଯାଇଛି। ନେହେରୁ ଶତାବ୍ଦୀ ମେଡିକାଲ ବା ବର୍ତ୍ତମାନର ପବିତ୍ର ମୋହନ ମେଡିକାଲର କିଛି ମରାମତି କାର୍ଯ୍ୟ ବାକି ରହିଛି। ଏହା ସମ୍ପୂର୍ଣ୍ଣ ହେବା ପରେ ପ୍ରାଥମିକ ଭାବେ କିଛି ବିଭାଗକୁ ନେଇ ସେଠାରେ ସୁପରସ୍ପେଶିଆଲିଟି ଡାକ୍ତରୀ ସେବା ଆରମ୍ଭ ହେବ ଏବଂ ପର୍ଯ୍ୟାୟକ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସମସ୍ତ ସୁପରସ୍ପେଶିଆଲିଟି ଡାକ୍ତରୀ ସେବା ତାଳଚେରସ୍ଥିତ ପବିତ୍ର ମୋହନ ମେଡିକାଲରେ ହିଁ ଚାଲୁ ହେବ ବୋଲି ଜିଲାପାଳ ପ୍ରତିକ୍ରିୟାରେ ଜଣାଇଛନ୍ତି।

# ଆନ୍ଦୋଳନ ସ୍ଥଗିତ ରଖିଲା ଓମ୍‌ସା

## ଆଜିଠାରୁ ସ୍ୱାଭାବିକ ହେବ ଓପିଡି ସେବା

ଭୁବନେଶ୍ୱର, ୮।୧ (ବନ୍ଦନା ସେଠୀ)

ଡାକ୍ତରଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଲେ ସରକାର। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରଖିଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ(ଓମ୍‌ସା)। ଶୁକ୍ରବାରଠାରୁ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାରେ ଓପିଡି ସେବା ସ୍ୱାଭାବିକ ହେବ ବୋଲି ଓମ୍‌ସା ସଭାପତି ଡା. କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି।

୧୦ଦଫା ଦାବିନେଇ ଗତ ୫ତାରିଖରୁ ଓମ୍‌ସା ଅଧୀନରେ ଥିବା ୬ହଜାରରୁ ଊର୍ଦ୍ଧ୍ୱ ଡାକ୍ତର ୨ଘଣ୍ଟିଆ ଓପିଡି ସେବା ବନ୍ଦକରି ଆନ୍ଦୋଳନ ଚଳାଇଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟାହତ ହେବାରୁ ଡାକ୍ତରଙ୍କ ଆନ୍ଦୋଳନ ବନ୍ଦ କରିବାକୁ ଏସ୍‌ମା ଲାଗୁ କରିଥିଲେ ସରକାର। ମାତ୍ର ଏହାକୁ ଖାତିର ନ କରି ଆନ୍ଦୋଳନ ଜାରି ରହିଥିବାରୁ ଶେଷରେ ଗୁରୁବାର ଡାକ୍ତରମାନଙ୍କ ସହିତ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଲୋଚନା କରିବା ସହ ସେମାନଙ୍କ ଦାବି ପୂରଣ ନେଇ ଦୃଢ଼ ପ୍ରତିଶ୍ରୁତି ଦେଇଥିବା ଡା. ମିଶ୍ର ସୂଚନା ଦେଇଛନ୍ତି।

ଅପରପକ୍ଷେ ଆଲୋଚନା ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଡାକ୍ତରଙ୍କ ଦାବିକୁ ନେଇ ପୂର୍ବରୁ ଏକ ଉଚ୍ଚସ୍ତରୀୟ କମିଟି ଗଠିତ ହୋଇଛି। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ସ୍ୱାସ୍ଥ୍ୟ, ଆଇନ ଏବଂ ଅର୍ଥ ବିଭାଗର ସଚିବ ରହିବେ। ଡାକ୍ତରଙ୍କ ସମସ୍ତ ଦାବିକୁ ଏହି କମିଟି ସମୀକ୍ଷା କରିବା ସହିତ ସରକାରଙ୍କୁ ରିପୋର୍ଟ ଦେବ। କମିଟିର ପ୍ରସ୍ତାବ ଆଧାରରେ ସରକାର କାର୍ଯ୍ୟ କରିବେ। ସେହିପରି ଆସନ୍ତା ୧୨ ତାରିଖରେ ସଚିବ ସ୍ତରୀୟ କମିଟି ବସିବ ଏବଂ ତା'ପରେ କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନର ରୂପରେଖ ସ୍ପଷ୍ଟ ରହିବ। ଜାନୁଆରୀ ୧୫ ସୁଦ୍ଧା ଏକ ଅନ୍‌ଲାଇନ୍ ପୋର୍ଟାଲ ବ୍ୟବସ୍ଥା ହେବ। ଏଥିରେ କେବିକେରେ ପୋଷ୍ଟିଂ ହୋଇଥିବା ଇଚ୍ଛୁକ ଡାକ୍ତରମାନେ ନିଜ ଜିଲାକୁ ଆସିବା ପାଇଁ ଏଥିରେ ଆବେଦନ କରିପାରିବେ। ଏହାବାଦ୍ କ୍ୟାଡର୍ ପୁନର୍ବିନ୍ୟାସ ଏବଂ ଅନ୍ୟାନ୍ୟ ଦାବି ନେଇ ସରକାର ସକାରାତ୍ମକ ରହିଥିବା ଓମ୍‌ସା ପକ୍ଷରୁ ସୂଚନା ଦିଆଯାଇଛି।

# ବିବାହ ଭୋଜି ଖାଇ ୩୦୦ ଝାଡ଼ାବାନ୍ତିରେ ଆକ୍ରାନ୍ତ



ଡାକ୍ତରୀ ଟିମ୍ ଦ୍ୱାରା ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା କରାଯାଉଛି।

ରାଜନଗର, ୮।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଠୁଲାପୁର, ପ୍ରସନ୍ନପୁର, ଖଣ୍ଡାମରା ଗାଁରେ ବିବାହ ଭୋଜି ଖାଇ ୩୦୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଖବର ପାଇ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗାଁରେ ପହଞ୍ଚି କ୍ୟାମ୍ପ କରିବା ସହ ଘରକୁ ଘର ବୁଲି ଲୋକଙ୍କୁ ଚିକିତ୍ସା କରୁଛନ୍ତି। ରାଜନଗର ବ୍ଲକ ଏଣ୍ଠୁଲାପୁର ଗାଁର ଦୟାନିଧି ରାଉତଙ୍କ ସାନପୁଅ କାହ୍ନାଙ୍କ ବାହାଘର ଭୋଜି ଥିଲା। ଭୋଜିରେ ହଜାର ଲୋକ ଖାଇଥିଲେ। ଏଣ୍ଠୁଲାପୁର ଗାଁର ପ୍ରତ୍ୟେକ ପରିବାରର ଲୋକେ ଭୋଜି ଖାଇଥିଲେ। ଏଥିସହ ପାଖ ଗାଁ ପ୍ରସନ୍ନପୁର, ଖଣ୍ଡାମରା ଓ ଆଖପାଖ ଗାଁର ଲୋକେ ମଧ୍ୟ ଭୋଜି ଖାଇଥିଲେ। ଭୋଜି ଖାଇବା ପରେ ଲୋକମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ବୁଧବାର ସ୍ଥାନୀୟ ଔଷଧ ଦୋକାନ ଓ କ୍ଲିନିକ୍‌ଠାରୁ ଔଷଧ ଖାଇଥିଲେ ମଧ୍ୟ ଝାଡ଼ା କମି ନ ଥିଲା। ଗୁରୁବାର ଝାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଥିଲା। ଏଣ୍ଠୁଲାପୁର ଗାଁରେ ଘରେ ଘରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏଣ୍ଠୁଲାପୁର ଗାଁରେ କେବଳ ୨୦୦ ଶହରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ପ୍ରସନ୍ନପୁର ଓ ଖଣ୍ଡାମରା ଗାଁରେ ୧୦୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ୨ଟି ଟିମ୍ ଗାଁରେ ପହଞ୍ଚି ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ଘରକୁ ଘର ବୁଲି ରୋଗୀଙ୍କୁ ଦେଖିବା ସହ ଔଷଧ ଦେଉଛନ୍ତି।

# ଗିରଫ ପିଇଓଙ୍କ ଗୋଦାମରେ ଭିଜିଲାନ୍ସ ଟିମ୍‌ର ଯାଞ୍ଚ

ଛେନାପଦି,୮।୧(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବଞ୍ଚୋ ପଞ୍ଚାୟତ ପିଇଓ ଜିତେନ୍ଦ୍ର ଜେନାଙ୍କ ଘରେ ଘର ସମେତ ବ୍ୟବସାୟ ପ୍ରତିଷ୍ଠାନ, ଶ୍ୱଶୁର ଘର, ପଞ୍ଚାୟତ ଅଫିସ ଆଦି ୬ଟି ସ୍ଥାନରେ ଡିସେମ୍ବର ୩୦ରେ ଭିଜିଲାନ୍ସ ରେଡ୍ କରି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରିଥିଲା। ଏହି ଘଟଣାରେ ଭିଜିଲାନ୍ସ ବିଭାଗ ଜିତେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ଦିନ ବସନ୍ତିଆ ବଜାରସ୍ଥିତ ଗୋଦାମର ଚାବି କାଠି ମିଳି ନ ଥିବାରୁ ଯାଞ୍ଚ ଅଧାରେ ରହିଥିଲା। ପୁନର୍ବାର ଗୁରୁବାର ସକାଳେ ବାଲେଶ୍ୱର ଭିଜିଲାନ୍ସର ଏକ ୧୦ ଜଣିଆ ଟିମ୍ ପହଞ୍ଚି ଗୋଦାମ ଘର ଚାବି ଖୋଲିବା ସହିତ ଯାଞ୍ଚ କରିଛି। ସମ୍ପୃକ୍ତ ପିଇଓଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନିଲମ୍ବିତ କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି।

# ଦୃଢ଼ ସମ୍ପର୍କକୁ ଗୁରୁତ୍ୱ

## ଆଜି ପ୍ରବାସୀ ଭାରତୀୟ ଦିବସ



ଭାରତ କେବଳ ନିଜର ଭୌଗୋଳିକ ପରିଧି ମଧ୍ୟରେ ସୀମିତ ରହିନାହିଁ। ପୃଥିବୀର ପ୍ରାୟ ଦେଶରେ ମୂଳ ଭାରତୀୟ ଲୋକେ ବସତି ସ୍ଥାପନ କରୁଛନ୍ତି। ଏମାନଙ୍କୁ ପ୍ରବାସୀ ଭାରତୀୟ ଭାବେ ବିବେଚନା କରାଯାଉଛି। ଏହି ପ୍ରବାସୀ ଭାରତୀୟମାନଙ୍କ ଅବଦାନକୁ ଚିହ୍ନିବା ଏବଂ ଭାରତର ସଂଯୋଗୀକରଣକୁ ଅଧିକ ମଜଭୁତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି। ଏହି ଦିବସ ଭାରତ ସରକାରଙ୍କ ଦ୍ୱାରା ଆୟୋଜନ କରାଯାଉଛି। ଭାରତ ଏବଂ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ, ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କ ବୃଦ୍ଧି କରିବା ପ୍ରବାସୀ ଦିବସ ପାଳନର ଅନ୍ୟ ଏକ ଉଦ୍ଦେଶ୍ୟ। ଦକ୍ଷିଣ ଆଫ୍ରିକାରେ ୨୧ବର୍ଷ ଅତିବାହିତ କରିବା ପରେ ମହାତ୍ମା ଗାନ୍ଧୀ ୧୯୧୫ ଜାନୁଆରୀ ୯ରେ ଭାରତକୁ ଫେରିଥିଲେ। ତେଣୁ ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ୨୦୦୩ ଜାନୁଆରୀ ୯ରେ ପ୍ରଥମ କରି ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥିଲା। ଏହି ଦିବସ ଭାରତର ବିଶ୍ୱସ୍ତରୀୟ ଛବିକୁ ଆହୁରି ସୁଦୃଢ଼ କରିବା କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସୂଚନାଯୋଗ୍ୟ ବୈଦେଶିକ ବିଭାଗ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ଦିବସ ୨୦୨୫ରେ ଭୁବନେଶ୍ୱରଠାରେ ପାଳିତ ହୋଇଥିଲା।

# ସଡ଼କ ସୁରକ୍ଷା ଓ ପରିବହନ ସଂସ୍କାର କ୍ଷେତ୍ରରେ ଓଡ଼ିଶା ଦେଶରେ ଅଗ୍ରଣୀ

ଭୁବନେଶ୍ୱର, ୮।୧(ସୁନିତ୍ ମିଶ୍ର)

ନୂଆଦିଲ୍ଲୀସ୍ଥିତ ଭାରତମଣ୍ଡପମ୍ ଠାରେ ବୁଧବାରଠାରୁ ୨ଦିନ ଧରି ଅନୁଷ୍ଠିତ ପରିବହନ ବିକାଶ ପରିଷଦ (ଟିଡିସି) ବୈଠକରେ ଓଡ଼ିଶା ସରକାର ନିଜର ପ୍ରଭାବଶାଳୀ ଉପସ୍ଥିତି ଜାହିର କରିଛନ୍ତି। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ବୈଠକରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡକରୀ ଅଧ୍ୟକ୍ଷତା କରିଛନ୍ତି। ଏଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପରିବହନ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବୈଠକରେ ଓଡ଼ିଶାର ସାମଗ୍ରିକ ପରିବହନ ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ଚିତ୍ର ଉପସ୍ଥାପନ କରିଛନ୍ତି। ସଡ଼କ ସୁରକ୍ଷା, ଡିଜିଟାଲ ପରିବହନ ଶାସନ, ଚାଳକ ପ୍ରଶିକ୍ଷଣ ଏବଂ ପ୍ରଯୁକ୍ତିଭିତ୍ତିକ ପ୍ରବର୍ତ୍ତନ କ୍ଷେତ୍ରରେ ରାଜ୍ୟର ଅଗ୍ରଣୀ ପଦକ୍ଷେପ ଉପରେ ସେ ଆଲୋକପାତ କରିଛନ୍ତି। ଓଡ଼ିଶା ପ୍ରତିନିଧି ଦଳର ସଦସ୍ୟ ଭାବେ ପରିବହନ କମିଶନର ଅମିତାଭ ଠାକୁର ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶାର ସଂସ୍କାରମୁଖୀ ଆଭିମୁଖ୍ୟ ଏବଂ ସର୍ବୋତ୍ତମ କାର୍ଯ୍ୟଶୈଳୀ ଜାତୀୟ ସ୍ତରରେ ବ୍ୟାପକ ପ୍ରଶଂସା ସାଉଁଟିଛି। ପୋଲିସ, ସ୍ୱାସ୍ଥ୍ୟ ଏବଂ ପରିବହନ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଇ-ଡିଏଆର୍ ଏବଂ ସିସିଟିଏନ୍‌ଏସ୍‌ର ଦ୍ୱିମୁଖୀ ଏକୀକରଣ ହାସଲ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହୋଇଛି। ଏନ୍‌ଆଇସି, ଆଇଆଇଟି ମାଡ୍ରାସ ଏବଂ ମନ୍ତ୍ରଣାଳୟର ମିଳିତ ସହଯୋଗରେ ହାସଲ ହୋଇଥିବା ଏହି ସଫଳତାକୁ ଉଚ୍ଚ ପ୍ରଶଂସା କରାଯାଇଛି।


## ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର
## Office of the Jaleswar Municipality, Jaleswar
Dist. : Balasore, Odisha-756032
Ph : (06781) 222407, Email : jaleswarmunicipality@gmail.com
No. 55 Date : 05.01.2026
**Short Tender Call Notice**
**No.C-2004** : Sealed Tenders are invited by the Undersigned in percentage rate basis from the eligible Odisha State Govt.Licensed Contractors with Municipality enlisted Contractor in the Jaleswar Municipality for execution of the following works of Jaleswar Municipality in the District of Balasore. **The Tender paper will be sold on 07.01.2026 to 16.01.2026 4.00 PM** during the office hours (Except Govt. Holidays) on production of valid Licence & payment cost of Tender Paper which is Non-refundable. The Tender papers will be received on **till dt 19.01.26 till 02.00 PM by Register / Speed Post /by hand only and the same will be opened on 19.01.2026 at 3.30 PM** in presence of the Contractors or their authorized agents. The Tender must be accompanied with Money receipt (Tender Paper cost) EMD,valid GST, PAN, Cont Licence, Affidavit, Contractor information Sheet, Pending work list (if any). The authority reserves the right to reject any or all tenders without assigning any reason thereof. Works list can be seen at Office Notice Board
Sd./- Executive Officer
Municipality, Jaleswar
OIPR -

## Odisha State Road Transport Corporation
Paribahan Bhawan, Sachivalaya Marg, Bhubaneswar, Odisha 751009
Email: osrtc@od.gov.in; Phone No.: 0674-2530908
Notice No. 242 Date : 07.01.2026
**EXPRESSION OF INTEREST**
**No.CAD-2966 : EOI FOR EMPANELMENT OF INSURANCE ADVISOR FOR ODISHA STATE ROAD TRANSPORT CORPORATION (OSRTC).**
Odisha State Road Transport Corporation (OSRTC) invites Proposal from interested agencies for the above-mentioned EoI. Please refer to the EoI document for details.
- The EoI document shall be available from **08/01/2026** onwards in the following web portal: www.osrtc.org and https://tendersodisha.gov.in. Any further intimation **(i.e. Corrigendum/ Addendum/ Responses to the queries/ Clarifications) shall be uploaded in the above website only**.
- Applicants are required to submit a duly filled EoI Proposal as per the prescribed formats online on or before **20/01/2026 till 05:00 PM**. The EoI Proposals received shall be opened at **04:00 PM on 21/01/2026**.
- In case of any queries/clarifications, E-mail at osrtc@od.gov.in
- OSRTC reserves the right to accept or reject bid process without assigning any reason thereof.

Sd./-General Manager (Operation)
Odisha State Road Transport Corporation
OIPR-

## DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA
Nayapalli, Bhubaneswar-751 012
Ph.: 2394336, E-mail : sihfwodisha@gmail.com
No.89//SIHFW-Estt.Trg.-01/24 (Part) Bhubaneswar Date : 06.01.2026
**TENDER NOTICE**
**No.E-663** : Sealed tenders are invited from the interested reputed Registered Travel Agencies/ Tour Operators for providing 1 (one) No. of Swift Dezire Petrol Vehicle (New Version) having registered in his/her name/ Agency name, on monthly hiring basis in conformity to the terms & conditions of the tender for the purpose of official use in the Directorate of SIHFW, Odisha, Nayapalli, Bhubaneswar. The details of term and conditions of tender, general information, quoted price and documents will be made available in the office of the Directorate of SIHFW, Odisha between 11 AM to 5 PM in any working day or can be downloaded from the website of Government of Odisha in Health and Family Welfare Department www.odisha.gov.in/health and this Directorate www.sihfwodisha.nic.in portal.

| | | |
|---|---|---|
| Date of Sale of Tender Paper | : | 08.01.2026 |
| Last Date Receipt of Tender | : | 31.01.2026 |
| Date of Opening of Tender | : | 06.02.2026 |
| Adress for Correspondence | : | Directorate of SIHFW, Odisha, Nayapalli, Bhubaneswar, Pin-751012 |

The tender will be opened on scheduled date and time in the office chamber of the undersigned in the presence of the authorized representatives of agencies. In the event of the date being declared as holiday for Government of Odisha, the due date of submission of bids & opening of bids will be next working day. Any tender received after the due. date and time will be rejected and returned to the sender unopened. The tender will be received through Registered Post/Couriers Service/ Speed Post only. The Authority reserves the right to reject any or all the tenders received without assigning any reason thereof.
Sd./- Director
State Institute of Health & Family Welfare, Odisha
OIPR-

## ନିଲାମ ଇସ୍ତାହାର
MM-479
ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଜଟାଧାରତଣ୍ଡ କାଜୁଜଙ୍ଗଲରୁ କାଜୁବାଦାମ ସଂଗ୍ରହ ନିଲାମରେ ଅଂଶଗ୍ରହଣ କରିବାପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ତା.୨୮.୦୧.୨୦୨୬ ରିଖ ଦିବା ୧୧ ଘଟିକା ସମୟରେ ବନଖଣ୍ଡ ଅଧିକାରୀ, ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଲାମରେ ନିମ୍ନଲିଖିତ ସର୍ତ୍ତାବଳୀ ପାଳନ ସହିତ ଅଂଶଗ୍ରହଣ କରିବାକୁ ଅନୁରୋଧ।
୧. ନିଲାମରେ ଅଂଶଗ୍ରହଣ କରିବାପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଟ.୫୦,୦୦୦.୦୦ (ପଚାଶ ହଜାର) E.M.D. Demand Draft in favour of Divisional Forest Officer, Mangrove Forest Division, (Wildlife) Rajnagarଙ୍କ ନାମରେ ଦାଖଲ କରିବେ। ଏହି Demand Draft କେବଳ Payable at Central Bank of India, ସାନବଡ ଗୋପାଳପୁର, ରାଜନଗର ହେବା ଆବଶ୍ୟକ।
୨. ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ନିଲାମ ଅର୍ଥ ଧାର୍ଯ୍ୟ କର ସହିତ ନିଲାମ ସରିବା ସଙ୍ଗେସଙ୍ଗେ Cheque ମାଧ୍ୟମରେ ସେହିଦିନ ଦାଖଲ କରିବେ, ନଚେତ ନିଲାମ ପାଇଁ ଦାଖଲ ହୋଇଥିବା E.M.D. ଅର୍ଥ ସରକାରଙ୍କ ତହବିଲକୁ ଚାଲିଯିବ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ଉକ୍ତ ନିଲାମଟିକୁ ହସ୍ତାନ୍ତର କରାଯିବ।
୩. ସର୍ବୋଚ୍ଚ ନିଲାମଧାରୀ ବ୍ୟକ୍ତିଙ୍କ ବ୍ୟତୀତ ନିଲାମରେ ଅଂଶଗ୍ରହଣ କରିଥିବା ଅନ୍ୟ ସମସ୍ତ ନିଲାମଧାରୀଙ୍କର E.M.D. ଅର୍ଥ ଉକ୍ତ ନିଲାମ ପରେ ଫେରସ୍ତ ଦିଆଯିବ ଏବଂ ସର୍ବୋଚ୍ଚ ଡାକଧାରୀବ୍ୟକ୍ତିଙ୍କ E.M.D. ତାଙ୍କ ନିଲାମ ଅର୍ଥ ବାବଦକୁ ହିସାବକୁ ନିଆଯିବ।
୪. ବନଖଣ୍ଡ ଅଧିକାରୀ, ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗର ନିଲାମଟିକୁ କୌଣସି କାରଣ ନଦର୍ଶାଇ ପ୍ରତ୍ୟାହାର କରିପାରିବେ।
ନିଲାମ ହେବାକୁ ଉଦ୍ଦିଷ୍ଟ ଲଟ୍‌ର ବିଷଦ ବିବରଣୀ ନିମ୍ନରେ ପ୍ରଦାନ କରାଗଲା

| କ୍ରମିକ ନମ୍ବର | ଲଟ୍ ନମ୍ବର | ସ୍ଥାନର ନାମ | ବନାଞ୍ଚଳ | ତାରିଖ, ସମୟ ଓ ସ୍ଥାନ |
|---|---|---|---|---|
| ୧ | ୦୧/୨୦୨୫-୨୬ | ଜଟାଧାରତଣ୍ଡ କାଜୁ ଜଙ୍ଗଲ | କୁଜଙ୍ଗ | ତା.୨୮.୦୧.୨୦୨୬ ରିଖ ଦିବା ୧୧ ଘଟିକା, ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଜନଗର |

ସ୍ୱା./-ବନଖଣ୍ଡ ଅଧିକାରୀ
ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗର
OIPR-

## ODISHA COOPERATIVE TASAR & SILK FEDERATION (SERIFED) LTD.
Sahid Nagar, Janpath, Bhubaneswar-751 007,
Tel: 2545586/2545852, email- serifedodisha@gmail.com,
website- www.serifedodisha.in
**TENDER CALL NOTICE**
BID IDENTIFICATION NO:- VI-13(07)/SERIFED/2025-26/18/ DT-06-01-2026
**No.CAD-2963** : The MANAGING DIRECTOR (SERIFED), Odisha, Bhubaneswar invites sealed tenders in double cover bids from the registered contractors for 01 no of work at Bhubaneswar. The bid documents such as DTCN/BOQ etc. can be seen/downloaded from the website : www.tendersodisha.gov.in. during the period dt. 10.01.2026 to 5.00 PM up to 21.01.2026. Tender shall be received till 5.00 PM on 21.01.2026 & shall be opened at 11.30 AM on 22.01.2026. Any addendum / corrigendum / cancellation of tender can also be seen in the said website.
OIPR- Sd./- Managing Director

## BRAHMAPUR DEVELOPMENT AUTHORITY
Court Road, Courtpeta, Brahmapur, Ganjam, Odisha, Pin-760004
www.bdabrahmapur.in, e-mail:bedaengineers@gmail.com, Phone No.0680-2292797
NATIONAL COMPETITIVE BIDDING THROUGH e-PROCUREMENT
**INVITATION FOR BIDS (IFB)**
No.CAD-2964 No.19/BeDA (Engg.), Dt.06.01.2026

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|---|
| 1 | Shifting of (500+100) KVA S/S at Multi Level car parking near traffic police out post, Old Bus Stand, Brahmapur | EM-BeDA-90/2025-26 | 13.57 | "HT" Electrical Contractor | 01 (One) Calendar Month | 07.01.2026 10.00 Hours | 16.01.2026 17.30 Hours | Engineer Member, Brahmapur Development Authority, Courtpeta, Brahmapur, 760004 |

- All Corrigendum and addenda shall be published in official website only.
- The Bidder shall have to participate in ONLINE bidding only.
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in
- Tender shall be opened online on Dt.17.01.2026 at 11 Hours.

Sd./- Engineer Member
Brahmapur Development Authority, Brahmapur
OIPR-

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
No.O-1963
(ଗ୍ରାମ୍ୟ / ପୋଷ୍ଟ - ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
(At/Po-Ambapua, Near Income Tax Office, Berhampur-760011, Ganjam, Odisha) (E-Mail : serwbpr2004@yahoo.com, Tel No.: 0680-2404287)
No. e-tender // 79 // RWC // BAM // Dated. 06.01.2026
2nd Corrigendum to Bid Identification No. Online Tender/42-2025-26/BPR
1) The partial modification of Road works under **MMSY-CUVDA** vide above identification has been made as follows.

| | | | |
|---|---|---|---|
| 1 | Date of availability of tender | : | **02.02.2026 to 16.02.2026 upto 5.30 P.M.** instead of 07.01.2026 to 21.01.2026 upto 5.30 P.M. |
| 2 | Last Date & Time of seeking tender clarification | : | **13.02.2026 at 5.30 P.M.** instead of 19.01.2026 at 5.30 P.M. |
| 3 | Date of opening of Technical Bid | : | **17.02.2026 at 11.00 A.M.** instead of 22.01.2026 at 11.00 A.M. |
| 4 | Date of opening of Financial Bid | : | Will be intimated later on. |

All other contents will remain unchanged.
Sd./- Chief Construction Engineer
R.W.Circle, Berhampur
OIPR-

## Directorate of Technical Education & Training, Odisha
At-Killamaidan, PO-Buxibazar, Cuttack-753001
Phone No- 0671 2301061, e-mail: dtetorissa@gmail.com
NIT No. DTET/2025-26/259 Date: 07/01/2026
**NOTICE INVITING TENDER FOR**
**Selection of an Agency/Bidder for assessment of Performance of the Govt. ITIs and Govt. Polytechnics/ Engineering Schools candidates under DTE&T, Odisha**
**No.KK-324** : DTE&T Odisha under the administrative control of Skill Development & Technical Education Department, Government of Odisha (the Client) invites sealed proposals from eligible bidders for "Selection of an Agency/Bidder for assessment of Performance of the Govt. ITIs and Govt. Polytechnics/Engineering Schools candidates under DTE&T, Odisha" through Odisha Government e-Procurement System (https://tendersodisha.gov.in). Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.tendersodisha.gov.in. and www.dtet.odisha.gov.in. Please refer to the RFP documents for details. The proposals complete in all respect must be submitted through e-tender process latest by 21.01.2026 (before 2:00 PM).
The RFP documents shall be available from 07/01/2026 onwards in the Odisha Government e-Procurement Portal (https://tendersodisha.gov.in.) & DTE&T Odisha website (www.dtet.odisha.gov.in/en/tenders). If required, further intimation [i.e. Corrigendum/Addendum/Responses to the queries/Clarifications etc.], shall be uploaded in the above websites only. DTE&T Odisha reserves all the rights to reject any/ all proposals at any stage without assigning any reason thereof.
OIPR- Sd./- DTE&T, Odisha, Cuttack

## GOVERNMENT OF ODISHA
E-Procurement Notice
## Superintending Engineer, M.I. Division, Angul
Bid Identification No.11 of 2025-26
E-mail ID- semidivisionangul@gmail.com
No.A-1244 Letter No.3704/ Date: 31.12.2025

| | | | |
|---|---|---|---|
| 1. | Number of Works | : | 02 (Two) numbers of Civil Work |
| 2. | Approximate estimated cost | : | From 40.32 Lakh to 42.17 Lakh |
| 3. | Cost of Tender Paper | : | Rs.6000/- (Non-refundable) |
| 4. | Period of Completion | : | 04 (Four) Months |
| 5. | Date & Time of availability of bid document in the portal | : | Dt.08.01.2026 at 10.00 AM to Dt.15.01.2026 upto 5.00 P.M. |
| 6. | Last date/Time for receipt of bid in the portal | : | Dt.15.01.2026 upto 5.00 P.M. |
| 7. | Date of Opening of bid documents | : | Dt.16.01.2026 at 10.00 A.M. |
| 8. | Date of Lottery if required | : | Dt.29.01.2026 At 11.00 A.M. |
| 9. | Name and address of the Office Inviting Bid | : | Superintending Engineer, Minor Irrigation Division, Angul, At/ Po- Hakimpada, College Square, District: Angul, PIN- 759143, Ph.No.06764-236522, Email ID: semidivisionangul@gmail.com |
| 10. | The bidders have to participate in ONLINE bidding only. Further details can be seen from the e-Procurement Portal | : | http://tendersorissa.gov.in |

Sd./- Superintending Engineer
M.I. Division, Angul
OIPR-

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆନ୍ତଃ ସ୍କୁଲ କ୍ରିକେଟ୍: କ୍ୱାର୍ଟରରେ ସାଇ ଇଣ୍ଟରନ୍ୟାଶନାଲ, ଭେଙ୍କଟେଶ୍ୱର

**ଭୁବନେଶ୍ୱର,୮।୧(ଅନାଦି କର)**

ଚଳିତ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ୟୁନିଲାଇଟ୍ କପ୍‌ରେ ଗୁରୁବାର ଖେଳାଯାଇଥିବା ଦୁଇଟି ପ୍ରି-କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ସାଇ ଇଣ୍ଟରନ୍ୟାଶନାଲ ଓ ଚନ୍ଦ୍ରଶେଖରପୁରର ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଦିନର ପ୍ରଥମ କ୍ୱାର୍ଟର ଫାଇନାଲରେ ଚନ୍ଦ୍ରଶେଖରପୁରର ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ୬ ଉଇକେଟରେ ଲୋୟଲା ଓଡ଼ିଶା ସ୍କୁଲକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଲୋୟଲା ସ୍କୁଲ ୧୮.୨ ଓଭରରେ ୧୧୫ ରନରେ ଅଲଆଉଟ୍ ହୋଇଥିଲା। ଲୋୟଲା ପାଇଁ ମୋହିତ ମେହେର ୪୦ ରନ କରିଥିବା ବେଳେ ଭେଙ୍କଟେଶ୍ୱର ସ୍କୁଲ ପାଇଁ ଅସିମ ଏ ରାଉତ ୫ ଉଇକେଟ ନେଇଥିଲେ। ଜବାବରେ ଅମ୍ଳାନ ଅଭିଷେକଙ୍କ ୩୧ ଓ ସୁରଜ ଧଳଙ୍କ ୩୯ ରନ ବଳରେ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ୧୪.୨ ଓଭରରେ ୪ ଉଇକେଟ ହରାଇ ୧୨୧ ରନ କରି ନେଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ୟୁନିଟ୍-୪ସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ୧୯.୫ ଓଭରରେ ୬୭ ରନରେ ଅଲଆଉଟ୍ ହୋଇଯାଇଥିଲା। ୬୮ ରନର ଟାର୍ଗେଟକୁ ସାଇ ଇଣ୍ଟରନ୍ୟାନଶନାଲ ୩.୫ ଓଭରରେ ବିନା ଉଇକେଟରେ ହାସଲ କରି ନେଇଥିଲା। ବିଜୟୀ ଦଳ ପାଇଁ ଶ୍ରେୟାଂଶ ବିଧାର ୩୬ ଓ ରୁଦ୍ର ପି ସ୍ୱାଇଁ ୧୯ ରନ କରିଥିଲେ।



ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ଅଷ୍ଟ୍ରେଲିଆ ୪-୧ରେ ଆଶେସ ଜିତିଲା

**ସିଡ୍‌ନୀ,୮।୧(ଏପି)**

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ(ଏସ୍‌ସିଜି)ରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟ କ୍ରିକେଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଗୁରୁବାର ୫ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ଘରୋଇ ଅଷ୍ଟ୍ରେଲିଆ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୪-୧ ବ୍ୟବଧାନରେ ଜିତି ନେଇଛି। ପ୍ରଥମ ଇନିଂସରେ ଇଂଲଣ୍ଡ ୩୮୪ ରନ କରିଥିବା ବେଳେ ଅଷ୍ଟ୍ରେଲିଆ ୫୬୭ ରନ କରିଥିଲା। ୧୮୩ ରନ ପଛରେ ରହିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୪୨ ରନରେ ଅଲଆଉଟ୍ ହୋଇଥିଲା। ଫଳରେ ୧୬୦ ରନର ଟାର୍ଗେଟକୁ ଅଷ୍ଟ୍ରେଲିଆ ୫ ଉଇକେଟରେ ହାସଲ କରି ନେଇଥିଲା। ଅଷ୍ଟ୍ରେଲିଆର ଓପନର ଟ୍ରାଭିସ ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ମିଚେଲ ଷ୍ଟାର୍କଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି। ଏହି ମ୍ୟାଚ୍ ଜରିଆରେ ଅଷ୍ଟ୍ରେଲିଆର ଉସ୍ମାନ ଖ୍ୱାଜା ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କରିଛନ୍ତି।

ଇଂଲଣ୍ଡ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୦୨/୮ରୁ ବ୍ୟାଟିଂ ଆରମ୍ଭ କରି ଅନ୍ତିମ ୨ ଉଇକେଟରେ ୪୦ ରନ ଯୋଡ଼ି ପାରିଥିଲା। ପୂର୍ବ ଦିନ ଅପରାଜିତ ଥିବା ଜେକବ ବେଥେଲ ୧୫୪ ରନ କରି ଆଉଟ୍ ହୋଇଥିବା ବେଳେ ମାଥ୍ୟୁ ପଟ୍ସ ୧୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ଓ ବ୍ୟୁ ୱେବଷ୍ଟର ୩ ଲେଖାଏଁ ଏବଂ ସ୍କଟ ବୋଲାଣ୍ଡ ୨ ଉଇକେଟ ନେଇଥିଲେ। ୧୬୦ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ଅଷ୍ଟ୍ରେଲିଆକୁ ଟ୍ରାଭିସ ହେଡ୍ (୨୯) ଓ ଜେକ ୱେଥରାଲ୍ଡ(୩୪)ଙ୍କ ଓପନିଂ ଯୋଡ଼ି ୬୨ ରନର ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ଦୁଇ ସେଟ୍ ବ୍ୟାଟର କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ମାର୍ନସ ଲାବୁସେନ (୩୭), ଅଧିନାୟକ ଷ୍ଟିଭ ସ୍ମିଥ (୧୨) ଓ ଖ୍ୱାଜା (୬)ଙ୍କ ଉଇକେଟ ହରାଇଥିଲା। କ୍ୟାରିୟରର ଅନ୍ତିମ ମ୍ୟାଚ୍ ଖେଳୁଥିବା ଖ୍ୱାଜା ବ୍ୟାଟିଂ କରିବାକୁ ଆସିବା ବେଳେ ତାଙ୍କୁ ଫିଲ୍ଡିଂ କରୁଥିବା ଇଂଲଣ୍ଡ ଦଳ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲା। ସେ ଆଉଟ୍ ହେବା ପରେ ଆଣ୍ଠେଇ ଫିଲ୍ଡକୁ କିସ କରି କ୍ରିକେଟକୁ ବିଦାୟ ଜଣାଇଥିଲେ। ଅନ୍ତିମ ଇନିଂସରେ ସେ ୬ ରନ କରି ପାଭିଲିଅନ ଫେରିଥିଲେ। ଏହାପରେ ଆଲେକ୍ସ କାରେ ୧୬ ଓ କାମେରନ ଗ୍ରୀନ ୨୨ ରନ କରି ଦଳକୁ ଜିତାଇଥିଲେ। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ ୩ ଓ ୱିଲ ଜ୍ୟାକ୍ସ ଗୋଟିଏ ଉଇକେଟ ହାତେଇଥିଲେ।


ଆଶେସ ଟ୍ରଫି ସହ ସିରିଜ୍ ବିଜୟୀ ଅଷ୍ଟ୍ରେଲିଆ ଦଳ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୪/ଅଲଆଉଟ୍। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୬୭/ଅଲଆଉଟ୍। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୪୨/ଅଲଆଉଟ୍(ଜେକବ ବେଥେଲ-୧୫୪, ମାଥ୍ୟୁ ପଟ୍ସ-୧୮*, ବ୍ୟୁ ୱେବଷ୍ଟର-୩/୬୪, ମିଚେଲ ଷ୍ଟାର୍କ-୩/୭୨)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୬୧/୫(ମାର୍ନସ ଲାବୁସେନ-୩୭, ଜେକ ୱେଥରାଲ୍ଡ-୩୪, ଜୋଶ ଟଙ୍ଗ-୩/୪୨)।

# ଡାକାର ରାଲିରୁ ଓହରିଲେ ସଞ୍ଜୟ ଟାକ୍‌ଲେ

**ନୂଆଦିଲ୍ଲୀ, ୮।୧ (ପି.ଟି.)**

ଯାନ୍ତ୍ରିକ ତ୍ରୁଟି ଯୋଗୁ ଭାରତୀୟ ରାଲି ଡ୍ରାଇଭର ସଞ୍ଜୟ ଟାକ୍‌ଲେ ସାଉଦି ଆରବରେ ଚାଲିଥିବା ଡାକାର ରାଲିରୁ ପ୍ରାରମ୍ଭରେ ଓହରିଯିବାକୁ ବାଧ୍ୟ ହୋଇଛନ୍ତି। ୫୭ ବର୍ଷୀୟ ଫ୍ରାନ୍ସର ମାକ୍ସିମି ରଡ୍‌ଙ୍କ ସହ ରେସ୍‌ରେ ଭାଗ ନେଇଥିଲେ, ମାତ୍ର ଇଞ୍ଜିନଜନିତ ବିଫଳତା ପାଇଁ ଷ୍ଟେଜ୍-୩ରେ ପରେ ବାଇଭୋକ୍‌ରେ ପହଞ୍ଚିବା ପରେ ଇଞ୍ଜିନ ସମ୍ବନ୍ଧୀୟ ବିଫଳତା ପାଇଁ ଓହରିଯାଇଥିଲେ। ଜାନୁଆରୀ ୩ରୁ ସାଉଦି ଆରବର ୟାନ୍‌ବୁଠାର ରେସ୍ ଆରମ୍ଭ ହୋଇଛି।

# କ୍ୱାର୍ଟରରେ ସିନ୍ଧୁ, ସାତ୍ୱିକ-ଚିରାଗ

**କୁଆଲାଲମ୍ପୁର, ୮।୧ (ପି.ଟି.):** ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ପ୍ରଭାବୀ ପ୍ରଦର୍ଶନ ସହ ଜାପାନର ଟୋମୋକା ମିୟାଜାକିଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ମାଲେସିଆ ଓପନ ସୁପର ୧୦୦୦ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବାବେଳେ ପୁରୁଷ ସଙ୍ଗଲ୍ସରେ ଭାରତର ଅଭିଯାନ ଶେଷ ହୋଇଛି। ଦୀର୍ଘଦିନ ଧରି ଆଘାତଜନିତ ସମସ୍ୟାରେ ରହିବା ପରେ ଫେରିଥିବା ପୂର୍ବତନ ବିଶ୍ୱ ଚାମ୍ପିୟନ ମିୟାଜାକିଙ୍କୁ ୨୧-୮, ୨୧-୧୩ରେ ପରାସ୍ତ କରିବା ଲାଗି ମାତ୍ର ୩୩ ମିନିଟ ସମୟ ନେଇଥିଲେ। ଦୁଇଥର ଅଲିମ୍ପିକ ପଦକ ବିଜେତା ସିନ୍ଧୁ ବର୍ତ୍ତମାନ ୩ଥର ବିଶ୍ୱ ଚାମ୍ପିୟନ ତଥା ଚାଇନାର ଗାଓ ଫାଙ୍ଗ୍ ଜିଙ୍କୁ ୨୧-୧୧, ୪-୧୧, ୨୧-୧୭ରେ ହରାଇ ଦେଇଛନ୍ତି। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ବ୍ରୋଞ୍ଜ ଜିତିଥିବା ଶୀର୍ଷ ପୁରୁଷ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବିଶ୍ୱର ୧୭ନମ୍ବର ଜୁନେଦ ଆରିଫ ଓ ରୟ କିଙ୍ଗ୍ ୟାପ୍‌ଙ୍କୁ ୨୧-୧୮, ୨୧-୧୨ରେ ପରାସ୍ତ କରି ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପୂର୍ବତନ ବିଶ୍ୱର ନମ୍ବର-୧ ଭାରତୀୟ ଯୋଡ଼ି ୨୦୨୫ରେ ହଂକଂ ଓପନ ଓ ଚାଇନା ମାଷ୍ଟର୍ସ ଫାଇନାଲରେ ପ୍ରବେଶ କରିଥିଲେ। ମାଲେସୀୟ ଯୋଡ଼ିଙ୍କ ବିପକ୍ଷରେ ସେମାନଙ୍କ ବିଜୟ ପରାଜୟ ରେକର୍ଡ ୪-୦ରେ ପହଞ୍ଚିଛି।



ରାଞ୍ଚିଠାରେ ଗୁରୁବାର ମହିଳା ହକି ଇଣ୍ଡିଆ ଲିଗ୍‌ର ତୃତୀୟ ସ୍ଥାନ ପାଇଁ ରାଞ୍ଚି ରୟାଲ୍ସ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ଏଥିରେ ରାଞ୍ଚି ରୟାଲ୍ସ ୫-୨ ଗୋଲ୍‌ରେ ବିଜୟ ଲାଭ କରିଥିଲା।

# ୧୭ଜଣିଆ ଭାରତୀୟ ଦଳର ନେତୃତ୍ୱ ନେବେ ତୁର୍




**ନୂଆଦିଲ୍ଲୀ, ୮।୧ (ପି.ଟି.)**

## ଏସିଆନ୍ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍

ଏସିଆନ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ ଚାଇନାର ତିଆନଜିନ୍‌ଠାରେ ଫେବୃଆରୀ ୬ରୁ ୮ ପର୍ଯ୍ୟନ୍ତ ହେବ। ଏଥିପାଇଁ ଭାରତୀୟ ଦଳର ନେତୃତ୍ୱ ନେବେ ଦୁଇଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ଶଟ୍‌ପୁଟର ତାଜିନ୍ଦରପାଲ୍ ସିଂ ତୁର୍। ଏହି ମହାଦେଶୀୟ ଇଭେଣ୍ଟରେ ଭାଗ ନେବା ଲାଗି ଦଳ ଫେବୃଆରୀ ୩ରେ ଭାରତ ଛାଡ଼ିବ। ତୁର୍‌ଙ୍କ ବ୍ୟତୀତ ଦଳରେ ଉଦୀୟମାନ ଶଟ୍ ପୁଟର ସମନଦୀପ ସିଂଙ୍କୁ ମଧ୍ୟ ସ୍ଥାନ ମିଳିଛି। **ଭାରତୀୟ ଦଳ:** ପୁରୁଷ: ମଣିକାନ୍ତ ହୋବ୍ଲିଧର (୬୦ମିଟର), ତେଜସ ଶିର୍ଷେ (୬୦ ମିଟର ହର୍ଡଲ୍ସ), ଜେ. ଆଦର୍ଶ ରାମ୍ (ହାଇଜମ୍ପ), ସି.ଭି ଅନୁରାଗ ଓ ଶାହାନାୱାଜ ଖାନ୍ ( ଲଙ୍ଗ ଜମ୍ପ), ପ୍ରବୀଣ ଚିତ୍ରାଭେଲ୍ (ଟ୍ରିପଲ ଜମ୍ପ), , ସମରନଦୀପ ସିଂ ଗିଲ୍ , ତାଜିନ୍ଦର ପାଲ୍ ସିଂ ତୁର୍ (ଶଟପୁଟ), ତେଜସ୍ୱିନୀୟ ଶଙ୍କର (ହେପ୍ଟାଥଲନ)। **ମହିଳା:** ନିଥ୍ୟା ଗାନ୍ଧେ, ଅଭିନୟ ରାଜାରଞ୍ଜନ (୬୦ମିଟର), ମୌମିତା ମଣ୍ଡଳ ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ (୬୦ମିଟର ହର୍ଡଲ୍ସ), ପୂଜା (ହାଇଜମ୍ପ), ଆନ୍‌ସି ସୋଜାନ ଏବଂ ମୌମିତା ମଣ୍ଡଳ (ଲଙ୍ଗଜମ୍ପ), ଯୋଗିତା (ଶଟ୍‌ପୁଟ୍) ଓ କେ. ଏ ଅନାମିକା (ପେଣ୍ଟାଥଲନ)।


# Classified Everyday
**0674-2580101, 9692975378**



REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500Sqft. ପ୍ଲଟ୍ 6,75,000/ରେ ବିକ୍ରି ହେବ। 9776974912. D-3065

ଭୁବନେଶ୍ୱର ତହସିଲ, ମେଣ୍ଢାଶାଳ ମୌଜାରେ ଏ୨.୦୦୦ ଜମି ବିକ୍ରିହେବ। ଯୋଗାଯୋଗ ନଂ.- 7855868176. D-60988

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

All types of physiotherapy and massage. Contact: 9556924059/ 7656969134. D-3013

Newly open health benefits, joint pain relax good environment atmosphere. 7653969971. D-3035

**AFFIDAVIT**

By virtue of an affidavit dtd.- 08.01. 2026 sworn before Executive Magistrate, Bonth, Bhadrak, I, Saroj Kumar Sahoo, S/o.- Surendra Kumar Sahoo, Vill.- Purusandha, P.O.- B T Pur, P.S.- Agarapada, Dist.- Bhadrak, Odisha, PIN- 756115 declare that I have changed my name from Prafulla Sahoo to Saroj Kumar Sahoo. Henceforth, I shall be known as Saroj Kumar Sahoo for all purposes. D-3061

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Notary, Jharsuguda, Dtd.- 28.12.25, I, Purnima Bhoi, W/o.- Abhin Bhoi, R/o.- Remja, Power House Pada, P.O./ P.S.- Brajrajnagar, Dist.- Jharsuguda (Odisha), PIN- 768216 declare that I have changed my name from Phenda Bhoi to Purnima Bhoi. Henceforth, I shall be known as Purnima Bhoi for all purposes.
Purnima Bhoi. D-3062

By virtue of affidavit No. 20 sworn before the Executive Magistrate, Nabarangpur, Dtd.- 05.01.2026, I, Madanabati Chandal, D/o.- Braja Chandal, Vill.- Mundaguda, P.O.- Bhatigaon, Via- Mirganiguda, Dist.- Nabarangpur, Odisha, PIN- 764058 declare that I have changed my name from "Madana Chandal" to "Madanabati Chandal". Henceforth, I shall be known as "Madanabati Chandal" for all purposes. D-3064

**LEGAL NOTICE**

**BEFORE THE HON'BLE JUDGE, FAMILY COURT, BHUBANESWAR.**
**C.P. No.- 867/ 2023**

**Amber Alam ...........Petitioner**
**-Vrs.-**
**Aisurya Sanghamitra Das ...........Respondent**

**NOTICE UNDER ORDER- 5 RULE- 20 OF C.P.C.**

**To**
**Aisurya Sanghamitra Das, aged about 41 years, W/o. Amber Alam, D/o. Sunuil Kumar Das, resident of At/ P.O.- Chakada, Via- Derabis, P.O. & P.S.- Kendrapara. At present residing at Qrs. No.- E/201, Block No.- 34, P.O/P.S.- Nayapalli, Bhubaneswar, Dist.- Khurda.**

**Whereas the above named Petitioner has preferred the proceeding for Divorce U/s. 27(1) (d) of the Special Marriage Act, 1954 against you and despite issuance of summons through the Court and by Regd. Post, you are keeping yourself out of the way to avoid service of summons.**

**You are hereby directed to appear before this Court in person or through a pleader duly instructed to answer the claim on 12.02.26 at 10.30 A.M.**

**Take notice that in default of your appearance the proceeding will be heard and determined in your absence.**

**Given under my hand and the seal of the Court this 16th day of December, 2025.**

**Sd./- Judge, Family Court**
**Bhubaneswar**
D-3066


# ଯୌନ ନିର୍ଯାତନା ମାମଲାରେ ଶୁଟିଂ କୋଚ୍ ନିଲମ୍ବିତ

**ନୂଆଦିଲ୍ଲୀ,୮।୧(ପି.ଟି.):** ଭାରତୀୟ ଶୁଟିଂ କୋଚ ଅଙ୍କୁଶ ଭରଦ୍ୱାଜଙ୍କ ବିରୋଧରେ ଜଣେ ନାବାଳିକା ଶୁଟର ଗୁରୁବାର ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏଥିଯୋଗୁ ଭରଦ୍ୱାଜଙ୍କୁ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ପକ୍ଷରୁ ନିଲମ୍ବିତ କରାଯାଇଛି। ତାଙ୍କ ବିରୋଧରେ ଫରିଦାବାଦରେ ପୋକ୍‌ସୋ ଆଇନର ଧାରା ୬ ଓ ଭାରତୀୟ ନ୍ୟାୟ ସଂହିତାର ୩୫୧(୨) ଦଫାରେ ମାମଲା ରୁଜୁ କରାଯାଇଛି।

ଏନ୍‌ଆର୍‌ଏଆଇ ପକ୍ଷରୁ ଭରଦ୍ୱାଜଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କୁ ନୈତିକତା ଆଧାରରେ ନିଲମ୍ବିତ କରାଯାଇଛି ବୋଲି ଏନ୍‌ଆର୍‌ଏଆଇ ସମ୍ପାଦକ ରାଜିବ ଭାଟିଆ କହିଛନ୍ତି।

ଏଫ୍‌ଆଇଆର୍‌ରେ ପୀଡ଼ିତା ଦର୍ଶାଇଛନ୍ତି, କୋଚ୍ ତାଙ୍କୁ ବିଭିନ୍ନ ଭେନ୍ୟୁକୁ ଟ୍ରେନିଂ ଲାଗି ଡାକନ୍ତି। କିନ୍ତୁ ପ୍ରତ୍ୟେକ ଥର ସେ ଟ୍ରେନିଂ ସାରି ସମାନ ଦିନ ଘରକୁ ଫେରି ଆସେ। କିନ୍ତୁ ଘଟଣା ଦିନ କାର୍ଣ୍ଣି ସିଂ ରେଞ୍ଜରୁ ବାହାରିଲା ବେଳେ ଭରଦ୍ୱାଜ ତାଙ୍କୁ ପ୍ରଦର୍ଶନର ବିଶ୍ଳେଷଣ କରିବା ପାଇଁ ରହିବାକୁ କହିଥିଲେ। ଫରିଦାବାଦର ସୁରଜକୁଣ୍ଡ ଅଞ୍ଚଳରେ ଥିବା ଏକ ହୋଟେଲର ଲବିରେ ତାଙ୍କୁ ଭେଟିବାକୁ କହିଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କୁ ଅଧିକ ବିସ୍ତୃତ ଆଲୋଚନା ପାଇଁ ନିଜ ରୁମ୍‌କୁ ଡାକିଥିଲେ। ରୁମ୍‌ରେ କିଛି ସମୟ ଆଲୋଚନା ପରେ ସେ ମୋତେ ବଳପୂର୍ବକ ଯୌନ ନିର୍ଯାତନା ଦେଇଥିଲେ ଏବଂ ସେ ବିରୋଧ କରିବାରୁ କାହାକୁ ଏ ସମ୍ପର୍କରେ କହିଲେ, ମୋ କ୍ୟାରିୟର ଶେଷ କରିବାକୁ ଧମକ ଦେଇଥିଲେ।

# ନମ୍ବର ୱାନ୍-ଟୁ ଲଢ଼େଇ

**ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୩ ଏକଦିବସୀୟ ଓ ୫ ମ୍ୟାଚବିଶିଷ୍ଟ ଟି୨୦ ସିରିଜ ଅନୁଷ୍ଠିତ ହେବ। ଆସନ୍ତା ୧୧ରେ ଭଦୋଦରାରେ ପ୍ରଥମ ଦିନିକିଆରୁ ଏହି ସିରିଜ ଆରମ୍ଭ ହେବ। ଆଇସିସି ଦିନିକିଆ ର୍ୟାଙ୍କିଂରେ ଏବେ ଭାରତ ୧ ଓ ନ୍ୟୁଜିଲାଣ୍ଡ ୨ ନମ୍ବର ସ୍ଥାନରେ ରହିଛି। ଦୁଇ ଦଳ ସମକକ୍ଷ ହୋଇଥିବାରୁ ଲଢ଼େଇ ବେଶ୍ ସଂଘର୍ଷପୂର୍ଣ୍ଣ ହେବ...**



ନିର୍ମଳ କୁମାର ମିଶ୍ର

ଟି୨୦ ବିଶ୍ୱକପ ପୂର୍ବରୁ ଭାରତ ଗସ୍ତରେ ଆସୁଛି ନ୍ୟୁଜିଲାଣ୍ଡ ଦଳ। ଏହି ସିରିଜରେ ଭାରତ ଘରୋଇ ମାଟିରେ ୩ଟି ଏକଦିବସୀୟ ଓ ୫ଟି ଟି୨୦ ମ୍ୟାଚ ଖେଳିବ। ଏକଦିବସୀୟ ସିରିଜରୁ ଅଭିଯାନ ଆରମ୍ଭ ହେବ। ବିଶ୍ୱ ର୍ୟାଙ୍କିଂର ନମ୍ବର 'ୱାନ' ଓ 'ଟୁ' ଦଳ ମଧ୍ୟରେ ମୁକାବିଲା ହେବ। ପ୍ରଦର୍ଶନ ଦୃଷ୍ଟିରୁ ଆଇସିସି ଏକଦିବସୀୟ ର୍ୟାଙ୍କିଂରେ ଭାରତ ୧ ଓ ନ୍ୟୁଜିଲାଣ୍ଡ ୨ ନମ୍ବର ସ୍ଥାନରେ ରହିଛି। ୨୦୨୬ର ଏହି ଗୁରୁତ୍ୱପୂର୍ଣ୍ଣ ସିରିଜରୁ ଅଭିଯାନ ଆରମ୍ଭ କରିବ ଟିମ୍ ଇଣ୍ଡିଆ। ହ୍ୱାଇଟ ବଲ୍ ଫର୍ମାଟ୍‌ରେ ଭାରତୀୟ ଦଳ ଓ ଖେଳାଳିମାନେ ଜବରଦସ୍ତ ଫର୍ମରେ ଅଛନ୍ତି। ନ୍ୟୁଜିଲାଣ୍ଡ ମଧ୍ୟ ଏକ ଶକ୍ତିଶାଳୀ ଦଳ। ଭାରତ ମାଟିରେ ନ୍ୟୁଜିଲାଣ୍ଡ ଦଳ କେବେ ହେଲେ ଏକଦିବସୀୟ ସିରିଜ ଜିତି ନାହିଁ। ଗତ ବର୍ଷ ଟେଷ୍ଟ ସିରିଜରେ ଭାରତକୁ ହ୍ୱାଇଟ ୱାଶ କରିବା ପରେ ନ୍ୟୁଜିଲାଣ୍ଡ ଦଳର ମନୋବଳ ଦୃଢ଼ ରହିଛି। ଅନ୍ୟ ପକ୍ଷରେ ଭାରତୀୟ ଦଳ ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି। ଟି୨୦ ସିରିଜ ଓ ବିଶ୍ୱକପକୁ ଆଖି ଆଗରେ ରଖି ଦଳରେ କିଛି ପରିବର୍ତ୍ତନ କରାଯାଇଛି। ଆଗକୁ ଟି୨୦ ବିଶ୍ୱକପ ଏବଂ ଆଇପିଏଲ୍‌ର ୧୯ଶ ସଂସ୍କରଣ ଆସୁଥିବାରୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଖେଳାଳିଙ୍କ ଆହତ ସମସ୍ୟା ଉପରେ ବିସିସିଆଇ ଏବଂ ଚୟନ କମିଟି ବିଶେଷ ଧ୍ୟାନ ଦେବ।

ଟି୨୦ ବିଶ୍ୱକପକୁ ଏକ ମାସରୁ କମ୍ ସମୟ ଥିବା ବେଳେ ଏହି ଗସ୍ତ ଉଭୟ ବ୍ଲାକ୍‌କ୍ୟାପ ଏବଂ ଟିମ୍ ଇଣ୍ଡିଆ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ହ୍ୱାଇଟ ବଲ ଫର୍ମାଟ୍‌ରେ ଦକ୍ଷିଣ ଆଫ୍ରିକାକୁ ଉଭୟ ଏକଦିବସୀୟ ଏବଂ ଟି୨୦ ଫର୍ମାଟ୍‌ରେ ଭାରତ ପରାସ୍ତ କରିଛି। ପ୍ରାୟ ଏକ ମାସର ବିଶ୍ରାମ ପରେ ନୂଆ ବର୍ଷ ୨୦୨୬ରେ ଏହି ପ୍ରଥମ ସିରିଜ ଭାରତ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଭାରତ ଘରୋଇ ମାଟିରେ ୩ଟି ଏକଦିବସୀୟ ଓ ୫ଟି ଟି୨୦ ମ୍ୟାଚ ଖେଳିବ। ଉଭୟ ହ୍ୱାଇଟ ବଲ୍ ଫର୍ମାଟ୍‌ରେ ଭାରତ ଘରୋଇ ଏବଂ ବିଦେଶ ମାଟିରେ ଦବ୍‌ଦବା ଅବ୍ୟାହତ ରଖିଛି। ଟି୨୦ ବିଶ୍ୱକପ ଏବଂ ନ୍ୟୁଜିଲାଣ୍ଡ ସିରିଜ ପାଇଁ ଭାରତ ତା'ର ଶକ୍ତିଶାଳୀ ଦଳ ଘୋଷଣା କରିସାରିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଗତ ଟି୨୦ ବିଶ୍ୱ ଚାମ୍ପିୟନ ହୋଇଥିଲା। ୨୦୨୪ରେ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଆମେରିକା ଏବଂ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ୧୦ମ ସଂସ୍କରଣର ଆୟୋଜକ ରହିଛି ଭାରତ ଓ ଶ୍ରୀଲଙ୍କା। ଦୁଇ ପଡ଼ୋଶୀ ଦେଶ ପାକିସ୍ତାନ ଏବଂ ବାଂଲାଦେଶ ସହ ଭାରତର ରାଜନୈତିକ ସମ୍ପର୍କରେ ତିକ୍ତତା ଯୋଗୁ ଏହାର ପ୍ରଭାବ କ୍ରିକେଟ ଉପରେ ପଡିଛି। ପାକିସ୍ତାନ ତା'ର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳିବାକୁ ଥିବା ବେଳେ ଏବେ ବାଂଲାଦେଶ ମଧ୍ୟ ଖେଳିବାକୁ ଥିବା ସମସ୍ତ ମ୍ୟାଚ ନିରପେକ୍ଷ ଭେନ୍ୟୁ ଶ୍ରୀଲଙ୍କାରେ ଖେଳିବା ପାଇଁ ଆଇସିସିକୁ ଅନୁରୋଧ କରିଛି।

ଭାରତର ୪ ବ୍ୟାଟର୍ସ ବିଶ୍ୱର ପ୍ରଥମ ୧୦ଜଣ ଶ୍ରେଷ୍ଠ ବ୍ୟାଟର୍ସଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ରୋହିତ ଶର୍ମା ୧, ବିରାଟ କୋହଲି ୨, ଅଧିନାୟକ ଶୁଭମନ ଗିଲ ୫ ଏବଂ ଶ୍ରେୟସ ଆୟର ୧୦ ନମ୍ବର ସ୍ଥାନରେ ଅଛନ୍ତି। ସେହିପରି ନ୍ୟୁଜିଲାଣ୍ଡ ବ୍ୟାଟର ଡାରେଲ ମିଚେଲ ୩ ନମ୍ବର ସ୍ଥାନରେ ରହିଛନ୍ତି। ଏକଦିବସୀୟ ବୋଲିଂ ର୍ୟାଙ୍କିଂରେ କୁଲଦୀପ ଯାଦବ ୩ନଂ ସ୍ଥାନରେ ଥିବାବେଳେ ନ୍ୟୁଜିଲାଣ୍ଡର ମିଚେଲ ସାଣ୍ଟନର ୭ ଏବଂ ମ୍ୟାଟ ହେନେରୀ ୧୦ନଂ ସ୍ଥାନରେ ଅଛନ୍ତି। ସେ ଦୃଷ୍ଟି କୋଣରୁ ସିରିଜ ବେଶ୍ ରୋମାଞ୍ଚକ ହେବା ଆଶା କରାଯାଉଛି। ଭାରତର ଦୁଇ ଭେଟରାନ ଷ୍ଟାର ବ୍ୟାଟର୍ସ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। ଚମତ୍କାର ଫର୍ମରେ ଅଛନ୍ତି ଏହି ଦୁଇ ତାରକା। ଶୁବମନ ଗିଲ ଏବଂ ଶ୍ରେୟସ ଆୟରଙ୍କୁ ଏକଦିବସୀୟ ସିରିଜ ପାଇଁ ମନୋନୀତ କରାଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିବା ଲୋକେଶ ରାହୁଲଙ୍କୁ ଅଧିନାୟକ ପଦରୁ ଅବ୍ୟାହତି ଦିଆଯାଇଛି। ଟି୨୦ ସିରିଜ ଓ ବିଶ୍ୱକପର ଗୁରୁତ୍ୱ ଦୃଷ୍ଟିରୁ ଯଶପ୍ରୀତ ବୁମରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଚୟନକର୍ତ୍ତା ବିଶ୍ରାମ ଦେଇଛନ୍ତି। ଅନ୍ୟପକ୍ଷରେ ଶୁବମନ ଗିଲ ଏବଂ ଶ୍ରେୟସ ଆୟରଙ୍କୁ ଟି୨୦ ବିଶ୍ୱକପରୁ ବାଦ ଦିଆଯାଇଛି। ଏକଦିବସୀୟ ସିରିଜରୁ ଏମାନଙ୍କ ଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି।

ଅନ୍ୟପକ୍ଷରେ ଦୀର୍ଘ ଦିନ ହେବ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ ସତ୍ତ୍ୱେ ମହମ୍ମଦ ଶାମିଙ୍କୁ ଉପେକ୍ଷା କରାଯାଇଛି। ଏକଦିବସୀୟ ଫର୍ମାଟରେ ଜଣେ ସଫଳ ବୋଲରଙ୍କ ପାଇଁ ଏହି ଫର୍ମାଟ୍ ବନ୍ଦ ହୋଇଯାଇଛି କହିଲେ ଠିକ୍ ରହିବ। ଘରୋଇ ଫର୍ମାଟ୍‌ରେ ମୋଟ ୧୬ଟି ମ୍ୟାଚରୁ ଏପର୍ଯ୍ୟନ୍ତ ସେ ୪୭ଟି ଉଇକେଟ ନେଇଛନ୍ତି। ରଣଜୀ ଟ୍ରଫିରେ ୨୦, ବିଜୟ ହଜାରେ ଟ୍ରଫିରେ ୧୧ ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ୧୬ଟି ଉଇକେଟ ନେଇଥିବାରୁ ସେ ଚୟନ ଆଶା ରଖିଥିଲେ। ମାତ୍ର ତାହା ହୋଇନାହିଁ। ଦିନିକିଆରେ ମହମ୍ମଦ ସିରାଜ, ହର୍ଷିତ ରାଣା, ଅର୍ଶଦୀପ ସିଂ ଏବଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡି ପେସ୍ ଭାର ସମ୍ଭାଳିବେ। ଖରାପ ପ୍ରଦର୍ଶନ ସତ୍ତ୍ୱେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପୁନର୍ବାର ସୁଯୋଗ ମିଳିଛି। ରବୀନ୍ଦ୍ର ଜାଡେଜା, ୱାଶିଂଟନ୍ ସୁନ୍ଦର ଓ କୁଲଦୀପ ଯାଦବଙ୍କ ସ୍ପିନ ଆକ୍ରମଣର ସାମନା କରିବ କିୱି ଦଳ।

୩ଟି ଏକଦିବସୀୟ ମ୍ୟାଚ ଜାନୁଆରୀ ୧୧, ୧୪ ଓ ୧୮ ତାରିଖରେ ଭଦୋଦରା, ରାଜକୋଟ ଏବଂ ଇନ୍ଦୋରରେ ଖେଳାଯିବ। ୨୦୨୫ରେ ଭାରତ ଖେଳିଥିବା ମୋଟ ୧୪ଟି ଏକଦିବସୀୟ ମ୍ୟାଚରୁ ୧୧ଟିରେ ବିଜୟୀ ହୋଇଥିବା ବେଳେ ମାତ୍ର ୩ଟି ମ୍ୟାଚରେ ପରାଜିତ ହୋଇଛି। ଘରୋଇ ଏକଦିବସୀୟ ସିରିଜରେ ଭାରତ ୨୦୦୯ଠାରୁ ତା'ର ଦବ୍‌ଦବା ଅବ୍ୟାହତ ରଖିଛି। ୨୪ଟି ସିରିଜରେ ବିଜୟୀ ହୋଇଛି। ୨୦୧୯ରେ ଏକ ରୋମାଞ୍ଚକ ସିରିଜରେ ୨-୩ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ୨୦୧୯ରୁ ୨୦୨୫ ମଧ୍ୟରେ ଭାରତ ୧୧ଟି ଦ୍ୱିପାକ୍ଷିକ ଏକଦିବସୀୟ ସିରିଜ ଖେଳି ୧୧ଟିରେ ବିଜୟୀ ହୋଇଛି। ଅଭିଜ୍ଞ କେନ ୱିଲିୟମସନ୍ ନ୍ୟୁଜିଲାଣ୍ଡ ଦଳରେ ନାହାନ୍ତି। ମାଇକେଲ ବ୍ରାସ୍‌ୱେଲ ଦଳର ଅଧିନାୟକ ହୋଇଥିବା ବେଳେ ଡାରେଲ ମିଚେଲ, ହେନେରୀ ନିକୋଲାସ, ଡେଭନ କନୱେ, ଗ୍ଲେନ ଫିଲପ୍ସ, ମ୍ୟାଟ ହେନେରୀ, କାଇଲ ଜେମିସନ, ଇଶ୍ ସୋଧିଙ୍କ ପରି ଦକ୍ଷ ଖେଳାଳି ରହିଛନ୍ତି।

ନ୍ୟୁଜିଲାଣ୍ଡ ବିପକ୍ଷ ଏକଦିବସୀୟ ସିରିଜରେ ବିରାଟ କୋହଲି ୩୩ଟି ମ୍ୟାଚ ଖେଳି ୧୬୫୭ ରନ୍ ସଂଗ୍ରହ କରିଥିବା ବେଳେ ଏଥି ମଧ୍ୟରେ ୬ଟି ଶତକ ଏବଂ ୯ଟି ଅର୍ଦ୍ଧଶତକ ରହିଛି। ସେହିପରି ରୋହିତ ଶର୍ମା ଅନ୍ୟତମ ସଫଳ ବ୍ୟାଟର ଭାବେ ୩୧ଟି ମ୍ୟାଚ ଖେଳି ୧୦୭୩ ରନ୍ ସଂଗ୍ରହ କରିଥିବା ବେଳେ ଏଥିରେ ୨ଟି ଶତକ ଓ ୬ଟି ଅର୍ଦ୍ଧ ଶତକ ରହିଛି। ଅନ୍ୟ ସଫଳ ବ୍ୟାଟର୍ସ ରୂପେ ଶୁବମନ ଗିଲ, କେ.ଏଲ ରାହୁଲ ଏବଂ ଶ୍ରେୟସ ଆୟାର ରହିଛନ୍ତି। ସ୍ପିନର କୁଲଦୀପ ଯାଦବ ୧୩ ମ୍ୟାଚରୁ ୨୪ଟି ଉଇକେଟ ନେଇ ଆଗରେ ରହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ଏକଦିବସୀୟ ମ୍ୟାଚରେ ଭାରତର ସର୍ବାଧିକ ସ୍କୋର ୩୯୭ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ରହିଥିବା ବେଳେ ୧୩ଥର ୩ଶହରୁ ଅଧିକ ରନ ଦଳଗତ ଭାବେ ସଂଗ୍ରହ କରିଛି। ଭାରତର ସର୍ବନିମ୍ନ ସ୍କୋର ୮୮ ରନ୍ ରହିଥିବା ବେଳେ ନ୍ୟୁଜିଲାଣ୍ଡର ସର୍ବନିମ୍ନ ସ୍କୋର ବିଶାଖାପାଟଣାରେ ୭୯ ରହିଛି। ସେହିପରି ଭାରତ ବିପକ୍ଷରେ ଏକଦିବସୀୟ ମ୍ୟାଚରେ ନ୍ୟୁଜିଲାଣ୍ଡର ସର୍ବାଧିକ ସ୍କୋର ୩୪୯ ରନ୍ ରହିଛି। ନ୍ୟୁଜିଲାଣ୍ଡକୁ ଭାରତର ସ୍ପିନ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀ ଆପଣେଇବା ଆଶାରେ ଥିବା ନ୍ୟୁଜିଲାଣ୍ଡ ଭାରତକୁ ଏହାର ଘରୋଇ ପରିବେଶରେ ହରାଇବାକୁ ହେଲେ କିଛି ଚମତ୍କାରିତା ଦେଖାଇବାକୁ ହେବ। ଉଭୟ ଦେଶ ମଧ୍ୟରେ ୧୨୦ଟି ଏକଦିବସୀୟ ମ୍ୟାଚ ଖେଳାଯାଇଥିବା ବେଳେ ଭାରତ ୬୨ ଓ ନ୍ୟୁଜିଲାଣ୍ଡ ୫୦ଟିରେ ବିଜୟୀ ହୋଇଛି। ୭ ମ୍ୟାଚର ଫଳାଫଳ ମିଳି ନ ଥିବା ବେଳେ ଗୋଟିଏ ମ୍ୟାଚ ଟାଇ ରହିଛି।

ଅନ୍ୟ ପକ୍ଷରେ ଟି୨୦ରେ ନ୍ୟୁଜିଲାଣ୍ଡ ଦଳ ବେଶ୍ ଶକ୍ତିଶାଳୀ। ବିଶ୍ୱକପ ପୂର୍ବରୁ ଏହି ସିରିଜରେ ଶେଷ ୫ଟି ଟି୨୦ ମ୍ୟାଚ ଖେଳିବ ଭାରତ। ନ୍ୟୁଜିଲାଣ୍ଡ ମଧ୍ୟ ଟି୨୦ରେ ବିଶ୍ୱକପ ଜିତିବା ପାଇଁ ଦୃଢ଼ ଦାବିଦାର ରହିଛି। ବର୍ତ୍ତମାନ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭାରତ ପକ୍ଷରୁ ଅଧିକ ସଫଳତା ପାଇଥିବା ଖେଳାଳି ହୋଇଥିବା ବେଳେ ଯଶପ୍ରୀତ ବୁମରା ୧୦ଟି ଟି୨୦ ମ୍ୟାଚରୁ ୧୨ଟି ଏବଂ ଅର୍ଶଦୀପ ସିଂ ୫ଟି ମ୍ୟାଚରୁ ୯ଟି ଉଇକେଟ ନେଇଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ସଫଳ ବୋଲର ରୂପେ ଇଶ୍ ସୋଧି ୨୦ଟି ମ୍ୟାଚରୁ ୨୫ ଉଇକେଟ ଏବଂ ବ୍ୟାଟିଂରେ ଡାରେଲ ମିଚେଲ, ଡେଭନ କନୱେ, ଗ୍ଲେନ ଫିଲିପସ ସଫଳ ବ୍ୟାଟର୍ସ ରହିଛନ୍ତି। ମିଚେଲ ସାଣ୍ଟନର ବ୍ଲାକ୍‌କ୍ୟାପ ଦଳର ନେତୃତ୍ୱ ନେବେ। ଟି୨୦ରେ ଉଭୟ ଦେଶ ମଧ୍ୟରେ ୨୫ଟି ମ୍ୟାଚ ଖେଳାଯାଇଥିବା ବେଳେ ଭାରତ ୧୪ଟି ଏବଂ ନ୍ୟୁଜିଲାଣ୍ଡ ୧୦ଟିରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ ବିନା ଫଳାଫଳରେ ଶେଷ ହୋଇଛି। ରେକର୍ଡ ଦୃଷ୍ଟିରୁ ଉଭୟ ଏକଦିବସୀୟ ଓ ଟି୨୦ରେ ଭାରତ ପଲା ଭାରି ରହିଛି। ବିଶ୍ୱକପ୍ ପୂର୍ବରୁ ଦୁଇ ଶକ୍ତିଶାଳୀ ଟିମ୍ ମଧ୍ୟରେ ଲଢେଇ ବେଶ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଏ। ଭାରତ ଟି୨୦ ର୍ୟାଙ୍କିଂରେ ଏବେ ନମ୍ବର ୱାନ ଥିବାବେଳେ ବ୍ୟାଟର ଅଭିଷେକ ଶର୍ମା ଏବଂ ବୋଲର ବରୁଣ ଚକ୍ରବର୍ତ୍ତୀ ନଂ୧ ସ୍ଥାନରେ ରହିଛନ୍ତି।



ମାଇକେଲ ବ୍ରାସ୍‌ୱେଲ



ମିଚେଲ ସାଣ୍ଟନର

ଶୁବମନ ଗିଲ

ସୂର୍ଯ୍ୟକୁମାର ଯାଦବ

# ସାମାଜିକ ବାଧାକୁ ସଫଳ ଗୋଲକିପର

## ପ୍ରଭିନ କୁମାରୀଙ୍କ ସଂଘର୍ଷପୂର୍ଣ୍ଣ ଯାତ୍ରା

**ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଅନେକ ଖେଳାଳି ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଚର୍ଚ୍ଚାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ହିମାଚଳ ପ୍ରଦେଶର ମହିଳା ବିଚ୍ ସକ୍କର ଗୋଲକିପର ପ୍ରଭିନ କୁମାରୀ। ଅନେକ ସାମାଜିକ ବାଧାର ସମ୍ମୁଖୀନ ହୋଇଥିବା ପ୍ରଭିନ ଏବେ ହିମାଚଳ ପ୍ରଦେଶ ମହିଳା ବିଚ୍ ଫୁଟ୍‌ବଲ ଅଭିଯାନର ପ୍ରମୁଖ ଚେହେରା...**



ପ୍ରଭିନ କୁମାରୀ

ଡିଉର ଘୋଘଲା ବିଚ୍‌ରେ ଚାଲିଛି ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ଦ୍ୱିତୀୟ ସଂସ୍କରଣ। ନୀଳ ସମୁଦ୍ର ତଟଦେଶର ବାଲି ଶଯ୍ୟା ଉପରେ ଚାଲିଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅନେକ ଖେଳାଳି ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଚର୍ଚ୍ଚାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ହିମାଚଳ ପ୍ରଦେଶର ମହିଳା ବିଚ୍ ସକ୍କର ଗୋଲକିପର ପ୍ରଭିନ କୁମାରୀ। ଅନେକ ସାମାଜିକ ବାଧାର ସମ୍ମୁଖୀନ ହୋଇଥିବା ପ୍ରଭିନ ଏବେ ହିମାଚଳ ପ୍ରଦେଶ ମହିଳା ବିଚ୍ ଫୁଟ୍‌ବଲ ଦଳର ପ୍ରମୁଖ ଚେହେରା। ଲଢୁଆ ମନୋବୃତ୍ତିଲାଗି ବେଶ୍ ଜଣାଶୁଣା ପ୍ରଭିନ୍ ସାମାଜିକ ପ୍ରତିରୋଧ, ସ୍ୱଳ୍ପ ସମ୍ବଳ, ବ୍ୟକ୍ତିଗତ ସଂଘର୍ଷ ଭଳି ଅନେକ ବାଧାକୁ ପଛରେ ପକାଇ ହିମାଚଳ ପ୍ରଦେଶକୁ ସେମିଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଦଳ ଯଦିଓ ସେମିଫାଇନାଲରେ ଓଡ଼ିଶା ନିକଟରୁ ହାରି ଯାଇଛି ତେବେ ତାଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଚର୍ଚ୍ଚାରେ ରହିଛି।

୨୬ ବର୍ଷୀୟା ପ୍ରଭିନଙ୍କର ଛୋଟ ବେଳରୁ କଦାପି ହାର ନ ମାନିବା ମନୋଭାବ ନଜରକୁ ଆସିଥିଲା। ଆଗକୁ ବଢ଼ିବା ସହ ସେ କ୍ରମେ ସଫଳତା ପାଇ ଜାତୀୟ ଦଳର ସଦସ୍ୟା ହେଲେ। ବିଚ୍‌ର ବାଲି ଉପରେ ଗୋଲକିପିଂ କଷ୍ଟସାଧ୍ୟ ବ୍ୟାପାର ହୋଇଥିଲେ ମଧ୍ୟ ପ୍ରଭିନ ଦକ୍ଷତା ବଳରେ ହିମାଚଳ ପ୍ରଦେଶକୁ ଏକ ଐତିହାସିକ ବିଜୟରୁ ଅଭିଯାନ କରିବାକୁ ସୁଯୋଗ ଦେଇଥିଲେ। ଗୋଡ଼ରେ ଆଘାତ ଲାଗିବା ସତ୍ତ୍ୱେ ସେ ନିଜର ପଦାର୍ପଣ ବିଚ୍ ଫୁଟବଲ ମ୍ୟାଚ୍‌ରେ ପଛୁଆ ଥିବା ହିମାଚଳ ପ୍ରଦେଶ ମହିଳା ଦଳକୁ ଦାଦ୍ରା ଓ ନଗର ହାଭେଲି ଏବଂ ଡାମନ ଓ ଡିଉ (ଡିଏନ୍‌ଏଚ୍ ଓ ଡିଡି) ବିପକ୍ଷ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚଖାଇଥିଲେ। ମ୍ୟାଚ୍‌ରେ ପ୍ରଭିନ ଅନେକ ଗୁରୁତ୍ୱପୂର୍ଣ୍ଣ ସେଭ୍ କରିଥିଲେ। ଯାହାଫଳରେ ହିମାଚଳ ପ୍ରଦେଶ ୭-୫ ଗୋଲରେ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଥିଲା।

ହିମାଚଳ ପ୍ରଦେଶର ଉନା ଜିଲାର ଖାଟଗାଓଁ ଗ୍ରାମରେ ଦିନମଜୁରିଆ ପରିବାରରେ ପ୍ରଭିନଙ୍କ ଜନ୍ମ। ଭାଇ ଭଉଣୀଙ୍କ ମଧ୍ୟରେ ସବୁଠୁ ସାନ ପ୍ରଭିନ ଏବେ ଘରର ଦାୟିତ୍ୱ ନେବା ସହ ପରିବାର ଚଳାଇବାରେ ସହଯୋଗ କରୁଛନ୍ତି। ନିଜ ଅଭିଳାଷକୁ ପୂରା କରିବା ସହ ପାରିବାରିକ ଦାୟିତ୍ୱ ତୁଲାଇବା ପାଇଁ ସେ ଏବେ ଉନାରେ ଏକ ବେସରକାରୀ ସ୍କୁଲରେ ଶାରୀରିକ ଶିକ୍ଷା ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। କ୍ରୀଡ଼ାରେ ତାଙ୍କ ଏଣ୍ଟ୍ରି ଖୁବ୍ ବିବାଦୀୟ ରହିଥିଲା। ଯେଉଁ ସମୟରେ ତାଙ୍କ ଗାଁରେ କ୍ରୀଡ଼ା କ୍ଷେତ୍ରରେ ମହିଳାଙ୍କ ଭାଗୀଦାରିକୁ ନାପସନ୍ଦ କରାଯାଉଥିଲା ସେତେବେଳେ ସେ ପୁରୁଷ ଖେଳାଳିଙ୍କ ସହ ଅଭ୍ୟାସ ଆରମ୍ଭ କରିଥିଲେ। ସାମାଜିକ ପ୍ରତିରୋଧ ଓ ସମ୍ବଳର ଅଭାବ ତାଙ୍କୁ ନିଜ ସ୍ୱପ୍ନ ପୂରା କରିବାରେ ରୋକିପାରି ନ ଥିଲା। ବ୍ୟକ୍ତିଗତ ନିର୍ଣ୍ଣୟ ଭାବେ ଯାହା ଆରମ୍ଭ ହୋଇଥିଲା, ତାହା ଧୀରେ ଧୀରେ ସାମୂହିକ ବିଶ୍ୱାସରେ ପରିଣତ ହୋଇଥିଲା। ଧୀରେ ଧୀରେ ସେ ତାଙ୍କ ଆଖପାଖର କିଛି ମହିଳାଙ୍କୁ ଏକଜୁଟ କରିଥିଲେ। ବିନା ସମ୍ବଳ, ମାର୍ଗଦର୍ଶନ ଓ ଅନିୟମିତତାରେ ଆରମ୍ଭ ହୋଇଥିବା ଅଭିଯାନରେ ବିଶ୍ୱାସ ଭରପୂର ରହିଥିଲା। 'ଜୀବନ ସହଜ ନୁହେଁ। ମୁଖ୍ୟତଃ କ୍ରୀଡ଼ାକ୍ଷେତ୍ରରେ କ୍ୟାରିୟରର କରିବାକୁ ଚାହୁଁଥିବା ମହିଳାଙ୍କ ଲାଗି। ୧୦ ବର୍ଷ ତଳେ ମୁଁ ଯେତେବେଳେ ଟ୍ରେନିଂ ଆରମ୍ଭ କରୁଥିଲି, ଆମ ଗାଁରେ କେବଳ ପୁରୁଷ ଖେଳାଳିଙ୍କୁ ଉତ୍ସାହିତ କରାଯାଉଥିଲା। ସେତେବେଳେ ମହିଳାଙ୍କ ଲାଗି କୌଣସି ସ୍ଥାନ ନ ଥିଲା। ମୁଁ ପୁରୁଷ ଖେଳାଳିଙ୍କ ସହ ଟ୍ରେନିଂ ଆରମ୍ଭ କରିଥିଲି। କିନ୍ତୁ ପରେ ଖେଳିବା ପାଇଁ ମୋତେ କିଛି ଝିଅ ମିଳିଥିଲେ। ବିନା କୌଣସି ସମ୍ବଳ ଓ ଅନିୟମିତତା ମଧ୍ୟରେ ଆମେ ଟ୍ରେନିଂ ଆରମ୍ଭ କରିଥିଲୁ। କିନ୍ତୁ ଆମେ ପରବର୍ତ୍ତୀ ପିଢ଼ିର ମହିଳାଙ୍କ ଲାଗି ଉଦାହରଣ ସୃଷ୍ଟି କରିବାକୁ ଚାହୁଁଥିଲୁ। ଧୀରେ ଧୀରେ ସବୁକିଛି ଠିକ୍ ହୋଇଥିଲା। ବର୍ତ୍ତମାନ ଆମ ପାଖରେ ଏକ ସମ୍ପୂର୍ଣ୍ଣ ଦଳ ରହିଛି ଏବଂ ଆମେ ନିୟମିତ ଭାବେ ସ୍ଥାନୀୟ ଟୁର୍ନାମେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରୁଛୁ' ବୋଲି ପ୍ରଭିନ ପ୍ରକାଶ କରିଥିଲେ।

ଏହି ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବା ପାଇଁ ଦଳକୁ ୧୦ ଦିନ ଧରି ସ୍ୱତନ୍ତ୍ର ଭାବେ ବାଲିରେ ପ୍ରସ୍ତୁତ ପଡ଼ିଆରେ ଖେଳିବାକୁ ପଡ଼ିଥିଲା। କିନ୍ତୁ ସମୁଦ୍ର କୂଳରେ ଖେଳିବା ଖେଳାଳିଙ୍କ ଲାଗି ଏକ ଚ୍ୟାଲେଞ୍ଜ। କାରଣ ଏହି ଖେଳ ଫିଲ୍ଡରେ ଖେଳାଯାଉଥିବା ଫୁଟ୍‌ବଲଠାରୁ ଅଧିକ ଦ୍ରୁତ ଏବଂ ଖେଳାଳିମାନେ ଶୀଘ୍ର କ୍ଳାନ୍ତ ହୋଇପଡ଼ନ୍ତି। ତେବେ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ଭଲ ପାଉଥିବା ପ୍ରଭିନ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଅନ୍ୟମାନଙ୍କ ଲାଗି ଉଦାହରଣ ପାଲଟି ଯାଇଛନ୍ତି।

## ସାକ୍ଷୀ

ସ୍ପୋର୍ଟ ଜର୍ନାଲିଷ୍ଟ
ଆସୋସିଏଶନ୍‌ର
(ଓସ୍‌ଜା) ପ୍ରାଇଜ ପାଇଁ
ମନୋନୀତ ଯୁବ ଭାର ଉତ୍ତୋଳିକା
ରାଜ୍ୟ ପ୍ରୀତିସ୍ମିତା ଭୋଇ
ନିଷ୍ଠା ଓ ସାଧନା ନେଇ
ଜାତୀୟ ଓ ଅନ୍ତର୍ଜାତୀୟରେ ବେଷ୍ଟ
ନିରନ୍ତର ପଦକ ପାଇ।

ଓପନର ସ୍ମୃତି, ଶେଫାଳୀ ବର୍ମାଙ୍କ
ଓପନିଂ ଭାଗୀଦାରି
ରେଣୁକା ସିଂଙ୍କ କମାଲ ବୋଲିଂ
ଦୀପ୍ତି ବ୍ୟାଟିଂ ଯାଦୁକରି
ଲଙ୍କାନ ପାରିଲା ଧରି
ହରମନ ପ୍ରୀତ୍ କୌର ଟିମ୍ ବେଷ୍ଟ
ଟି୨୦ ସିରିଜ୍ ଧରି।

ଉତ୍ତରାଖଣ୍ଡର ରୁଦ୍ରପୁରଠାରେ
ଟ୍ରାକ ସାଇକ୍ଲିଂ ଶେଷ
ପାଞ୍ଚ ଇଭେଣ୍ଟରେ ପାଞ୍ଚ ପଦକ
ସାଇକ୍ଲିଷ୍ଟ ସ୍ୱସ୍ତି ଯଶ
ଗୁଡବାଏ ପୁରୁଣା ବର୍ଷ
ସାକ୍ଷୀ ଦି' ହଜାର ପଚିଶ ମସିହା
ସ୍ୱାଗତମ୍ ନୂଆବର୍ଷ।

–ସୁବାସ ଚନ୍ଦ୍ର ପ୍ରଧାନ




# ୩ୟ ଟାଇଟଲ ଲକ୍ଷ୍ୟରେ ମୁମ୍ବାଇ



ଡବ୍ଲ୍ୟୁପିଏଲ୍ ଆରମ୍ଭ ପୂର୍ବରୁ ଖବରଦାତା ସମ୍ମିଳନୀରେ ସ୍ମୃତି ମନ୍ଧାନା ଓ ହରମନପ୍ରୀତ୍ କୌର।

**ନଭି ମୁମ୍ବାଇ,୮।୧(ପି.ଟି.)**

ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଶୁକ୍ରବାରଠାରୁ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ତୃତୀୟ ଟାଇଟଲ ଲକ୍ଷ୍ୟରେ ଥିବା ହରମନପ୍ରୀତ କୌରଙ୍କ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଓ ୨୦୨୪ ସଂସ୍କରଣର ଚାମ୍ପିୟନ ସ୍ମୃତି

**ଆଜିଠୁ ଡବ୍ଲ୍ୟୁପିଏଲ୍**

ମନ୍ଧାନାଙ୍କ ନେତୃତ୍ୱାଧୀନ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) ପରସ୍ପରକୁ ଭେଟିବେ। ଡବ୍ଲ୍ୟୁପିଏଲ୍‌ର ଏହି ସଂସ୍କରଣ ଦୁଇ ପର୍ଯ୍ୟାୟରେ ଯଥାକ୍ରମେ ନଭି ମୁମ୍ବାଇ ଓ ଭଦୋଦରାରେ ହେବ। ଏହି ଲିଗ୍ ଜରିଆରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଖେଳାଳିମାନେ ଆସନ୍ତା ଜୁନ ଓ ଜୁଲାଇରେ ଇଂଲଣ୍ଡରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ପ୍ରସ୍ତୁତି କରିବେ।

ମୁମ୍ବାଇ ଦଳରେ ହରମନଙ୍କ ସହ ଇଂଲଣ୍ଡର ଅଧିନାୟିକା ନାଟ ସ୍କିଭର-ବ୍ରୁଣ୍ଟ, ୱେଷ୍ଟଇଣ୍ଡିଜର ହେଲି ମାଥ୍ୟୁସ, ନ୍ୟୁଜିଲାଣ୍ଡର ଆମେଲିଆ କେର, ଅଷ୍ଟ୍ରେଲିଆର ମିଲି ଇଲିଂୱର୍ଥ ଓ ଭାରତର ଅମନଜୋତ କୌରଙ୍କ ଭଳି ଷ୍ଟାର ଖେଳାଳି ରହିଛନ୍ତି। ଜି କମଲିନୀଙ୍କ ଉପସ୍ଥିତି ଯୋଗୁ ପ୍ଲେଇଂ ଇଲେଭେନ ଚୟନ କରିବା ମୁମ୍ବାଇ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇପାରେ। ଶବନିମ ଇସମାଇଲ ଓ ସାଇକା ଇଶାକଙ୍କ ଭଳି ଖେଳାଳି ବୋଲିଂ ବିଭାଗ ସମ୍ଭାଳିବେ।

ଭାରତର ଷ୍ଟାର ବ୍ୟାଟର ଜେମିମା ରୋଡ୍ରିଗ୍ସ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ମଙ୍ଗ ସମ୍ଭାଳିଛନ୍ତି। ଏହି ଦଳ ଗତ ୩ ସିଜନର ଫାଇନାଲରେ ପରାସ୍ତ ହୋଇଛି। ଏଥର ଦଳ ପାଖରେ ଶେଫାଳି ବର୍ମା, ସ୍ନେହ ରାଣା, ଶ୍ରୀ ଚରନୀ, ଲୌରା ୱୋଲଭାର୍ଡଟ, ମାରିଜନେ କାପ, ଆଲାନା କିଙ୍ଗଙ୍କ ଭଳି ଖୁବ ବିପଦଜନକ ଖେଳାଳି ରହିଛନ୍ତି, ଯେଉଁମାନେ ଦଳକୁ ପ୍ରଥମ ଟ୍ରଫି ଜିତାଇପାରନ୍ତି।

ଆରସିବି ଦଳର ପ୍ରଦର୍ଶନ ଚଳିତ ସଂସ୍କରଣରେ କେଉଁ ଭଳି ରହିବ, ତାହା ମୁଖ୍ୟତଃ ଅଧିନାୟିକା ମନ୍ଧାନାଙ୍କ ଉପରେ ନିର୍ଭର କରେ। ଏଥର ଦଳ ପାଖରେ କିମ୍ବଦନ୍ତୀ ଏଲିସି ପେରୀ ନାହାନ୍ତି। ମାତ୍ର ଅଷ୍ଟ୍ରେଲିଆର ଜର୍ଜିଆ ୱଲ, ଅଲରାଉଣ୍ଡର ଗ୍ରେସ ହାରିସ ଓ ଦକ୍ଷିଣ ଆଫ୍ରିକାର ନାଦିନ ଡି କ୍ଲର୍କ, ରିଚା ଘୋଷ ଦଳର ବ୍ୟାଟିଂ ବିଭାଗ ସମ୍ଭାଳିବେ। ବୋଲିଂ ବିଭାଗରେ ଅରୁନ୍ଧତି ରେଡ୍ଡୀ, ପୂଜା ଭସ୍ତ୍ରକାର, ଲୌରେନ ବେଲ, ଲିନସି ସ୍ମିଥ, ରାଧା ଯାଦବ ଓ ଶ୍ରେୟଙ୍କା ପାଟିଲଙ୍କ ଭଳି ବିକଳ୍ପ ରହିଛନ୍ତି।

ପ୍ରଥମ ଦୁଇ ସିଜନରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଗୁଜରାଟ ଜାଏଣ୍ଟ୍ସ ଗତ ବର୍ଷ ପ୍ଲେଅଫ୍ ଖେଳିଥିଲା। ଏଥର ଆଶଲେ ଗାର୍ଡନରଙ୍କ ନେତୃତ୍ୱାଧୀନ ଦଳରେ ରେଣୁକା ସିଂ ଠାକୁର, ରାଜେଶ୍ୱରୀ ଗାଏକ୍ୱାଡ, ୟଶତିକା ଭାଟିଆ, ବେଥ ମୁନି, ସୋଫି ଡିଭାଇନ, କିମ ଗାର୍ଥ, ଜର୍ଜିଆ ୱାରହାମଙ୍କ ଉପସ୍ଥିତି ଦଳର ଶକ୍ତି ବୃଦ୍ଧି କରିଛି।

ଏପର୍ଯ୍ୟନ୍ତ ଡବ୍ଲ୍ୟୁପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିବା ୟୁପି ୱାରିଅର୍ସ ଦଳରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଏଥର ଦଳର ନେତୃତ୍ୱ ଭାର ମେଗ ଲାନିଂଙ୍କୁ ଦିଆଯାଇଥିବା ବେଳେ ଦଳରେ ପ୍ରତିକା ରାୱଲ, ଫୋଏବେ ଲିଚ୍‌ଫିଲ୍ଡ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, କ୍ଲୋ ଟ୍ରିଅନ, ଡିଆଣ୍ଡ୍ରା ଡଟିନ, ଶିଖା ପାଣ୍ଡେ, କ୍ରାନ୍ତି ଗୌଡ଼, ସୋଫି ଏକଲେଷ୍ଟୋନଙ୍କ ଭଳି ଷ୍ଟାର ଖେଳାଳି ରହିଛନ୍ତି। ତେବେ ଶିପ୍ରା ଗିରିଙ୍କ ଛଡ଼ା ଦଳରେ ଅନ୍ୟ କୌଣସି ଉଇକେଟକିପରଙ୍କ ଅଭାବ ଓ ଆହତ ସମସ୍ୟା ଦେଇ ଗତି କରୁଥିବା ପ୍ରତିକାଙ୍କୁ ଫିଟ୍‌ନେସ କ୍ଲିଅରାନ୍ସ ନ ମିଳିବା ଦଳର ସମସ୍ୟା ବଢ଼ାଇପାରେ।

**ସମୟଃ ସନ୍ଧ୍ୟା ୭:୩୦**
**ପ୍ରସାରଣଃ ଜିଓ ହଟଷ୍ଟାର/ଷ୍ଟାର ସ୍ପୋର୍ଟ୍ସ**

# ଓଡ଼ିଶା ଓପନ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ୧୬ରୁ




ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି କର୍ମକର୍ତ୍ତାଗଣ।

**ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ଇ-ସ୍ପୋର୍ଟସ୍ ଆସୋସିଏଶନ୍ ଅଫ୍ ଓଡ଼ିଶା ଏବଂ ସୋଆ ବିଶ୍ୱବିଦ୍ୟାଳୟର ସହଯୋଗରେ ୧୬ତମ ଓଡ଼ିଶା ଓପନ ଆନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ ଚଳିତ ମାସ ୧୬ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ହେବାକୁଥିବା ଏହି ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ୨୦ ଦେଶର ଖେଳାଳି ଅଂଶଗ୍ରହଣ କରିବେ। ଅତିକମ୍‌ରେ ୧୫ ଗ୍ରାଣ୍ଡମାଷ୍ଟର ଓ ଅନ୍ତର୍ଜାତୀୟ ମାଷ୍ଟର ଏଥିରେ ଭାଗନେବେ। ୪ ବର୍ଗରେ ହେବାକୁ ଯାଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତାଲାଗି ମୋଟ ୪୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏଓସିଏ ସମ୍ପାଦକ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ଏଥର ଏହି ପ୍ରତିଯୋଗିତା ସହ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରି ସହବନ୍ଧିତ ହୋଇଛି। କାଟେଗୋରି 'ଏ'ରେ ୧୯୦୦ ରେଟିଂରୁ ଊର୍ଦ୍ଧ୍ୱ, 'ବି'ରେ ୧୯୦୦ରୁ କମ୍, 'ସି'ରେ ୧୭୦୦ରୁ କମ୍ ରେଟିଂପ୍ରାପ୍ତ ଖେଳାଳି ଭାଗନେବେ। ଓପନ ବ୍ଲିଜ୍‌ରେ 'ଡି' ବର୍ଗ ପ୍ରତିଯୋଗିତା ହେବ। 'ଏ' ବର୍ଗଲାଗି ୨୫ ଲକ୍ଷ, 'ବି' ବର୍ଗରେ ୯, 'ସି' ବର୍ଗରେ ୯ ଏବଂ 'ଡି' ବର୍ଗଲାଗି ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରିର ସଭାପତି ରୋଟାରିଆନ ସୁଜିତ କୁମାର ରାଉତ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ରାଜୀବ ଶେଖର ସାହୁ, ଇ-ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶା ସମ୍ପାଦକ ତଥା ଟୁର୍ନାମେଣ୍ଟ କମିଟିର ସଦସ୍ୟ ଅଭିଷେକ ମିତ୍ର, ଟୁର୍ନାମେଣ୍ଟ ଲୋକ ସମ୍ପର୍କ ଅଧିକାରୀ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଠୋର ଶ୍ରୀଲଙ୍କା ବ୍ୟାଟିଂ କୋଚ୍

**କଲମ୍ବୋ, ୮।୧ (ପି.ଟି.)**



ବିକ୍ରମ ରାଠୋର

ଫେବୃଆରୀ ୭ରୁ ଆରମ୍ଭ ହେବାକୁଥିବା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଗୁରୁବାର ଭାରତର ପୂର୍ବତନ ବ୍ୟାଟିଂ କୋଚ୍ ବିକ୍ରମ ରାଠୋରଙ୍କୁ ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତି ଦେଇଛି ଶ୍ରୀଲଙ୍କା। ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ବିଶ୍ୱକପ୍ ଆୟୋଜନ କରୁଛନ୍ତି। ରାଠୋର ଜାନୁଆରୀ ୧୮ରେ ଦାୟିତ୍ୱ ଗ୍ରହଣ କରିବେ। ସେ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ରାଠୋର ହେଉଛନ୍ତି ଭାରତର ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି। ଦେଶ ତରଫରୁ ସେ ୬ଟି ଟେଷ୍ଟ ମ୍ୟାଚ ଓ ୭ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ୫୬ ବର୍ଷୀୟ ରାଠୋର ହେଉଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଲେଭଲ-୩ କୋଚ୍। ସେ ୨୦୧୯ ସେପ୍ଟେମ୍ବରରୁ ୨୦୨୪ ଜୁଲାଇ ପର୍ଯ୍ୟନ୍ତ ଭାରତ ବ୍ୟାଟିଂ କୋଚ୍ ଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସେ ରାଜସ୍ଥାନ ରୟାଲ୍ସର ଜଣେ ସପୋର୍ଟ ଷ୍ଟାଫ୍।

# ପରାଜୟରୁ ଓଡ଼ିଶାର ଅଭିଯାନ ଶେଷ

**ଅଲୁର,୮।୧**

ଚଳିତ ବିଜୟ ହଜାରେ ଟ୍ରଫିରେ ଗୁରୁବାର ଖେଳାଯାଇଥିବା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ରେଲୱେଠାରୁ ପରାସ୍ତ ହୋଇଛି। ଏହି ପରାଜୟ ଯୋଗୁ ଗ୍ରୁପ-ଡି'ରେ ଓଡ଼ିଶା ୭ ମ୍ୟାଚ୍‌ରେ ୩ ବିଜୟ ଓ ୧୨ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

**ବିଜୟ ହଜାରେ ଟ୍ରଫି**

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଓଡ଼ିଶା ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ଏକଦା ୭୨ ରନ ମଧ୍ୟରେ ପ୍ରମୁଖ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସ୍ଥିତିରେ ସମ୍ବିତ ଏସ୍ ବରାଳ (୫୦ ରନ, ୩ ଚୌକା ଓ ୧ ଛକା) ଓ ଅଧିନାୟକ ବିପ୍ଳବ ସାମନ୍ତରାୟ (୪୩ ରନ, ୨ ଚୌକା ଓ ୧ ଛକା) ପଞ୍ଚମ ଉଇକେଟରେ ୮୦ ରନ ଯୋଡ଼ିଥିଲେ। ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ପରେ ସୌମ୍ୟ ରଞ୍ଜନ ଲେଙ୍କା (୫୬ ରନ୍, ୫ ଚୌକା ଓ ୪ ଛକା) ଏକାକୀ ଦଳୀୟ ସ୍କୋରକୁ ୨୫୦ ଅତିକ୍ରମ କରାଇଥିଲେ। ଓଡ଼ିଶା ୪୯.୫ ଓଭରରେ ୨୫୧ ରନରେ ଅଲଆଉଟ୍ ହୋଇଯାଇଥିଲା। ରେଲୱେ ପକ୍ଷରୁ ବରୁନ ଓ ରାଜ ଚୌଧାରୀ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସାହାବ ଯୁବରାଜଙ୍କ ଅପରାଜିତ ୧୧୮ (୧୧ ଚୌକା ଓ ୨ ଛକା) ରନର ପାଳି ବଳରେ ରେଲୱେ ୪୫.୨ ଓଭରରେ ୫ ଉଇକେଟ ହରାଇ ୨୫୪ ରନ କରି ନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୁବେର ଅଲୀ ଖାନ ଅପରାଜିତ ୬୫ (୩ ଚୌକା ଓ ୫ ଛକା) ରନ କରିଥିଲେ। ଓଡ଼ିଶାର ବୋଲରଙ୍କ ମଧ୍ୟରେ ଗୋବିନ୍ଦ ପୋଦ୍ଦାର ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୪୯.୫ ଓଭରରେ ୨୫୧/ଅଲଆଉଟ୍ (ସୌମ୍ୟ ରଞ୍ଜନ ଲେଙ୍କା-୫୬, ସମ୍ବିତ ଏସ୍ ବରାଳ-୫୦, ବିପ୍ଳବ ସାମନ୍ତରାୟ-୪୩, ରାଜ ଚୌଧାରୀ-୩/୩୨, ବରୁନ-୩/୫୩)। ରେଲୱେ: ୪୫.୨ ଓଭରରେ ୨୫୪/୫ (ସାହାବ ଯୁବରାଜ-୧୧୮*, ଜୁବେର ଅଲୀ ଖାନ-୬୫*, ଗୋବିନ୍ଦ ପୋଦ୍ଦାର-୨/୪୬)।

# ତିଳକ ବର୍ମାଙ୍କ ଅସ୍ତ୍ରୋପଚାର

**ନୂଆଦିଲ୍ଲୀ, ୮।୧ (ପି.ଟି.)**

ଭାରତୀୟ ବ୍ୟାଟର ତିଳକ ବର୍ମାଙ୍କ ଅସ୍ତ୍ରୋପଚାର କରାଯାଇଛି। ତାଙ୍କର ଗ୍ରୋଇନ୍ ସମସ୍ୟା



ରହିଥିଲା। ସେ ଖୁବ୍ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହି କାରଣରୁ ସେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳିପାରିବେ ନାହିଁ। ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ର କେତୋଟି ମ୍ୟାଚରେ ମଧ୍ୟ ସେ ଖେଳି ନ ପାରନ୍ତି। ରାଜକୋଟଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଦିନିକିଆ ଚାମ୍ପିୟନଶିପ୍‌ରେ ସେ ହାଇଦ୍ରାବାଦ ତରଫରୁ ଖେଳୁଥିବା ବେଳେ ଟେଷ୍ଟିକୁଲାର ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଗୋକୁଳ ହସ୍ପିଟାଲରେ ଭର୍ତ୍ତି କରାଯାଇ ତାଙ୍କର ସ୍କାନ୍ କରାଯାଇଥିଲା। ତୁରନ୍ତ ଅସ୍ତ୍ରୋପଚାର ପାଇଁ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ତିଳକଙ୍କ ଅସ୍ତ୍ରୋପଚାର ସଫଳ ହୋଇଛି। ତାଙ୍କର ଉନ୍ନତି ଘଟୁଛି। ନ୍ୟୁଜିଲାଣ୍ଡ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ନାଗପୁରରେ ଜାନୁଆରୀ ୨୧ରୁ ଆରମ୍ଭ ହେବ।


# ଇଷ୍ଟକୋଷ୍ଟ ଖୋର୍ଦ୍ଧା, କଟକ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

**ଭଦ୍ରକ,୮।୧(ସନାତନ ରାଉତ)**

ଭଦ୍ରକ ଚରମ୍ପା ରେଲ୍‌ୱେ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ଦିବସରେ ୨ଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍‌ରେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲ୍‌ୱେ ଯାଜପୁର ଇଲେଭେନ୍ ଷ୍ଟାରକୁ ୬ ଉଇକେଟ୍‌ରେ ହରାଇଥିବା

**ମହାବୀର କପ୍**

ବେଳେ ଦ୍ୱିତୀୟ ମ୍ୟାଚ୍‌ରେ କଟକ ଜୁଭେନାଇଲ ଦଳକୁ ୩ ଉଇକେଟ୍‌ରେ ହରାଇ କଟକ ରାଇଜିଂ ଷ୍ଟୁଡେଣ୍ଟ ଟିମ୍ ବିଜୟୀ ହୋଇଛି। ଇଷ୍ଟକୋଷ୍ଟ ରେଲ୍‌ୱେ ଟସ୍ ଜିତି ଫିଲ୍ଡିଂ କରିଥିଲା। ଯାଜପୁର ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୪୧ ରନ୍ କରିଥିଲା। ଦଳ ପକ୍ଷରୁ ଆତିଫ୍ ଗୁଲ୍‌ଜାର ୩୨ ରନ୍ କରିଥିବା




ଅଭିଷେକ କୁମାର ଯାଦବ ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ବେଳେ ସରତାଜ୍ ୨୮ ରନ୍ କରିଥିଲେ। ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ମଳୟ କୁମାର ଜେନା ଓ ଜୟନ୍ତ କୁମାର ବେହେରା ଦୁଇଟି ଲେଖାଏ ଉଇକେଟ୍ ନେଇଥିଲେ। ଇଷ୍ଟକୋଷ୍ଟ ରେଲ୍‌ୱେ ୧୩.୪ ଓଭରରେ ୪ ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ୧୪୨ ରନ୍ ହାସଲ କରିଥିଲା। ଦଳ ପକ୍ଷରୁ ଅଭିଷେକ କୁମାର ଯାଦବ ୪୪ ଓ ଗିରିଜା ରାଉତ ୩୮ ରନ୍ କରିଥିଲେ। ଅଭିଷେକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କଟକ ଜୁଭେନାଇଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ୧୨୮ ରନ୍ କରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ୨୮ ରନ୍ ଓ ବାଦଲ କୁମାର ମଲ୍ଲିକ ୨୫ ରନ୍ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ପ୍ରଜ୍ୱଳ ଲାହା ଓ ବିଶ୍ୱଜିତ୍ ମହାପାତ୍ର ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୧୮.୩ ଓଭରରେ ବିଶ୍ୱଜିତ୍ ମୁଖାର୍ଜୀଙ୍କ ୫୨ରନ୍ ସହାୟତାରେ ୭ ଉଇକେଟ୍ ହରାଇ ୧୩୦ ରନ୍ କରି ବିଜୟୀ ହୋଇଥିଲା। ବିଶ୍ୱଜିତ୍ ମୁଖାର୍ଜୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଅତିଥି ଭାବେ ଭଦ୍ରକ ଜିଆର୍‌ପି ଇନ୍ସପେକ୍ଟର ପପୁ ନାୟକ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ଦେବବ୍ରତ ଦାଶ ଓ ସତ୍ୟବ୍ରତ ଜେନା ମ୍ୟାଚ୍ ପରିଚାଳନା କରିଥିବା ବେଳେ ରାଜେଶ ନାୟକ ରେଫରି ଓ କରନ ଖାନ୍ ସ୍କୋରର ଥିଲେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ